R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୪
ତିଥି : ଦ୍ୱାଦଶୀ
୨୯ ଅକ୍ଟୋବର ୨୦୨୪, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

# ଆସନ୍ତା ବର୍ଷ ଜନଗଣନା!



### ୨୦୨୬ ସୁଦ୍ଧା ଶେଷ କରିବାକୁ ଯୋଜନା
### ହୋଇପାରେ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ
### ଜାତିଗତ ଜନଗଣନା ନେଇ ସ୍ପଷ୍ଟତା ଆସିନି

ନୂଆଦିଲ୍ଲୀ, ୨୮।୧୦ : ଆଗାମୀ ବର୍ଷ ଜନଗଣନା କରାଯିବ । ବିଳମ୍ବିତ ହୋଇଥିବା ଜନଗଣନାକୁ ଆସନ୍ତା ବର୍ଷ କରାଯାଇ ୨୦୨୬ ସୁଦ୍ଧା ଶେଷ କରାଯିବ । ପରେ ଲୋକସଭା ଆସନଗୁଡ଼ିକର ସୀମା ନିର୍ଦ୍ଧାରଣ କରାଯାଇ ଆଗାମୀ ନିର୍ବାଚନ ସୀମା ନିର୍ଦ୍ଧାରଣ ପରେ ଗଠିତ ଆସନରେ କରାଯିବ ବୋଲି ସୂଚନା ମିଳିଛି । ତେବେ ଜାତିଗତ ଜନଗଣନା ହେବ କି ନାହିଁ ସେ ସମ୍ପର୍କରେ ସ୍ପଷ୍ଟତା ଆସିନାହିଁ ।

କରୋନା ମହାମାରୀ ଯୋଗୁ ୨୦୨୧ରେ ହେବାକୁ ଥିବା ଜନଗଣନାକୁ ସ୍ଥଗିତ ରଖାଯାଇଥିଲା । ୨୦୨୫ରୁ ଏହା ଆରମ୍ଭ ହେବ । ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହୋଇଥାଏ । ଯଦି ୨୦୨୫ରେ ହେବ ତାହେଲେ ପରବର୍ତ୍ତୀ ଜନଗଣନା ୨୦୩୫ରେ ହେବ ବୋଲି ସୂଚନା ମିଳୁଛି । ସରକାର ସୀମା ପୁନଃନିର୍ଦ୍ଧାରଣକୁ ଗୁରୁତ୍ୱ ଦେଉଥିବା ଏକ ସୂତ୍ରରୁ ଜଣାପଡିଛି । ଜନଗଣନା ପରେ ମହିଳାମାନଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯିବ । ୨୦୦୨ରେ ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ସମୟରେ ସୀମା ପୁନଃ ନିର୍ଦ୍ଧାରଣ କରାଯାଇଥିଲା । ତେବେ ୨୦୨୬ରେ ପ୍ରଥମ ଜନଗଣନା ରିପୋର୍ଟ ପ୍ରକାଶ (୯ ପୃଷ୍ଠାରେ)

# ଆକାଶମାର୍ଗରୁ ମୁଖ୍ୟମନ୍ତ୍ରୀଙ୍କ ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ



ବାଲେଶ୍ୱର, ୨୮।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଆକାଶ ମାର୍ଗରୁ କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବାତ୍ୟା ଓ ତଦ୍‌ଜନିତ ବନ୍ୟା କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ଏହି ପରିଦର୍ଶନରେ ସାମିଲ ହୋଇଥିଲେ । ଆକାଶମାର୍ଗରୁ ପରିଦର୍ଶନ ପରେ ବାଲେଶ୍ୱର ଠାରେ ବାତ୍ୟା 'ଦାନା' ଓ ତଦ୍‌ଜନିତ ବନ୍ୟା କ୍ଷୟକ୍ଷତି ଆକଳନ ସମ୍ବନ୍ଧୀୟ ଏକ ସମୀକ୍ଷା ବୈଠକ କରିଛନ୍ତି ।

ବାଲେଶ୍ୱର ଡିଆର୍‌ଡିଓ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା

### ବାଲେଶ୍ୱରରେ ସ୍ଥିତିର ସମୀକ୍ଷା କଲେ

ବୈଠକରେ ମୁଖ୍ୟମନ୍ତ୍ରୀ ସମୀକ୍ଷା ସମୟରେ ତାଙ୍କୁ ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତି ଓ ଏହାପରେ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା । (୯ ପୃଷ୍ଠାରେ)






ସମୟ
ସୌରଭ
ମଙ୍ଗଳବାର, ୨୯ ଅକ୍ଟୋବର ୨୦୨୪



## ସୋସିଆଲ କୋଟ୍ସ



ରଣବୀର କପୁର ମେ ଝୁଟି ତୁ ମକ୍କାରର ଗୋଟିଏ ସିନ୍ ପାଇଁ ୩୭ଟି ରିଟେକ୍ ଦେଇଥିଲେ । ସେ ଆହୁରି ରିଟେକ୍ ଦେବାକୁ ପ୍ରସ୍ତୁତ ମଧ୍ୟ ଥିଲେ ।

**ଲଭ୍ ରଞ୍ଜନ, ଫିଲ୍ମମେକର**



ଲୋରେନ୍ସ ଖୁବ ବଦମାସ ଲୋକ, ତେଣୁ ପରିସ୍ଥିତି ଗମ୍ଭୀର ହେବା ଆଗରୁ ସଲମାନଙ୍କୁ କ୍ଷମା ମାଗିନେବାର ଆବଶ୍ୟକତା ରହିଛି । ଲୋରେନ୍ସ କେବେ ବି ତାଙ୍କୁ କ୍ଷତି ପହଞ୍ଚାଇପାରେ ।

**ରାକେଶ ଟିକ୍କାୟତ, କୃଷକ ନେତା**



ମୋର ଓ ଗୋବିନ୍ଦାଙ୍କ ଭିତରେ ଭାଷାଭିତ୍ତିକ ଦୂରତା ଥିଲା । ହେଲେ ଏହାପରେ ବି ଆମେ ଦୁଇଜଣ ଦୁଇଜଣଙ୍କ କଥା ବୁଝି ପାରୁଥିଲୁ ।

**ନିଲମ କୋଠାରୀ, ଅଭିନେତ୍ରୀ**

## ଇତିହାସ ପୃଷ୍ଠାରୁ

୧୮୫୧ – ବେଙ୍ଗଲରେ ବ୍ରିଟିଶ ଇଣ୍ଡିଆନ ଆସୋସିଏସନ୍‌ର ପ୍ରତିଷ୍ଠା ।
୧୮୫୯ – ମରକ୍କୋ ବିରୋଧରେ ସ୍ପେନର ଯୁଦ୍ଧ ଘୋଷଣା ।
୧୯୨୦– ପୂର୍ବତନ ରାଷ୍ଟ୍ରପତି ଜାକିର ହୁସେନଙ୍କ ଦ୍ୱାରା ଜାମିଆ ମିଲିୟା ଇସ୍‌ଲାମିୟାର ସ୍ଥାପନା ।
୧୯୭୮– ପ୍ରସିଦ୍ଧ ଭାରତୀୟ ଚିକିତ୍ସାବିଜ୍ଞାନୀ ବି.ଆର୍. ଖାନୋଲକରଙ୍କ ଦେହାନ୍ତ ।
୧୯୪୨– ବେଲାରୁଷର ପିନସ୍କରେ ୧୬ହଜାର ଇହୁଦୀଙ୍କର ହତ୍ୟା ।
୧୯୪୫– ବିଶ୍ୱର ପ୍ରଥମ ବଲ୍‌ପଏଣ୍ଟ ପେନ୍‌ର ବଜାର ପ୍ରବେଶ ।
୧୯୮୫– ଭାରତୀୟ ବକ୍ସର ବିଜେନ୍ଦ୍ର ସିଂଙ୍କ ଜନ୍ମ ।
୧୯୯୪– ନ୍ୟୁୟର୍କରେ ଭାରତୀୟ ରାଷ୍ଟ୍ରୀୟ ସଂଗ୍ରହାଳୟର ଶୁଭାରମ୍ଭ ।
୨୦୦୫– ଦିଲ୍ଲୀର ବ୍ୟାସ ଅଞ୍ଚଳରେ ସିରିଏଲ୍ ବୋମା ବିସ୍ଫୋରଣରେ ୬୨ ମୃତ ।
୨୦୦୮– ଆସାମ ବୋମା ବିସ୍ଫୋରଣରେ ୬୯ ମୃତ ୩୫୦ ଆହତ ।
୨୦୧୨– ସାଣ୍ଡି ସାମୁଦ୍ରିକ ଝଡ଼ରେ ଆମେରିକାର ୨୮୬ ଲୋକଙ୍କ ମୃତ୍ୟୁ ।
୨୦୨୦– ଅନ୍ତର୍ଜାତୀୟ ଛଉ ନୃତ୍ୟଶିଳ୍ପୀ ଶ୍ୟାମାଚରଣ ପତିଙ୍କ ନିଧନ ।



# ଷ୍ଟ୍ରୋକ୍ : ଆପଣଙ୍କ ହାତରେ ସବୁକିଛି

ପ୍ରତିବର୍ଷ ଅକ୍ଟୋବର ୨୯ରେ ପାଳନ କରାଯାଏ ୱାର୍ଲଡ଼ ଷ୍ଟ୍ରୋକ ଡେ' । ୨୦୦୬ରୁ ୱାର୍ଲଡ଼ ଷ୍ଟ୍ରୋକ୍ ଅର୍ଗାନାଇଜେସନ୍ ଆନୁକୂଲ୍ୟରେ ଏହା ପାଳନ କରାଯାଉଛି । କାନାଡ଼ିଆନ୍ ନ୍ୟୁରୋସାଇନ୍‌ଟିଷ୍ଟ ଡ.ଭ୍ଲାଦିମିର ହାସିନ୍‌ସ୍କି, ପ୍ରଥମେ ଏଥିପାଇଁ ପ୍ରସ୍ତାବ ଦେଇଥିଲେ । ବାର୍ଷିକ ପ୍ରାୟ ଦେଢ଼ କୋଟି ମଣିଷ କୌଣସି ନା କୌଣସି ପ୍ରକାରର ଷ୍ଟ୍ରୋକ୍‌କୁ ସାମ୍ନା କରୁଛନ୍ତି । ଅନଭ୍ୟସ୍ତ ଜୀବନ ଶୈଳୀ ଓ ବେପରୁଆ ଖାଦ୍ୟପେୟ ସହିତ ବିଶ୍ରାମ ଷ୍ଟ୍ରୋକର ବଡ଼ କାରଣ । ସର୍ବପ୍ରଥମେ ନିଜ ପାଇଁ ଏକ ଭଲ ରୁଟିନ ଜୀବନ ନିଜେ ହିଁ ତିଆରି କରନ୍ତୁ । ସୁଷମ ଖାଦ୍ୟ, ତଟକା ପନିପରିବା ସବୁଠାରୁ ଭଲ । ସବୁବେଳେ ଦେଶୀମାଛ ବା ଦେଶୀ ଅଣ୍ଡା ଖାଆନ୍ତୁ । କୌଣସି ପ୍ରକାର ନିଶାଦ୍ରବ୍ୟ ସହ ସମ୍ପର୍କ ରଖନ୍ତୁ ନାହିଁ । ରାତିରେ ନିଶ୍ଚିତ ଭାବରେ ସାତରୁ ଆଠଘା ବିଶ୍ରାମ ନିଅନ୍ତୁ । ସକାଳ ଜଳଖିଆ ଖାଇବା ପାଇଁ ଭୁଲନ୍ତୁ ନାହିଁ। ଫାଷ୍ଟଫୁଡ ଠାରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖିବା ଭଲ ଅଭ୍ୟାସ । ଯୋଗ, ପ୍ରାଣାୟାମ ଓ ବ୍ୟାୟାମ ଆପଣଙ୍କ ପାଇଁ ଅମୃତ ମହୋଷୌଧି ପରି କାମ କରିଥାଏ । ରାତ୍ରି ଭୋଜନ ଜଲଦି ସାରନ୍ତୁ ଏବଂ ଶୋଇବା ପୂର୍ବରୁ କିଛି ସମୟ ଚାଲନ୍ତୁ । ଅନାବଶ୍ୟକ ଟେନସନରୁ ଦୂରେଇ ରୁହନ୍ତୁ । ନିଜ ପାଇଁ ଓ ପରିବାର ପାଇଁ କିଛି ସମୟ କାଢନ୍ତୁ । ଷ୍ଟ୍ରୋକ ସେପରି ଏକ ବିରାଟ ବଡ଼ ରୋଗ ନୁହେଁ ଏବଂ ଏହାର ଚିକିତ୍ସା ମଧ୍ୟ ଆପଣଙ୍କ ହାତରେ ରହିଛି । କିଛି ଉପାଦେୟ ସ୍ୱାସ୍ଥ୍ୟ ରୁଟିନ ନିଜ ପାଇଁ ହିଁ ତିଆରି କରନ୍ତୁ ଓ ଅନୁକରଣ କରନ୍ତୁ ।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ଦୂରଭାଷ : ୯୪୩୭୦୫୧୯୫୭

# ହାତ ଦେଖାନ୍ତୁ !

ଚୀନ ସୁବବେଳେ ନିଜର ଉନ୍ନତ ମାନର ଆବିଷ୍କାର ପାଇଁ ପରିଚିତ । ସେଠାରେ ଏଭଳି ଅନେକ କିଛି ଉଦ୍ଭାବନ ହୋଇଥାଏ, ଯାହା ପୂରା ବିଶ୍ୱକୁ ଚକିତ କରିଥାଏ । ସେହିଭଳି ଏକ ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଭିଡିଓଟି ଏକ ଗ୍ରୋସରି ଦୋକାନର ରହିଛି, ଯେଉଁଠି ଜଣେ ଗ୍ରାହକ କେବଳ ନିଜ ପାମ୍ ବା ପାପୁଲି ବ୍ୟବହାର କରି ଅର୍ଥ ପେମେଣ୍ଟ କରୁଛନ୍ତି । ଏଥିପାଇଁ ତାଙ୍କୁ କୌଣସି ସ୍ମାର୍ଟ ଫୋନ୍ କିମ୍ବା ଇଣ୍ଟରନେଟ୍‌ର ଆବଶ୍ୟକତା ପଡୁନାହିଁ । କେବେଳ ସେମାନଙ୍କୁ ତାଙ୍କ ପାପୁଲିକୁ ରେଜିଷ୍ଟର କରିବାକୁ ହେବ । ଏହା ଆଗକୁ ଗ୍ରାହକଙ୍କ ପାଇଁ ଖୁବ ସହାୟକ ହେବ ବୋଲି ଭିଡିଓରେ ଦର୍ଶାଯାଇଛି । ଭିଡିଓଟିକୁ ପାକିସ୍ତାନର ଜଣେ କଣ୍ଟେଣ୍ଟ କ୍ରିଏଟର ୟୁଟ୍ୟୁବରେ ସେୟାର କରିଛନ୍ତି । ଭିଡିଓଟିକୁ ସୋସିଆଲ ମିଡିଆରେ ଖୁବ ସେୟାର କରାଯାଉଛି ।



# ମାନସିକ ସ୍ୱାସ୍ଥ୍ୟକୁ ବିଗାଡୁଛି ବାୟୁ ପ୍ରଦୂଷଣ



ଶୀତଦିନ ଆସିଲେ ଦିଲ୍ଲୀର ବାୟୁ ପ୍ରଦୂଷଣ ଭୀଷଣ ରୂପ ନେବାକୁ ଲାଗିଥାଏ । ଏହି ସମୟରେ ଏଠାରେ ଥିବା ବାସିନ୍ଦାଙ୍କ ପାଇଁ ଦୈନନ୍ଦିନ କାର୍ଯ୍ୟ କରିବା ମଧ୍ୟ କଷ୍ଟ ହୋଇପଡେ । ସେହିଭଳି ଏଠାରେ ରହୁଥିବା ଲୋକଙ୍କ ନିକଟରେ ବିଭିନ୍ନ ସମସ୍ୟା ଯେପରି କାଶ, ଗଳା ଦରଜ, ଥଣ୍ଡା ଆଦି ଦେଖିବାକୁ ମିଳିଥାଏ । ତେବେ ନିକଟରେ ହୋଇଥିବା ସର୍ଭେ ଅନୁସାରେ କେବଳ ଶାରିରୀକ ନୁହେଁ ପ୍ରଦୂଷଣର ପ୍ରଭାବ ଆମର ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ରହିଛି । ପ୍ରଦୂଷଣ କାରଣରୁ ଲୋକଙ୍କ ନିକଟରେ ଡିପ୍ରେସନ୍, ଆଙ୍ଗ୍‌ଜାଇଟି ଭଳି ମାନସିକ ସମସ୍ୟା ଦେଖିବାକୁ ମିଳୁଛି । ବାୟୁ ପ୍ରଦୂଷଣ କାରଣରୁ ଆମ ଶରୀରରେ ସିଷ୍ଟମେଟିକ୍ ଇନ୍‌ଫ୍ଲାମେସନ ହୋଇଥାଏ । ଯେତେବେଳେ ଆମେ ଦୂଷିତ ବାୟୁକୁ ନିଃଶ୍ୱାସରେ ଗ୍ରହଣ କରିବା, ସେତେବେଳେ ଆମ ବ୍ରେନ୍ ଉପରେ ମଧ୍ୟ ପ୍ରଭାବ ପଡିଥାଏ ବୋଲି ଏହି ରିସର୍ଚ୍ଚରେ ଜଣା ପଡିଛି । ଯେଉଁ କାରଣରୁ ଆମ ଶରୀରରେ ଥିବା ହର୍ମୋନ ଉପରେ ପ୍ରଭାବ ପଡିଥାଏ, ଯାହା ଆଙ୍ଗଜାଇଟି ଓ ଡିପ୍ରେସନର କାରଣ ସାଜିଥାଏ । ତେଣୁ ବର୍ତ୍ତମାନ ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟାକୁ ଗମ୍ଭୀରତାର ସହିତ ନେବାର ଅଛି ।



# ଭାଇରାଲ ଆମ୍ମା

ବର୍ତ୍ତମାନ ଆମେମାନେ ସୋସିଆଲ ମିଡିଆ ଏରାରେ ରହୁଛୁ, ଯେଉଁଠି ବୟସ ଏକ ସଂଖ୍ୟା । ଏଭଳି ଅନେକ ବ୍ୟକ୍ତି ରହିଛନ୍ତି ଯେଉଁମାନେ ପରିଣତ ବୟସରେ ବି ସୋସିଆଲ ମିଡିଆ ଷ୍ଟାର ପାଲଟୁଛନ୍ତି । ସେହିଭଳି ଜଣେ ବୃଦ୍ଧା ହେଲେ କର୍ଣ୍ଣାଟକର ଲକ୍ଷ୍ମୀ ମାସ୍ତପ୍ପା ନାଇକ୍ । ଏହି ବୃଦ୍ଧାଙ୍କର ବୟସ ୯୦ ହେଲେ ସେ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛନ୍ତି ତାଙ୍କ ରିଲ୍ସ ପାଇଁ । ଆଖିକୁ ଦେଖାଯାଉନଥିବା ଓ କାନକୁ ଶୁଣା ଯାଉନଥିବା ଏହି ବଦ୍ଧା ଜଣଙ୍କ ନିଜ ନାତିଙ୍କ ନିର୍ଦ୍ଦେଶକୁ ମାନି ଭିଡିଓ ପ୍ରସ୍ତୁତ କରିଥାଆନ୍ତି । ଏହି ଭିଡିଓ ଗୁଡିକୁ ଖୁବ ମନୋରଞ୍ଜନକର ହୋଇଥାଏ, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସୁଛି । ତାଙ୍କ ନାତି ସୁରଜ ସୋସିଆଲ ମିଡିଆର ଜଣେ ପପୁଲାର ଷ୍ଟାର । ବର୍ତ୍ତମାନ ସେ ନିଜର ନାତିଙ୍କୁ ମଧ୍ୟ ଟକ୍କର ଦେଉଛନ୍ତି । ଉଭୟଙ୍କର ଭିଡିଓ ମିଲିଅନ ମିଲିଅନ ଭ୍ୟୁ ଯାଉଥିବାବେଳେ ଲୋକମାନେ ଖୁବ ପସନ୍ଦ କରୁଛନ୍ତି । ଇଣ୍ଟରନେଟ୍‌ରେ ୟୁଜର୍ସମାନେ ତାଙ୍କୁ ଭାଇରାଲ ଆମ୍ମା ନାମରେ ଡାକୁଛନ୍ତି ।

# ରିସ୍କ ନେବାକୁ ଡରିଥିଲେ



ଭୁଲ ଭୁଲେୟାଁ ଫ୍ରାଞ୍ଚାଇଜ୍‌ର ପ୍ରଥମ ଫିଲ୍ମ ୨୦୦୭ରେ ରିଲିଜ୍ ହୋଇଥିଲା ଯେଉଁଥିରେ ବିଦ୍ୟା ବାଲାନଙ୍କୁ ମଞ୍ଜୁଲିକା ଭୂମିକାରେ ଦେଖିବାକୁ ମିଳିଥିଲା । ବିଦ୍ୟା ଏହି ଚରିତ୍ର ପାଇଁ ଖୁବ ପ୍ରଶଂସା ସାଉଁଟିଥିଲେ । ମଞ୍ଜୁଲିକା ତାଙ୍କ କ୍ୟାରିୟରର ଏକ ମାଇଲ୍ ଷ୍ଟୋନ ଭାବେ ଉଭା ହୋଇଥିଲା । ତେବେ ଭୁଲ ଭୁଲେୟାଁର ଦ୍ୱିତୀୟ ଫିଲ୍ମ ପାଇଁ ମଧ ବିଦ୍ୟାଙ୍କୁ ଆପ୍ରୋଚ କରାଯାଇଥିଲା, କିନ୍ତୁ ସେ ଏଥିରେ ଅଭିନୟ ପାଇଁ ମନା କରିଥିଲେ । ଏ ସମ୍ପର୍କରେ ବିଦ୍ୟା ବର୍ତ୍ତମାନ ଗଣମାଧ୍ୟମରେ କଥା ହୋଇଛନ୍ତି । ପ୍ରଥମ ଫିଲ୍ମରେ ଦର୍ଶକ ମଞ୍ଜୁଲିକାକୁ ଖୁବ ଭଲପାଇବା ଦେଇଥିଲେ, ଯେଉଁ କାରଣରୁ ଦିତ୍ୱୀୟ ଫିଲ୍ମ ପାଇଁ ବିଦ୍ୟା ରିସ୍କ ନେବାକୁ ଡରିଥିଲେ । ଯଦି ପ୍ରଥମ ଫିଲ୍ମ ଭଳି ସଫଳତା ନମିଳିବ ତେବେ ତାଙ୍କ ପ୍ରଥମ ଚରିତ୍ର ଉପରେ ଏହାର ପ୍ରଭାବ ପଡିବ । ସେଥିପାଇଁ ବିଦ୍ୟା ସେହି ପ୍ରୋଜେକ୍ଟରୁ ଓହରି ଯାଇଥିବା ପ୍ରକାଶ କରିଛନ୍ତି । ତେବେ ଦ୍ୱିତୀୟ ଫିଲ୍ମ ଦେଖିବା ପରେ ବିଦ୍ୟା ଏହାର ତୃତୀୟ ଭାଗ ପାଇଁ ରାଜି ହୋଇଥିଲେ । ଏହାପରେ ସେ ଭୁଲଭୁଲେୟାଁ ୩ ରେ ଭାଗ ନେଇଥିଲେ । ନଭେମ୍ବର ୧ରେ ଫିଲ୍ମଟି ପରଦାକୁ ଆସିବ । ତୃତୀୟ ଭାଗରେ କାମ କରି ବିଦ୍ୟାଙ୍କୁ ଖୁବ ଖୁସି ଲାଗିଥିବା ସେ ପ୍ରକାଶ କରିଛନ୍ତି । ଏଥିରେ ବିଦ୍ୟାଙ୍କ ସହିତ କାର୍ତ୍ତିକ ଆରିୟନ ଓ ମାଧୁରୀ ଦିକ୍ଷୀତ ସ୍କ୍ରିନ୍ ସେୟାର କରିଛନ୍ତି ।

# ଦିଗ ଅନୁସାରେ ଖାଆନ୍ତୁ ଖାଦ୍ୟ

**ବାସ୍ତୁ ଶାସ୍ତ୍ରରେ ଯେ କେବଳ ଘରସଜାଇବା ପାଇଁ ଟିପ୍ସ ରହିଛି ତାହା ନୁହେଁ । ଘରେ କିଭଳି ବାସ୍ତୁ ଅନୁସାରେ ଚଳିଲେ ଘରେ ଶାନ୍ତି ରକ୍ଷାକରାଯାଇପାରିବ, ସେ ନେଇ ମଧ ଅନେକ ନିୟମ ରହିଛି । ଆସନ୍ତୁ ପଢିବା ଘରେ କେଉଁ ଦିଗରେ ବସି ଖାଇଲେ ବାସ୍ତୁ ଅନୁସାରେ କ'ଣ ହୋଇଥାଏ ।**

**ପୂର୍ବ :** ଯଦି ଆପଣ ଖାଇବା ପୂର୍ବ ଦିଗରେ ବସି ଖାଆନ୍ତି, ତେବେ ଏହା ମାନସିକ ଚାପକୁ ହ୍ରାସ କରିଥାଏ । ବାସ୍ତୁ ଅନୁସାରେ ମସ୍ତିଷ୍କକୁ ଶକ୍ତି ମିଳିଥାଏ, ଖାଦ୍ୟ ଭଲ ଭାବରେ ହଜମ ହୁଏ, ଯାହା ଆପଣଙ୍କୁ ସୁସ୍ଥ ରଖେ । ଏହି ଦିଗରେ ଖାଇବା ବୃଦ୍ଧ ଓ ଅସୁସ୍ଥ ଲୋକଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିଶ୍ୱାସ ରହିଛି ।



**ଉତ୍ତର:** ଟଙ୍କା, ଜ୍ଞାନ ଏବଂ ଆଧ୍ୟାତ୍ମିକ ଶକ୍ତି ଚାହୁଁଛନ୍ତି ତେବେ ଉତ୍ତର ଦିଗରେ ଖାଇବା ଉଚିତ୍ । ଏହି ଦିଗରେ ବସି ଖାଇଲେ କ୍ୟାରିୟର ଅଭିବୃଦ୍ଧି ଘଟିଥାଏ । ତେବେ ଉତ୍ତର ଦିଗରେ ବସି ଖାଦ୍ୟଗ୍ରହଣ କରିବା ବିଶେଷ ଭାବରେ ଯୁବକ ଏବଂ ଛାତ୍ରମାନଙ୍କ ପାଇଁ ଲାଭଦାୟକ ହୋଇଥାଏ ।

**ପଶ୍ଚିମ:** ଯଦି ଆପଣ ପଶ୍ଚିମ ଦିଗରେ ବସି ବସି ଖାଆନ୍ତି, ତେବେ ଏହା ଭଲ ବୋଲି ଧରାଯାଏ । ଯଦି ଆପଣ ବ୍ୟବସାୟ କରୁଛନ୍ତି, ତେବେ ଏହି ଦିଗରେ ଖାଇବା ଦ୍ୱାରା ଲାଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ବର୍ଣ୍ଣନା ରହିଛି ।

**ଦକ୍ଷିଣ:** ଦକ୍ଷିଣ ଦିଗରେ ବସିବା ଠାରୁ ଦୂରେଇ ରୁହନ୍ତୁ କାରଣ ଏହା ଯାମାର ଦିଗ ଭାବରେ ବିବେଚନା କରାଯାଏ । ଏହି ଦିଗରେ ଖାଦ୍ୟ ଖାଇଲେ ବିଭିନ୍ନ ନକରାତ୍ମକ ପ୍ରଭାବ ପଡିଥାଏ ।



## ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪

# ଦୁର୍ନୀତିକୁ କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର (ସବ୍ୟୁ): ଆଜି ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନ୍‌ସନ୍ ହଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ୨୦୨୪ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ନୀତିକୁ ଦୃଢ ଭାବେ ବିରୋଧ କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦୁର୍ନୀତି ହେଉଛି ଭୟଙ୍କର ମଧୁମେହ ରୋଗ ସଦୃଶ୍ୟ । ଦୁର୍ନୀତିର କୁପ୍ରଭାବ ପ୍ରଥମେ ଜଣା ପଡିବ ନାହିଁ, ଧିରେ ଧିରେ ଏହା ବ୍ୟକ୍ତିଗତ ସ୍ତରରେ ଓ ସମାଜ ସ୍ତରରେ ଭୟଙ୍କର କୁପ୍ରଭାବ ପକାଇଥାଏ । ଭାରତୀୟ ସମାଜରେ ଦୁର୍ନୀତିର କୁପ୍ରଭାବ ଯେ କେତେ ଥିଲା, ଏହା ଜାଣିବାକୁ ରକେଟ ବିଜ୍ଞାନର ଜ୍ଞାନ ଆବଶ୍ୟକତା ନାହିଁ । ଏ ଦେଶର ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ ନିଜେ ଗୋଟିଏ ସାଧାରଣ ସଭାରେ କହିଥିଲେ ଯେ ମୁଁ ଦିଲ୍ଲୀରୁ ଗୋଟିଏ ଟଙ୍କା ପଠାଇଲେ ହିତାଧିକାରୀ ମାତ୍ର ୧୫ ପଇସା ପାଉଛି । ଏଠାରେ ପ୍ରଶ୍ନ ହୁଏ, ଯେ ବାକି ୮୫ ପଇସା କାହା ପକେଟକୁ ଯାଉଥିଲାଛ ଏହାର ଉତ୍ତର ଆପଣମାନେ ସମସ୍ତେ ଜାଣିଛନ୍ତି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଦୁର୍ନୀତି ନିବାରଣ ବିଭାଗର ଆଜି ଦୋଷୀ ସାବ୍ୟସ୍ତ ହାର ୫୦ ପ୍ରତିଶତରୁ ଅଧିକ ଏବଂ ଆୟବର୍ହିଭୁତ ଦୋଷୀ ସାବ୍ୟସ୍ତ ହାର ୮୦ ପ୍ରତିଶତରୁ ଅଧିକ । ଆମ ସରକାର ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି ଓ ମାନବ ସମ୍ବଳ ବୃଦ୍ଧି କରି ଓଡିଶା ଭିଜିଲାନ୍ସକୁ ସୁଦୃଢ କରିବା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି । ଭିଜିଲାନ୍ସ ବିଭାଗ ପାଇଁ ୮ଟି ନୂତନ ଅତିରିକ୍ତ ଏସ୍ପି ପଦବୀ ଓ ୨୪ ଟି ନୂତନ ଡିଏସ୍ପି ପଦବୀ ବୃଦ୍ଧି କରାଯିବ । ଏସବୁ ପଦବୀ ଗୁଡିକ ଭିଜିଲାନସ ବିଭାଗର ତଦନ୍ତ ଅନୁସନ୍ଧାନ, ତଦାରଖ ଓ ଦୁର୍ନୀତି ମାମଲାର ବିଚାର ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବ ।

**ଦୁର୍ନୀତି କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ ହାର ଏବେ ୫୦ ପ୍ରତିଶତରୁ ଅଧିକ**

**ଆୟବହିର୍ଭୁତ ସମ୍ପତ୍ତିରେ ଦୋଷୀ ସାବ୍ୟସ୍ତ ହାର ୮୦ ପ୍ରତିଶତରୁ ଅଧିକ**

**ଭିଜିଲାନ୍ସ ବିଭାଗ ପାଇଁ ୮ଟି ନୂତନ ଅତିରିକ୍ତ ଏସ୍ପି ପଦବୀ ଓ ୨୪ ଟି ନୂତନ ଡିଏସ୍ପି ପଦବୀ**

ତଦନ୍ତ ଏବଂ ଅନୁସନ୍ଧାନରେ ସହାୟତା କରିବା ପାଇଁ ୧୬ ଜଣ ସବ୍‌ଇନସିପେକ୍ଟରଙ୍କୁ ମଧ୍ୟ ନିୟୋଜିତ କରାଯିବ । ଏହା ସହିତ ଆଗାମୀ ଦିନରେ ୨୪ ଜଣ ଚାର୍ଟାର୍ଡ ଆକାଉଣ୍ଟାଟ ଓ ବ୍ୟାଙ୍କିଙ୍ଗ ଓ ସାଇବର ବିଶେଷଜ୍ଞ ମଧ୍ୟ ବିଭାଗରେ ଅନ୍ତର୍ଭୁକ୍ତ ହେବା ପାଇଁ ଅନୁମୋଦନ ହୋଇଛି । ଭିଜିଲାନ୍ସ ଟିମର ଗତିଶୀଳତା ବୃଦ୍ଧି କରିବା ପାଇଁ ୧୩୫ଟି ନୂତନ ମୋଟରସାଇକେଲ, ୧୫୦ଟି ନୂତନ ଡେସ୍କଟପ/ଲାପଟପ ଯୋଗାଇ ଦିଆଯିବ ଏଥି ସହିତ ରାଜ୍ୟ ଫରେନସିକ ବିଜ୍ଞାନ ପରୀକ୍ଷାଗାର ନିର୍ଦ୍ଦେଶାଳୟ ମଧ୍ୟରେ ପ୍ରତିଷ୍ଠା କରାଯିବ ।

ରାଜ୍ୟ ସରକାର ମଧ ଦୁର୍ନୀତି ବିରୋଧରେ ସଂଗ୍ରାମକୁ ଶାସନର ମୁଖ୍ୟ ଲକ୍ଷ୍ୟ ଭାବେ ଗ୍ରହଣ କରି ଏହା ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିଛନ୍ତି । ଦୁର୍ନୀତିଖୋରଙ୍କୁ କଡା ଚେତାବନୀ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଦୁର୍ନୀତିକୁ କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ । ସଭ୍ୟ ସମାଜରୁ ଦୁର୍ନୀତିଖୋରଙ୍କୁ ବାହାର କରି ଜେଲ୍‌କୁ ପଠାଇବାର ବ୍ୟବସ୍ଥା ରହିଛି । ଆମ ସରକାର ଆସିବାର ୧୪୦ ଦିନ ମଧ୍ୟରେ ୬ ଜଣ ମୁଖ୍ୟ ଯନ୍ତ୍ରୀଙ୍କ ବିରୋଧରେ ଆୟବର୍ହିଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗ ମାମଲା ରୁଜୁ କରାଯାଇ ଗିରଫ କରାଯାଇଛି । ସେମାନଙ୍କ ସମ୍ପତ୍ତି ଜବତ କରାଯାଇ ସେମାନଙ୍କୁ କୋର୍ଟ ଚାଲଣ କରାଯାଇଛିଛ ଏ ସବୁ ଆୟବର୍ହିଭୁତ ସମ୍ପତ୍ତି ସେମାନେ ସାଧାରଣ ଜନତାଙ୍କ ଟଙ୍କାରେ ଠୁଳ କରିଥିଲେ । ବିଭିନ୍ନ ଭିତ୍ତିଭୂମି କାମ ସବୁ ନିମ୍ନମାନର ହେଉଥିଲା । ସରକାରୀ ଅର୍ଥ ବାଟ ମାରଣା ହେଉଥିଲା । କେବଳ ମୁଖ୍ୟ ଯନ୍ତ୍ରୀ ନୁହେଁ ବିଭିନ୍ନ ବର୍ଗର ପ୍ରାୟ ୨୦ ଜଣ ଅଧିକାରୀଙ୍କୁ ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇଛି । ଆଜି ଜିଲ୍ଲା ସ୍ତରରେ ହେଉଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ମାନଙ୍କୁ କ୍ଷମତାପନ୍ନ କରାଯାଇଛି । ଜିଲ୍ଲା ସ୍ତରରେ ହେଉଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେମାନଙ୍କ ହାତ ଖୋଲା ରଖା ଯାଇଛି । ଦୁର୍ନୀତି ବିରୋଧରେ ଲଢେଇ କରିବା ପାଇଁ ଆମ ସରକାର ଉଭୟ ଟପ ଡାଉନ ଓ ବଟମ ଅପ୍ ଆଭିମୁଖ୍ୟ କାର୍ଯ୍ୟକାରୀ କରିଛନ୍ତି । ସେ ପୁଣି କହିଥିଲେ ଯେ ଦୁର୍ନୀତିର ଚେର ଆଜି ରାଜ୍ୟରେ ମଜଭୁ ହେଇଯାଇଛି । ଏହାକୁ ଗୋଟିଏ ଦିନ ବା ମାସ ବା ବର୍ଷରେ ବନ୍ଦ କରିହେବ ନାହିଁ । ଏଥିପାଇଁ ନିରନ୍ତର ସଂଗ୍ରାମ ଚାଲିବା ଦରକାର । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଦୁର୍ନୀତି ନିବାରଣ ଡିଭିଜନ୍ ଭାବେ କୋରାପୁଟ ଡିଭିଜନକୁ, ଶ୍ରେଷ୍ଠ ୟୁନିଟ୍ ଭାବେ ବଲାଙ୍ଗିର ଡିଭିଜନକୁ, ଶ୍ରେଷ୍ଠ ତଦନ୍ତକାରୀ ଅଫିସର ଭାବେ ବାଲେଶ୍ୱର ଡିଭିଜନର ଡିଏସ୍ପି ଦୁଷ୍ମନ୍ତ କୁମାର ନାୟକ, ଶ୍ରେଷ୍ଠ ମହିଳା ତଦନ୍ତକାରୀ ଅଫିସର ଭାବେ ବ୍ରହ୍ମପୁର ଡିଭିଜନର ଶ୍ରୀମତୀ ସବିତାଞ୍ଜଳି ନାୟକ ଏବଂ ଶ୍ରେଷ୍ଠ ପବ୍ଲିକ ପ୍ରୋସିକ୍ୟୁଟର ଭାବେ ଭୁବନେଶ୍ୱରର ହେମନ୍ତ କୁମାର ସ୍ୱାଇଁ ଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଯୋଗଦେଇଥିଲେ । ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ନିର୍ଦ୍ଦେଶକ ଯଶୋବନ୍ତ କୁମାର ଜେଠୱା ସ୍ୱାଗତ ଭାଷଣ ଦେଇଥିଲେ । ଦୁର୍ନୀତି ନିବାରଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଅସୀତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀ, ଆଭାସୀ ମାଧ୍ୟମ ରେ ସମସ୍ତ ଜିଲାପାଳ,ବରିଷ୍ଠ ପୋଲିସ ଅଧିକାରୀ, ଭିଜିଲାନ୍ସ ଅଧିକାରୀ, ପୂର୍ବତନ ବରିଷ୍ଠ ଅଧିକାରୀ, ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ୭ବର୍ଷ ପରେ ବି ପେନ୍‌ସନ୍ ଆଶାରେ ପ୍ରଧାନଶିକ୍ଷକ ନିରାକର ମହାନ୍ତି



ଚୌଦ୍ୱାର, (ସ.ବ୍ୟୁ.) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ ଆଗ୍ରାହାଟ ପଂଚାୟତର ବାଟବୁୀ କଲୋନୀରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକର ମହାନ୍ତି ତାଙ୍କ ଅବସରର ୭ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପେନ୍ସନ୍ ପାଇପାରିନଥିବାରୁ ସେହି ଚିନ୍ତାରେ ଏବେ ସେ ଶଯ୍ୟାଶାୟୀ । ଶ୍ରୀ ମହାନ୍ତି ଦୀର୍ଘ ବର୍ଷ ଧରି ଚୌଦ୍ୱାର ସ୍ଥିତ ଓଟିଏମ୍ ହାଇସ୍କୁଲରେ ଶିକ୍ଷକ ରୂପେ କାର୍ଯ୍ୟ କରିବା ପରେ ପଦୋନ୍ନତି ପାଇ ସେ ବଡ଼ମ୍ବା ବ୍ଲକ୍ ସ୍ଥିତ ରଗଡ଼ିପଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ ୨୦୧୪ ଜୁନ୍‌ରେଯୋଗ ଦେଇଥିଲେ । ୨୦୧୭ ମସିହାରେ ସେ ସେଠାରୁ ଅବସର ନେଇଥିଲେ । ପରେ ସେ ତାଙ୍କର ପେନ୍‌ସନ୍ ଏବଂ ଅବସରକାଳୀନ ସମସ୍ତ ପ୍ରାପ୍ୟ ପାଇବା ପାଇଁ ଆବେଦନ କରିଥିଲେ । କିନ୍ତୁ ଦୁଃଖର କଥା ତାଙ୍କର ଏଯର୍ପ୍ୟନ୍ତ କୌଣସି ଅସରପ୍ରାପ୍ତ ପ୍ରାପ୍ୟ ମିଳିନାହିଁ ଏବଂ ବାରମ୍ବାର ଏ ଅଫିସ୍‌ରୁ ସେ ଅଫିସ୍ ଦୌଡ଼ିବା ପରେ ମଧ ପେନ୍‌ସନ୍ ପାଇପାରିନାହାନ୍ତି । କିନ୍ତୁ କେଉଁ କାରଣରୁ ପେନ୍‌ସନ୍ ପାଇପାରୁନାହାନ୍ତି ଏଥିପାଇଁ ସେ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଫିସ୍ ଠାରୁ ଆରମ୍ଭ କରି ଯେଉଁ ଅଫିସ୍‌କୁ ଯିବା କଥା ସବୁ ଜାଗାକୁ ଗଲାପରେ ନିରାଶ ହୋଇ ଶେଷରେ ସେ ହୃଦରୋଗ ଓ ପକ୍ଷାଘାତରେ ଆକ୍ରାନ୍ତ । ସେ ବର୍ତ୍ତମାନ ଶଯ୍ୟାଶାୟୀ ଅଛନ୍ତି । ତାଙ୍କର ପତ୍ନୀ ମଧ ଶାରୀରିକ ଅସୁସ୍ଥତା ମଧ୍ୟରେ ଜୀବନଯାପନ କରୁଛନ୍ତି । ଅର୍ଥାଭାବରୁ ଉଭୟ ନିଜର ଚିକିତ୍ସା ପାଇଁ ମଧ ସକ୍ଷମ ହୋଇପାରୁନାହାନ୍ତି । ଏଣୁ ଶ୍ରୀ ମହାନ୍ତି ରାଜ୍ୟ ଏବଂ ସରକାରଙ୍କୁ ଅନୁରୋଧ କରୁଛନ୍ତି କି ତାଙ୍କର ଅବସରକାଳୀନ ସମସ୍ତ ପ୍ରାପ୍ୟ ଓ ପେନ୍‌ସନ୍ ପ୍ରଦାନ କରିବାର ସୁବ୍ୟବସ୍ଥା କରିଲେ ସେ ନିଜର ଉନ୍ନତ ଚିକିତ୍ସା ସହ ଆଉ କିଛିଦିନ ଭଲରେ ବଂଚିଯାଇପାରନ୍ତେ ।

## ଜମି କାରବାରରେ ୧୧ଲକ୍ଷ ଠକେଇ
# ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି କାରବାରରେ ୧୧ଲକ୍ଷ ୭୦ ହଜାର ଟଙ୍କା ଠକେଇ କରିଥିବା ଜଣେ ଠକକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୋଲିସ । ସୋମବାର ଅଭିଯୁକ୍ତ ପ୍ରଭାତ ରଞ୍ଜନ ବେଉରାକୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ନଗେନ କୁମାର ସାହୁଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ କରି ଠକେଇ ସମ୍ପର୍କରେ ସ୍ପଷ୍ଟ ହୋଇଛି । ପ୍ରଭାତ ରଞ୍ଜନ ବେଉରା ଶିବଶକ୍ତି ଇଷ୍ଟକନ ପ୍ରାଇଭେଟ୍ ଲିମିଟେଡ୍‌ର ଏମ୍‌ଡି । ସେ ନଗେନ କୁମାର ସାହୁଙ୍କୁ ଜମି ଦେବାକୁ ୧୧ଲକ୍ଷ ୭୦ ହଜାର ଟଙ୍କା ନେଇଥିଲେ । ୨୦୨୧ ମସିହାରୁ ଟଙ୍କା ନେଇଥିଲେ ମଧ ସେ ତାଙ୍କୁ ଜମି ଦେଇନଥିଲେ କିମ୍ବା ଟଙ୍କା ଫେରାଇ ନଥିଲେ । ଯେଉଁ ଜମି ଦେବାକୁ କହି କାଗଜପତ୍ର ଦେଲେ ତାହା ଜାଲ୍ ବୋଲି ଜଣାପଡିବାରୁ ଉଭୟଙ୍କ ମଧ୍ୟରେ କଳିଝଗଡା ହେଲା । ଉପାୟଶୂନ୍ୟ ହୋଇ ନଗେନ ଏୟାରପୋର୍ଟ ଥାନାକୁ ଆସି ଏତଲା କରିବା ପରେ ଅଭିଯୁକ୍ତ ଶିବଶକ୍ତିର ଏମ୍‌ଡି ପ୍ରଭାତ ରଞ୍ଜନକୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି ।

## ଦୁର୍ନୀତି ନିବାରଣ ସପ୍ତାହ ପାଳନ
# ବେତନଟୀ ପୁଲିସର ସାମୁହିକ ଶପଥପାଠ

ବେତନଟୀ(ସବ୍ୟୁ ) : ରାଜ୍ୟବ୍ୟାପୀ ବିଭିନ୍ନ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଏହି ପରିପ୍ରେକ୍ଷୀରେ ବେତନଟୀ ପୁଲିସ ପକ୍ଷରୁ ସୋମବାର ସାମୁହିକ ଶପଥପାଠ କରାଯାଇଛି । ରାଷ୍ଟ୍ରର ସର୍ବାଙ୍ଗୀନ ଉନ୍ନତି ଏବଂ ବିକାଶ ପଥରେ ମୁଖ୍ୟ ବାଧକ ସାଜିଥିବା ଦୁର୍ନୀତିଭଳି ସାମାଜିକ ବ୍ୟାଧକୁ ମୂଳୋତ୍ପାଟନ ନିମନ୍ତେ ବ୍ୟାପକ ଜନସଚେତନତା ଏବଂ ଜନ ସହଭାଗିତାକୁ ଦୃଷ୍ଟିରେ ରଖି ପ୍ରତ୍ୟେକବର୍ଷ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଇଆସୁଛି । ଏହି ପରିପ୍ରେକ୍ଷୀରେ ବେତନଟୀ ଥାନାରେ ସାମୁହିକ ଶପଥପାଠ କାର୍ଯ୍ୟକ୍ରମ ସୋମବାର ଆୟୋଜିତ ହୋଇଯାଇଛି ବେତନଟୀଥାନା ଆଇଆଇସି ସସ୍ମିତା ମହାନ୍ତଙ୍କ ନେତୃତ୍ୱରେ ଏସଆଇ ଲିଲି ବେହେରା, ଏସଆଇ ନିରଞ୍ଜନ ସେଠୀ, ଏସଆଲି ଶ୍ରୀରାଜ ନାୟକଙ୍କ ସମେତ ସମସ୍ତ ଏଏସିଆଲ୍, କନଷ୍ଟେବଳ, ଗୃହରକ୍ଷୀ, ଗ୍ରାମରକ୍ଷୀ ପ୍ରମୁଖ ସାମିଲହୋଇ ଦୁର୍ନୀତି ନିବାରଣ ନିମନ୍ତେ ସାମୁହିକ ଶପଥପାଠ କରିଥିଲେ ।

## ୨୦ଲକ୍ଷ ଟଙ୍କାର ବାଣ ଜବତ
# ଗୋଟିଏ ଦୋକାନୀ ୩ କ୍ୱିଣ୍ଟାଲରୁ ଅଧିକ ବାଣ ରଖିପାରିବେ ନାହିଁ

ଭୁବନେଶ୍ୱର, (ସବ୍ୟୁ) : ଦୀପାବଳି ପାଇଁ ବାଣ ଦୋକାନୀମାନ ଖୋଲିବା ପାଇଁ କମିଶନରେଟ୍ ପୋଲିସରୁ ଅନୁମତି ନେଇଛନ୍ତି । ୪୬୫ ଆବେଦନ ଆସିଥିବା ବେଳେ ୨୦୩ଜଣଙ୍କୁ ଅନୁମତି ଦିଆଯାଇଛି । ଭୁବନେଶ୍ୱରର ୨୫ଟି ସ୍ଥାନରେ ବାଣ ବିକ୍ରୟ କେନ୍ଦ୍ର ଖୋଲାଯିବ । ଡିସିପି ପିନାକ ମିଶ୍ରଙ୍କ କହିବାନୁଯାୟୀ ବେଆଇନ ଭାବେ ବାଣ ରଖିଲେ ବା ବିକିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଗୋଟିଏ ଦୋକାନୀ ୩୦୦କେଜିରୁ ଅଧିକ ବାଣ ରଖିପାରିବେ ନାହିଁ । ବେଆଇନ ବାଣ କାରବାର ଅଭିଯୋଗରେ ଚଢାଉ କରାଯାଇ ୨୦ଲକ୍ଷ ଟଙ୍କାର ବାଣ ଜବତ ହୋଇଛି । ବାଲିପାଟଣା ଥାନା ପୋଲିସ ଦେଢ କ୍ୱିଣ୍ଟାଲ ବିସ୍ଫୋରକ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି । ଗିରଫ ଦୁଇଜଣ ହେଲେ ଚନ୍ଦ୍ରଶେଖର ମଲ୍ଲିକ ଓ ବିଶ୍ୱନାଥ ମଲ୍ଲିକ । ଦୁହିଁଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି । ଗୋଟିଏ ବାଣ ଦୋକାନ ମଝିରେ ୨୦୦ ମିଟର ଦୂରତା ରଖିବା ପାଇଁ ଅନୁମତି ଦେବା ବେଳେ ପରାମର୍ଶ ଦିଆଯାଇଛି । ବିପଜ୍ଜନକ ବାଣ କେହି ଫୁଟାଇ ପାରିବେ ନାହିଁ କିମ୍ବା ବିକ୍ରି କରିପାରିବେ ନାହିଁ । ପରାମର୍ଶ ନମାନିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ଖୋର୍ଦ୍ଧା, (ସବ୍ୟୁ): ସୋମବାର ଜିଲାପାଳଙ୍କ ଓସ୍ୱାନ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ରନାଥ ମୁର୍ମୁ, ଖୋର୍ଦ୍ଧା ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଭିଜିଲାନ୍ସ ଡିଏସପି, ଡେପୁଟି କଲେକ୍ଟରଙ୍କ ସମେତ ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ଆଭାସୀ ମାଧ୍ୟମରେ ସାଧୁତାର ଶପଥ ପାଠ କରିଛନ୍ତି ।ସେହିପରି ଭୁବନେଶ୍ୱର ବ୍ଲକ ଅର୍ନ୍ତଗତ ଦାରୁଠେଙ୍ଗ ଗ୍ରାମ ପଚାଂୟତ କାର୍ଯ୍ୟାଳୟ ରେ ଚାଲିଥିବା ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠରେ ଜିଲାପାଳ ଚଚଂଳ ରାଣା ଉପସ୍ଥିତ ଅଧିକାରୀମାନଙ୍କୁ ଶପଥପାଠ କରାଇଥିଲେ ।

## ବିଳମ୍ବରେ ମାମଲା ରୁଜୁ ନେଇ ସରକାରଙ୍କ ଉପରେ ହାଇକୋର୍ଟ କ୍ଷୁବ୍ଧ, ସରକାରଙ୍କ ଯୁକ୍ତି ଅଗ୍ରାହ୍ୟ

କଟକ,(ସବ୍ୟୁ): ବିଳମ୍ବରେ ମାମଲା ରୁଜୁକୁ ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କ ଉପରେ କ୍ଷୁବ୍ଧ ହୋଇଛନ୍ତି । ଏଭଳି କ୍ଷେତ୍ରରେ ସରକାର ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କ୍ଷତିପୂରଣ ଅର୍ଥ ଆଦାୟ କରିବା ଆବଶ୍ୟକ । କିନ୍ତୁ ଏହା ପ୍ରତିବଦଳରେ ଜନସାଧାରଣଙ୍କ ସ୍ୱାର୍ଥକୁ ଦ୍ୱାହି ଦେଇ ଜଣେ ସାଧାରଣ ଲୋକଙ୍କୁ ବା ଆବେଦନକାରୀଙ୍କୁ ଅଯଥାରେ କୋର୍ଟକୁ ଘୋଷଡା ଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି । ଏକ ଜମିଜମା ମାମଲାରେ ରାଜ୍ୟ ସରକାର ୧୬୭୪ ଦିନ ବିଳମ୍ବରେ ନିମ୍ନ ଅଦାଲତରେ ଅପିଲ୍ କରିଥିଲାବେଳେ ଏହାକୁ ଚ୍ୟାଲେଞ୍ଜ କରି ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଏଭଳି ବିଳମ୍ବିତ ଆବେଦନକୁ କଡ଼ା ଭାଷାରେ ସମାଲୋଚନା କରିବା ସହ ଛତ୍ରପୁର ଅତିରିକ୍ତ ଜିଲ୍ଲାଜଜ୍ ଦେଇଥିବା ଆଦେଶକୁ ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଲକ୍ଷ୍ମୀ ଗୌଡ଼ା ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ. ଆର. ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଆବେଦନକାରୀ ହିଞ୍ଜିଳିକାଟୁ ତହସିଲ୍ ଅଧୀନରେ ଏକ ଜମିରୁ ତାଙ୍କୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲାବେଳେ ଏହାକୁ ଚ୍ୟାଲେଞ୍ଜ କରି ସେ ଛତ୍ରପୁର ସିଭିଲ୍ ଜଜ୍‌ଙ୍କ ଅଦାଲତରେ ମାମଲା ରୁଜୁ କରିଥିଲେ । ଛତ୍ରପୁର ସିଭିଲ୍ ଜଜ୍ ଏହି ମାମଲାରେ ୨୦୧୫ ଜୁନ୍ ୩୦ ତାରିଖରେ ରାୟ ଦେଇଥିଲେ । ଏଥିରେ ଗୋଟେ ପାର୍ଟ ଆବେଦନକାରୀଙ୍କ ସପକ୍ଷରେ ଯାଇଥିଲାଛ ଏହି ମାମଲା ଏବେ ଛତ୍ରପୁର ଅତିରିକ୍ତ ଜିଲ୍ଲାଜଜଙ୍କ ଅଦାଲତରେ ବିଚାରଧୀନ ରହିଛିଛ ସିଭିଲ୍ ଜଜ୍‌ଙ୍କ ଆଦେଶ ବିରୋଧରେ ରାଜ୍ୟ ସରକାର ୧୬୭୪ ଦିନ ପରେ ଅତିରିକ୍ତ ଜିଲ୍ଲାଜଜଙ୍କ ଅଦାଲତକୁ ଆସିଥିଲେ । ଏହି ଆଦେଶକୁ ଆବେଦନକାରୀ ସେଠାରେ ବିରୋଧ କରିଥିଲେ । କିନ୍ତୁ ଅଦାଲତ ୧୦ ହଜାର ଟଙ୍କା ଜରିମାନାରେ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରିଥିଲେ । ଫଳରେ ଏହି ଆଦେଶକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ଏତେ ବିଳମ୍ବରେ ମାମଲା ରୁଜୁ ହେବା ଏବଂ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ବିଭିନ୍ନ ଯୁକ୍ତିକୁ ଅଗ୍ରାହ୍ୟ କରି ଦେଇଛନ୍ତି ।






## କମୁଛି ଚାଷ ଜମି, ବଢୁଛି କୋଠା
# ଜମି ମାଫିଆଙ୍କ କବ୍‌ଜାରେ ଚାଷୀ

ଖୋର୍ଦ୍ଧା, (ସବ୍ୟୁ): ସମୟକ୍ରମେ ଚାଷ ପ୍ରତି ବିତସ୍ପୃହ ହୋଇ ଚାଷୀ ମୁହଁ ମୋଡୁଥିବା ବେଳେ ସେହି ଜମିରେ ଏବେ ଶହଶହ କୋଠା ମୁଣ୍ଡ ଟେକିବାରେ ଲାଗିଛି । ଚାଷୀମାନଙ୍କୁ ଲଲିପପ୍ ଦେଖାଇ ଶାଗମାଛ ଦରରେ ରାସ୍ତାପାଶର୍ବରେ ଥିବା ଚାଷୀଙ୍କ ଠାରୁ ଜମି କିଣି ଦଲାଲ ଏବଂ ବିଲଡର୍ସମାନେ ମାଲାମାଲ ହେଉଥିବା ବେଳେ ହଜାର ହଜାର ଏକର ଚାଷ ଜମି ଏବେ ନିଶ୍ଚିହ୍ନ ହେବାରେ ଲାଗିଲାଣି । ଦିନ ଥିଲା ଯେଉଁ ଚାଷକୁ ପ୍ରାଧାନ୍ୟ ଦେଇ ଚାଷୀମାନେ ବିଭିନ୍ନ ଚାଷ କରି ନିଜର ପରିବାର ପ୍ରତିପୋଷଣ କରିବା ସହ ଜନସାଧାରଣଙ୍କ ମୁହଁରେ ଖାଦ୍ୟ ଯୋଗାଇ ଦେଉଥିଲେ । ସେଥିରେ ବି ପରିବର୍ତନ ଦେଖାଦେଇଛି । ଅପରପକ୍ଷେ, ଚାଷୀର ହଳ, ବଳଦ, ଲଙ୍ଗଳ ସମ୍ପୂର୍ଣ୍ଣ ଉଭେଇ ଯାଇ ଟ୍ରାକ୍ଟର ସମେତ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହୃତ ହେଉଛି । ଫଳରେ କୃଷି ପାଇଁ ଜମିର ଉର୍ବରିକା ଶକ୍ତି ହ୍ରାସ ପାଇବାରେ ଲାଗିଲାଣି ।



ସହର ଏବଂ ଗାଁ ଗହଳର ରାସ୍ତା କଡ଼ର ଜମି ଗୁଡ଼ିକରେ କୋଠାବାଡ଼ି ନିର୍ମାଣ ହୋଇଥିବା ସହ ବହୁ ବ୍ୟବସାୟ ବାଣିଜ୍ୟ କେନ୍ଦ୍ର ନିର୍ମାଣ ହେବା ଫଳରେ ଚାଷଜମି ଗୁଡ଼ିକ ସମ୍ପୂର୍ଣ୍ଣ ବିଲୁପ୍ତ ହେବାକୁ ବସିଲାଣି । ସରକାର ଚାଷ ଜମିକୁ ଘର ଡିହରେ ପରିବର୍ତନ ପାଇଁ ପଇସା ନେଇ ଚାଲିଥିଲେ ମଧ୍ୟ ଚାଷ ଜମି ହ୍ରାସ ଉପରେ କୌଣସି ପ୍ରକାର ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଉନଥିବାରୁ ଦିନକୁ ଦିନ ଚାଷ ଜମି ହ୍ରାସ ପାଇବା ସମେତ ଖାଦ୍ୟ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ରହିଛି ।

ଜିଲ୍ଲାର କେନ୍ଦ୍ର ସ୍ଥଳକୁ ଲକ୍ଷ୍ୟ କଲେ ଜଣାଯାଏ, ମୁଖ୍ୟ ଛକ ଠାରୁ ଆରମ୍ଭ କରି ଗୋଟିଏ ପାର୍ଶ୍ୱରେ ମୁକୁନ୍ଦପ୍ରସାଦ ଓ ଅନ୍ୟ ପାର୍ଶ୍ୱରେ ଜାଗୁଲେଇପାଟଣା ପର୍ଯ୍ୟନ୍ତ ଏବଂ ଜାତୀୟ ରାଜପଥର ବିଭିନ୍ନ ରାସ୍ତାକଡ଼ ଜମିରେ ବ୍ୟବସାୟ ପ୍ରତିଷ୍ଠାନ, ଅନ୍ୟାନ୍ୟ ବ୍ୟବସାୟ ଚାଲିଥିବାରୁ ପାଖରେ ଥିବା ଜମିଗୁଡିକ ଚାଷପୋଯୋଗୀ ହୋଇନପାରି ସିଧାସଳଖ ଚାଷ ଉପରେ ପ୍ରଭାବ ପକାଇ ଚାଲିଛି ।

ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ଛକଠାରୁ ଭୁବନେଶ୍ୱର ଯାଏ ଚାଷଜମି ରେ ଚାଷ ହେଉଥିବା ଦେଖିବାକୁ ମିଳୁନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଏହି ସମସ୍ୟା ଲାଗି ରହିଛି । ଚାଷ ଜମିରେ ଏବେ କଂକ୍ରିଟ ଜଙ୍ଗଲମାନ ଛିଡା ହେଉଛି । ଜିଲ୍ଲା ପ୍ରଶାସନ ଓ ସରକାର ଏହା ଉପରେ କୌଣସି ପ୍ରକାର ପଦକ୍ଷେପ ନେଉନଥିବାରୁ ଦିନକୁ ଦିନ ଚାଷ ଜମି ଉପରେ ସଙ୍କଟ ମାଡ଼ି ବସିଛି । ପ୍ରତିଦିନ ଜମି ମାଫିଆମାନେ ନିଜର ଫାଇଦା ପାଇଁ ଦଲାଲ ସାଜି ନାରିହ ଚାଷୀମାନଙ୍କ ମୂଲ୍ୟବାନ ଜମି ଶାଗମାଛ ଦରରେ କିଣି ସେମାନଙ୍କ ଭବିଷ୍ୟତ ଉପରେ ଆଶଙ୍କା ସୃଷ୍ଟି କରୁଛନ୍ତି । ରାଜ୍ୟ ଓ କେନ୍ଦ୍ର ବରିଷ୍ଠ ନେତୃବୃନ୍ଦ ଓ ଜିଲ୍ଲାପ୍ରଶାସନ ଏହାକୁ ଗୁରୁତର ସହିତ ବିଚାରକୁ ନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବେ ବୋଲି ଜିଲାର ବିଭିନ୍ନ ଅନୁଷ୍ଠାନ, ଫୋରମ ପକ୍ଷରୁ ଦାବୀ ହେଉଛି ।

### ଆଇଆଇଟି, ବିଏଚୟୁର ୧୩ତମ ସମାବର୍ତ୍ତନ ସମାରୋହ

# ଚତୁର୍ଥ ଶିଳ୍ପ ବିପ୍ଳବରେ ବିଶ୍ୱ କଲ୍ୟାଣର ନେତୃତ୍ୱ ନେବ ଭାରତ : ଧର୍ମେନ୍ଦ୍ର



ଭୁବନେଶ୍ୱର (ସବ୍ୟୁ): ଏକବିଂଶ ଶତାବ୍ଦୀ ଭାରତର ଶତାବ୍ଦୀ । ଚତୁର୍ଥ ଶିଳ୍ପ ବିପ୍ଳବ ସମୟରେ ଭାରତ ପାଖରେ ଦୁନିଆର ଲୋକକଲ୍ୟାଣର ନେତୃତ୍ୱ ନେବା ପାଇଁ ଏକ ଅଭୁତପୂର୍ବ ସୁଯୋଗ ରହିଛି । ଏ ଦିଗରେ ଆଇଆଇଟି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜର ବଡ଼ ଦାୟିତ୍ୱ ନିର୍ବାହ କରିବେ ବୋଲି ଏହି ଶିକ୍ଷାନୁଷ୍ଠାନର ୧୩ତମ ସମାବର୍ତ୍ତନ ସମାରୋହରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସମାବର୍ତ୍ତନ ସମାରୋହ ଜୀବନର ଏକ ଅନନ୍ୟ ମୁହୂର୍ତ୍ତ । ବାରଣାସୀ ସ୍ଥିତ ଆଇଆଇଟି, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଦୀକ୍ଷାନ୍ତ ସମାରୋହରେ ସାମିଲ ହେବା ସୌଭାଗ୍ୟର ବିଷୟ । ସମ୍ମାନ, ଡିଗ୍ରୀ ଏବଂ ପଦକଧାରୀ ବିଦ୍ୟାର୍ଥୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ବିଦ୍ୟାର୍ଥୀ ବହୁତ ଭାଗ୍ୟବାନ । ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ଦ୍ୱାରା ଏହି ପବିତ୍ର ସ୍ଥାନରୁ ଆରମ୍ଭ ହୋଇଥିବା ଶିକ୍ଷା ଯଜ୍ଞରୁ ଉତ୍ପନ୍ନ ହୋଇଥିବା ଛାତ୍ରଛାତ୍ରୀମାନେ ଜଣେ ଜଣେ ଅମୃତ ସଦୃଶ । କାଶୀ ଦୁନିଆର ସ୍ୱଳ୍ପ କିଛି ଜୀବନ୍ତ ସହର ମଧ୍ୟରୁ ଅନ୍ୟତମ । କାଶୀ ହେଉଛି ଭାରତର ଦର୍ଶନଶାସ୍ତ୍ର ତଥା ପାଲି, ପ୍ରାକୃତ, ସଂସ୍କୃତ ଏବଂ ତାମିଲ ଭଳି ପୁରାତନ ଭାଷାର ସଂଗମ ଅଟେ । କାଶୀ ଭଳି ଏକ ଜୀବନ୍ତ ସଭ୍ୟତା ସହ ଯୋଡ଼ି ହେବା ଏକ ବଡ଼ ସୌଭାଗ୍ୟର ବିଷୟ । ଅନେକ ମହାପୁରୁଷମାନେ କାଶୀକୁ ଆସିଛନ୍ତି । ଆଜି ମାନ୍ୟତା ହାସଲ କରିଥିବା ଆଇଆଇଟି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସେହି ମହାପୁରୁଷଙ୍କ ଠାରୁ କୌଣସି ଗୁଣରେ କମ ନୁହଁନ୍ତି । ଏହି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀମାନେ ଚାକିରି କରିବା ଅପେକ୍ଷା ଅନେକଙ୍କୁ ଚାକିରି ଦେବା ଦିଶାରେ କାର୍ଯ୍ୟ କରିବେ ବୋଲି ବିଶ୍ୱାସ ରହିଛି । ଆଗାମୀ ୨୫ ବର୍ଷ ଭାରତର ପ୍ରଗତିର ସୁବର୍ଣ୍ଣ ସମୟ ହେବ । ବିଶ୍ୱର ଏକ ନମ୍ବର ଅର୍ଥନୀତିରେ ପରିଣତ ହେବା ଆମ ଦେଶର ଭାଗ୍ୟରେ ଲେଖାଯାଇଛି । ସମଗ୍ର ବିଶ୍ୱ ଆଜି ଭାରତକୁ ବହୁତ ଆଶାର ସହ ଦେଖୁଛି । ସାରା ଦୁନିଆର ସମସ୍ୟାର ସମାଧାନର ସୂତ୍ର କାଶୀ ଓ ଆଇଆଇଟି ବିଏଚୟୁ ଭଳି ଅନୁଷ୍ଠାନ ପାଖରେ ରହିଛି । ନିଜର ବୌଦ୍ଧିକ ଦକ୍ଷତା ବଳରେ ଆମର ଛାତ୍ରଛାତ୍ରୀମାନେ ଭାରତ ଏବଂ ସମଗ୍ର ବିଶ୍ୱର ଆବଶ୍ୟକତା ପୂରଣ କରିବେ ବୋଲି ଶିକ୍ଷା ମନ୍ତ୍ରୀ କହିଛନ୍ତି । ବାରଣାସୀ ଗସ୍ତ କାଳରେ ଶ୍ରୀ ପ୍ରଧାନ ବାବା ବିଶ୍ୱନାଥ ମନ୍ଦିର ଓ ବାବା କାଳ ଭୈରବ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ ।




ବାଲେଶ୍ୱରରେ ବାତ୍ୟା ଓ ପରବର୍ତ୍ତୀ ବନ୍ୟା ସ୍ଥିତିର ସମୀକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଓଡ଼ିଶା ଅଗ୍ନିଶମ ବାହିନୀରେ ରୋବଟିକ୍ ମନିଟର

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ଅଗ୍ନିଶମ ବାହିନୀରେ ଫାୟାର ଫାଇଟିଂ ରୋବଟିକ୍ ମନିଟର ସାମିଲ ହୋଇଛି । ୨୨ଟି ରୋବଟିକ୍ ମନିଟର ପ୍ରଥମ ପର୍ଯ୍ୟାୟରେ ସାମିଲ ହୋଇଥିବା ବେଳେ ପରେ ଆହୁରି ଅଧିକ ସାମିଲ ହେବ ବୋଲି ସୂଚନା ମିଳିଛି । ରୋବଟିକ୍ ମନିଟରରେ କ୍ୟାମେରା ରହିଛି । ରିମୋଟ ମାଧ୍ୟମରେ ତାକୁ ପରିଚାଳନା କରିହେବ । ଯେଉଁଠି ଭୀଷଣ ଅଗ୍ନିକାଣ୍ଡ ଘଟିଥିବ ସେଠାରେ ଫାୟାର ଫାଇଟିଂ ରୋବଟିକ୍ ମନିଟର ନିଆଁ ଲିଭାଇବ । କାରଣ ସେଠାକୁ ଅଗ୍ନିଶମ କମାଣ୍ଡୋ ପଶି ନିଆଁକୁ ଆୟତ୍ତ କରିବା ସମ୍ଭବ ନୁହେଁ । ରୋବଟିକ୍ ମନିଟର ଅଗ୍ନିକାଣ୍ଡ ସମୟରେ ଅସମ୍ଭବ କାର୍ଯ୍ୟ ସମ୍ଭବ କରିପାରିବ । ରିମୋଟ ମାଧ୍ୟମରେ ତାକୁ ପରିଚାଳନା କରିହେବ । ଏପରିକି ଲାଗିଥିବା କ୍ୟାମେରାରୁ ଅଗ୍ନିକାଣ୍ଡସ୍ଥଳ ଭିତର ପାର୍ଶ୍ୱ ଫଟୋ ଅଟୋମେଟିକ୍ ଅଗ୍ନିଶମ ବାହିନୀ କମ୍ପ୍ୟୁଟରକୁ ସେ ପଠାଇ ପାରିବ । ଏହି ନୂଆ ମେସିନ ସାମିଲ ହେବା ପରେ ଅଗ୍ନିଶମ କମାଣ୍ଡୋଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । କାରଣ ଭୀଷଣ ଅଗ୍ନିକାଣ୍ଡସ୍ଥଳରେ ନିଆଁକୁ ଆୟତ୍ତ କରିବା କେତେ କଷ୍ଟ କମାଣ୍ଡୋମାନେ ହିଁ ଜାଣନ୍ତି । ବିଭିନ୍ନ ସ୍ଥଳରେ ଅଗ୍ନିକୁ ଆୟତ୍ତ କରିବାରେ ବହୁ ବିଳମ୍ବ ହେବାରୁ ସମ୍ପତ୍ତି ଧ୍ୱଂସ ହୋଇଯାଇଥାଏ ।

## ଦୀପାବଳିରେ ବାଣ ଫୁଟା ରାତି ୮ ଟାରୁ ୧୦ ଘଟିକା ପର୍ଯ୍ୟନ୍ତ ହେବ: ଏସପି



ପୁରୀ, (ସବ୍ୟୁ): ଭାରତର ଆପେକ୍ସ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଦୀପାବଳିରେ ବାଣ ଫୁଟା ରାତ୍ର ୮ ଘଟିକାରୁ ୧୦ ଘଟିକା ପର୍ଯ୍ୟନ୍ତ ୨ଘଣ୍ଟା ପାଇଁ ଜାରି ରହିବ ବୋଲି ପୁରୀ ଏସପି ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି । ସବୁଜ ବାଣ ବ୍ୟବହାର ସହ ସୁରକ୍ଷିତ ଭାବେ ଦୀପାବଳି ପାଳନ ପାଇଁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି । ଛୋଟ ପିଲାମାନେ ବାଣ ଫୁଟାଇବା ସମୟରେ ବଡ ଲୋକ ମାନେ ସେମାନଙ୍କ ନିକଟରେ ନିଶ୍ଚିତ ଉପସ୍ଥିତ ରହିବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ସମୁଦ୍ର ରେ ସ୍ନାନ ସମୟରେ ଅଧିକ ଗଭୀର କୁ ନ ଯିବା ଓ ଲାଇଫ ଗାର୍ଡ ମାନଙ୍କ ସହାୟତା ନେବାକୁ ପରାମର୍ଶ ଦିଆଯାଇଛି ।

## ବଙ୍ଗାଳିଡାହିରେ ବ୍ୟାପୁଛି ହାତଫୁଟି(ଚିକେନ ପକ୍ସ), ୫ ପରିବାରର ୯ ଜଣ ଆକ୍ରାନ୍ତ

ବେତନଟୀ(ସବ୍ୟୁ): ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ବଙ୍ଗାଳିଡାହି ଗ୍ରାମରେ ବ୍ୟାପକ ଭାବେ ବଢିଚାଲିଛି ହାତଫୁଟି ରୋଗ ହାତଫୁଟି ଏକ ସଂକ୍ରାମକ ରୋଗ ହୋଇଥିବାରୁ ଉକ୍ତ ଗ୍ରାମର ଛତିଶ ମହାନ୍ତ, ଶ୍ୟାମ ମହାନ୍ତ, ବୈଦ୍ୟନାଥ ମହାନ୍ତ, ବତିଶ ମହାନ୍ତ ଓ ବୈକୁଣ୍ଠ ମହାନ୍ତଙ୍କ ପରିବାରର ୯ଜଣ ହାତଫୁଟି ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାଯାଇଛି ଦୁଇ ସପ୍ତାହ ହେବ ଏହା ବ୍ୟାପି ଚାଲିଥିବା ବେଳେ ସମୟ ଅନୁସାରେ ଚିକିତ୍ସା କରାନଗଲେ ଏହା ଗ୍ରାମର ଅନେକ ଗାମବାସୀଙ୍କୁ ଆକ୍ରାନ୍ତ କରିପାରେ ବୋଲି ଆକଳନ କରାଯାଉଛି ଏହି ସଂକ୍ରାମକ ରୋଗ ବାବଦରେ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆ ପରେ ବୈଶିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରସନ୍ନ କୁମାର ପାତ୍ର ସେହି ଗାଁରେ ପହଞ୍ଚି ତଥ୍ୟ ସଂଗ୍ରହ କରି ଫେରିଥିଲେ ଏନେଇ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାଶଙ୍କୁ ଯୋଗାଯୋଗ କରିବା ପରେ ସେ ଏନେଇ ଉଚିତପଦକ୍ଷେପ ଗ୍ରହଣ କରିବା ସହଆସନ୍ତାକାଲି ସ୍ୱାସ୍ଥ୍ୟ ବିଭାଗର ଏକ ଟିମ ଯାଇ ସେମାନଙ୍କ ଚିକିତ୍ସା ନିମନ୍ତେ ସହଯୋଗ କରିବେ ।

### ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ

## ସୂଚନା ଓ ଲୋକସଂପର୍କ ବିଭାଗ କର୍ମଚାରୀଙ୍କ ଶପଥ ପାଠ



ଭୁବନେଶ୍ୱର, (ସବ୍ୟୁ): ସୂଚନା ଓ ଲୋକସଂପର୍କ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ସାମାଜିକ ପ୍ରତିବଦ୍ଧତାର ପ୍ରଦର୍ଶନ ନେଇ ଶପଥ ପାଠକରିଛନ୍ତି । ସାରା ରାଜ୍ୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସିମାଧ୍ୟମରେ ରାଜ୍ୟର ସମସ୍ତ କର୍ମଚାରୀ ଓ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ । ଏହି ମର୍ମରେ ସୂଚନା ଓ ଲୋକସଂପର୍କ ବିଭାଗ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏହି ଉତ୍ସବରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ । ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଦୁର୍ନୀତିଏକ ବଡ଼ ପ୍ରତିବନ୍ଧକ ହୋଇଥିବାରୁ ଅଧିକାରୀ ଓ କର୍ମଚାରୀମାନେ ନିଷ୍ପାପର ଭାବେ ଆଇନ ଅନୁମୋଦିତ କାର୍ଯ୍ୟ କରିବେ ବୋଲି ଶପଥ ନେଇଥିଲେ । ନିଜ ଆଚରଣ ଓ କର୍ତ୍ତବ୍ୟ ସଂପାଦନରେ ସାଧୁତା ଅବଲମ୍ବନ ସହ ଦୁର୍ନୀତି ଓ ଲାଞ୍ଚ ଦେବା ଓ ନେବା ଭଳିଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବେ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ ।

ଆଜିର ଏହି ଶପଥ ପାଠ ଉତ୍ସବରେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁର୍‌ବୀର ସିଂହ, ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଉପଶାସନ ସଚିବ ଏସ୍.କେ. କଲାମୁଦ୍ଦିନ୍, ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀଙ୍କ ସମତେ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶପଥ ପାଠ କରିଥିଲେ ।

## ସୋଆ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ୨୦୨୪-୨୫ ଶିକ୍ଷା ବର୍ଷ ନିମନ୍ତେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇଥିବା ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ ଉତ୍ସବ ଆୟୋଜିତ



ହୋଇଯାଇଛି। ଗତ ଶନିବାର ଦିନ ଭୁବନେଶ୍ୱର ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ-୧ରେ ଏମ୍‌ବିବିଏସ୍ ନୂତନ ବର୍ଷର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସୋମବାର ଦିନ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ୨, ଫୁଲନଖରା କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏହି ଉତ୍ସବର ଆୟୋଜନ କରାଯାଇଥିଲା । ଶନିବାର ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ-୧ରେ ଆୟୋଜିତ ହ୍ୱାଇଟ୍ କୋଟ ଉତ୍ସବରେ ୨୫୦ ଜଣ ଛାତ୍ରଛାତ୍ରୀ ହିପୋକ୍ରାଟିକ୍ ଶପଥ ନେବା ସହ ମୂଲ୍ୟବୋଧ ଭିତିକ ଚିକିତ୍ସା କରିବା ନିମନ୍ତେ ଶପଥ ନେଇଥିଲେ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହ ଏହା କେବଳ ଏକ କୋଟ ନୁହେଁ ବରଂ ପ୍ରତି ଡାକ୍ତରର ପ୍ରଥମ ପରିଚୟ ଅଟେ ବୋଲି କହିଥିଲେ। ତେଣୁ ଏହାକୁ ପିନ୍ଧି ପ୍ରତ୍ୟେକ ଡାକ୍ତରୀ ଛାତ୍ରଛାତ୍ରୀ ଗର୍ବ ଅନୁଭବ କରିବା ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ହସ୍ପିଟାଲର ସମସ୍ତ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ସୋମବାର ଦିନ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨ ଫୁଲନଖରା କ୍ୟାମ୍ପସ୍‌ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଥମ ବ୍ୟାଚ ତଥା ୨୦୨୪-୨୫ ଶିକ୍ଷା ବର୍ଷରେ ନାମ ଲେଖାଇଥିବା ୧୫୦ ଜଣ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ହ୍ୱାଇଟ କୋଟ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସମସ୍ତ ଡାକ୍ତରୀ ଛାତ୍ରଛାତ୍ରୀ ମାନଙ୍କୁ ଆପ୍ରୋନ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସନ୍ନଜିତ୍ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଆସିଷ୍ଟାଂଟ ମେଡିକାଲ୍ ସୁପରିଟେଣ୍ଡେଂଟ ଡଃ ସିଦ୍ଧାର୍ଥ ଗୌତମ ଧନ୍ୟବାଦ ଅର୍ପଣ କରିଥିଲେ।

### ଫଟୋ ସାମ୍ବାଦିକ ଅତୁଲ୍ୟ ମହାନ୍ତିଙ୍କ

## ଫଟୋ ପ୍ରଦର୍ଶନୀ ଡିଜାଷ୍ଟର ଇନ୍ ଲେନ୍ସ ଆଜି

ଭୁବନେଶ୍ୱର (ସବ୍ୟୁ): ସମୟର ଫଟୋ ସାମ୍ବାଦିକ ଅତୁଲ୍ୟ ମହାନ୍ତିଙ୍କ ଦ୍ୱାରା ବାତ୍ୟା ଉପରେ ପର୍ଯ୍ୟବେଶିତ ଫଟୋ ପ୍ରଦର୍ଶନୀ ଡିଜାଷ୍ଟର ଇନ୍ ଲେନ୍ସ ଭୁବନେଶ୍ୱର ଜୟଦେବଭବନ ଠାରେ ଅନୁଷ୍ଠିତ ହେବ । ୨୯ତାରିଖ ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ । ଏଥିରେ ଅତିଥିଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଏକାମ୍ର ବିଧାୟକ ବାବୁ ସିଂହ ଓ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେବେ । ଏହି ପ୍ରଦର୍ଶନୀ ୨୯ ଓ ୩୦ତାରିଖ



ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଅଫ ଗ୍ଲୋବାଲ ଚେଞ୍ଜର କଣ୍ଟ୍ରି ଡ଼ାଇରେକ୍ଟର ବିବେକ ଅଗ୍ରୱାଲ, ଡ଼ାଇରେକ୍ଟର ଡେଲିଭରୀ ଲୁସି ଇସୋଟା, କାଲମ ହ୍ୟାଣ୍ଡଫୋର୍ଥ ଏବଂ ପୁରା ଟିମ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା କରିଥିଲେ । ଓଡ଼ିଶାର କୃଷି ଓ ଶକ୍ତି କ୍ଷେତ୍ରରେ ଥିବା ଅପାର ସମ୍ଭାବନାକୁ ବୈଷୟିକ ଜ୍ଞାନକୌଶଳ ଓ ଏଆଇ ସହାୟତାରେ ଅଧିକ ଉନ୍ନତ ତଥା ଲାଭଜନକ କରିବା ନେଇ ପ୍ରସ୍ତାବ ଦେଇଥିଲେ । ଶେଷରେ ଟୋନି ବ୍ଲେୟାରଙ୍କ ରଚିତ ନୂତନ ପୁସ୍ତକ ' On Leadership : Lessions for the 21st century' ଉପହାର ସ୍ୱରୂପ ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ ।

### ବେଦାନ୍ତ ଆଲୁମିନିୟମ୍ ଯୁବ ସ୍ନାତକମାନଙ୍କୁ

## ପ୍ରୋଜେକ୍ଟ ସକ୍ଷମ୍ ମାଧ୍ୟମରେ ଉନ୍ନତ ଶିଳ୍ପ ତାଲିମ ଦେବା ସହିତ ସଶକ୍ତ କରିଛି

ଭୁବନେଶ୍ୱର, (ସବ୍ୟୁ): ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ, ଏହାର ଫ୍ଲାଗସିପ୍ ଦକ୍ଷତା ବିକାଶ ପଦକ୍ଷେପ ପ୍ରୋଜେକ୍ଟ ସକ୍ଷ୍ୟମ୍ ମାଧ୍ୟମରେ ଝାରସୁଗୁଡା ତଥା ପଡୋଶୀ ସହର ଏବଂ ଗ୍ରାମରୁ ଆଇଟିଆଇ ସ୍ନାତକମାନଙ୍କୁ ପ୍ରତିଷ୍ଠିତ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ଭୁବନେଶ୍ୱର ଶିଳ୍ପ ପ୍ରଶିକ୍ଷଣରେ ସଫଳତାପୂର୍ବକ ସହାୟତା କରିଛି। ଏକ ବର୍ଷ ଧରି ଚାଲିଥିବା ଆବାସିକ କାର୍ଯ୍ୟକ୍ରମ ପ୍ରୋଜେକ୍ଟ ସକ୍ଷ୍ୟମ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ମେକାଟ୍ରୋନିକ୍ସ, ଯାନ୍ତ୍ରିକ ଏବଂ ବୈଦ୍ୟୁତିକ ସେବା, ଭୂଲମ୍ବ ପରିବହନ ଏବଂ ବୈଦ୍ୟୁତିକ ପ୍ରଯୁକ୍ତିବିଦ୍ୟା ଭଳି ବିଭିନ୍ନ ବ୍ୟବସାୟରେ ବିଶେଷଜ୍ଞମାନଙ୍କଠାରୁ ଉନ୍ନତ ଶିକ୍ଷା ଲାଭ କରିଛିଁ । କାର୍ଯ୍ୟକ୍ରମ ସଫଳତାର ସହିତ ସମାପ୍ତ ହେବାସହିତ, ଟାଟା ମୋଟର୍ସ, ଜନସନ ଲିଫ୍ଟ ଏବଂ ଏସ୍କାଲେଟର ସମେତ ଅଗ୍ରଣୀ ସଂଗଠନଗୁଡିକ ସହିତ ନିଯୁକ୍ତି ପାଇବାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ବେଦାନ୍ତ ପକ୍ଷରୁ ସମ୍ମାନିତ କରାଯାଇଥିଲା।

ଏହି ପଦକ୍ଷେପ ସମ୍ପର୍କରେ ମୁଖ୍ୟ ପରିଚାଳନା ଅଧିକାରୀ ବେଦାନ୍ତ ଆଲୁମିନିୟମ ସୁନୀଲ ଗୁପ୍ତା କହିଛନ୍ତି ଯେ ପ୍ରୋଜେକ୍ଟ ସକ୍ଷ୍ୟମ୍ ପରବର୍ତୀ ପିଢିକୁ ସଶକ୍ତ କରିବା ପାଇଁ ଆମର ଅଦମ୍ୟ ପ୍ରତିବଦ୍ଧତାକୁ ଦର୍ଶାଉଛି। ଆମେ ଆମର ସ୍ନାତକମାନଙ୍କ ପାଇଁ ଅତ୍ୟଧିକ ଗର୍ବିତ, ଯାହାକି ସେମାନଙ୍କର ଉଲ୍ଲେଖନୀୟ ସଫଳତା ତଥା କଠିନ ପରିଶ୍ରମ ଏବଂ ସାମର୍ଥ୍ୟର ପ୍ରମାଣ ଅଟେ । ଯେଉଁଠାରେ ଆମେ କାର୍ଯ୍ୟ କରୁଛୁ ସେହି ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ସ୍ଥିତିକୁ ବଢାଇବା ପାଇଁ ଆମେ ପ୍ରତିବଦ୍ଧ ଅଟୁ । ସେମାନଙ୍କୁ ବଜାର ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି କରିବା ଏବଂ ନିରନ୍ତର ଶିକ୍ଷାର ସଂସ୍କୃତି ପ୍ରତିପାଦନ କରି ଆମେ କେବଳ ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ସାହାଯ୍ୟ କରୁନାହୁଁ ବରଂ ଦେଶର ସୁଦୂର ଅଂଚଳକୁ ସାମାଜିକ-



ଅର୍ଥନୈତିକ ମୁଖ୍ୟ ସ୍ରୋତରେ ମଧ ପହଞ୍ଚାଉଛୁ । ବେଦାନ୍ତ ଆଲୁମିନିୟମ ସେମାନଙ୍କ ପରିବର୍ତନଶୀଳ ଯାତ୍ରାର ଏକ ଅଂଶ ହୋଇଥିବାରୁ ଏହା ଏକ ଗୌରବର ବିଷୟ ଅଟେ ।

ପ୍ରୋଜେକ୍ଟ ସକ୍ଷ୍ୟମ୍ ବ୍ୟତୀତ, ଓଡ଼ିଶାରେ ବେଦାନ୍ତର ସ୍କିଲିଂ ପ୍ରୋଗ୍ରାମ ଏକାଧିକ ସ୍ଥାନରେ ପରିଚାଳିତ ହେଉଛି, ଯେପରିକି: ଓଡ଼ିଶାର ଝାରସୁଗୁଡାର ଆଲୁମିନିୟମ ପ୍ଲାଂଟରେ କମ୍ପାନୀ ଅଶୋକ ଲେଲାଣ୍ଡ ଏବଂ ରାଜ୍ୟ ସରକାରଙ୍କ ସହ ହାଲୁକା ମୋଟର ଯାନ ଏବଂ ଭାରୀ ମୋଟର ଯାନ ତାଲିମ କାର୍ଯ୍ୟକ୍ରମ ପାଇଁ ସହଯୋଗ କରିଛି। ଅନେକ ପ୍ରଶିକ୍ଷକ ବେଦାନ୍ତର କାର୍ଯ୍ୟରେ ଏବଂ ନିକଟସ୍ଥ ଶିଳ୍ପରେ ଅବତୀର୍ଣ୍ଣ ହୋଇଛନ୍ତି । ଓଡ଼ିଶାର କାଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡରେ ଏହାର ଆଲୁମିନା ରିଫାଇନାରୀ କାର୍ଯ୍ୟରେ ବେଦାନ୍ତ ଆଲୁମିନିୟମ୍ ଆଗାମୀ ତିନିବର୍ଷ ମଧ୍ୟରେ ଓଡିଶା ସ୍କିଲ୍ ଡେଭଲପମେଂଟ ଅଥରିଟି ଏବଂ ନାବାର୍ଡର ସହଯୋଗରେ ବେଦାନ୍ତ ୩୫୦୦ ଯୁବକମାନଙ୍କ ଦକ୍ଷତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଲାଞ୍ଜିଗଡଏବଂ ଭବାନୀପାଟଣରେ ଥିବା ଦକ୍ଷତା ତାଲିମ କେନ୍ଦ୍ରଗୁଡ଼ିକ ଖାଦ୍ୟ ଏବଂ ପାନୀୟ, ଆତିଥ୍ୟ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣରେ ଭୂମିକା ପାଇଁ ତାଲିମ ପାଠ୍ୟକ୍ରମ ପ୍ରଦାନ କରନ୍ତି । ଏହି କାର୍ଯ୍ୟକ୍ରମଗୁଡିକର ସ୍ନାତକମାନେ କ୍ଲବ୍ ମହିନ୍ଦ୍ରା, ମିନର୍ଭା ଗ୍ରୁପ୍ ଅଫ୍ ହୋଟେଲ ଏବଂ ରେଷ୍ଟୁରାଂଟ, ହୋଣ୍ଡା ଶୋ'ରୁମ୍, ଏବଂ ସରୋଭର୍ ହୋଟେଲ ଏବଂ ରିସର୍ଟ ଭଳି ପ୍ରତିଷ୍ଠିତ ସଂଗଠନ ସହିତ ସ୍ଥାନ ସୁରକ୍ଷିତ କରିଛନ୍ତି । ଚଳିତ ଆର୍ଥିକ ବର୍ଷରେ, ଏହି କାର୍ଯ୍ୟକ୍ରମରେ ୭୭ପ୍ରତିଶତ ସଫଳ ପ୍ଲେସମେଣ୍ଟ ଲକ୍ଷ୍ୟ କରାଯାଇଥିଲା। ଓଡ଼ିଶାର ସୁନ୍ଦରଗଡର ଜାମଖାଣୀ ଠାରେ ଏହାର ଖଣି କାର୍ଯ୍ୟରେ ବେଦାନ୍ତ ଆଲୁମିନିୟମ୍ ସ୍କିଲ୍ ଡେଭଲପମେଂଟ ଇନଷ୍ଟିଚ୍ୟୁଟ୍, ଭୁବନେଶ୍ୱର ଏବଂ ଷ୍ଟେଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜମେଂଟ, ବାଲାଙ୍ଗୀର ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ୬୦ରୁ ଅଧିକ ପ୍ରାର୍ଥୀଙ୍କୁ ତାଲିମ ଦିଆଯାଇଛି। ଏହି ପ୍ରୋଗ୍ରାମଗୁଡିକ ସଫଳ ହୋଇଛି, ତାଲିମ ପ୍ରାପ୍ତ ପ୍ରାର୍ଥୀଙ୍କ ମଧ୍ୟରୁ ଅଧିକାଂଶ ପ୍ରଯୁଜ୍ୟ ଚାକିରି ପରବର୍ତ୍ତୀ ତାଲିମ ସୁରକ୍ଷିତ ମଧ କରିସାରିଛନ୍ତି ।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଫୁଲନଖରା,(ସବ୍ୟୁ) : ସଦର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପ୍ରତାପନଗରୀ ନିକଟରେ ଗତ ରବିବାର ଏକ କାର ଧକ୍କାରେ ଜଣେ ଯୁବକଙ୍କର ମତ୍ୟୁ ହୋଇଛି । ମୃତ ଯୁବକ ଜଣଙ୍କ ସଦର ଥାନା ଅନ୍ତର୍ଗତ ଦକ୍ଷିଣ ଉଷୁମା ଗ୍ରାମର ରମାନାଥ ରଥ(୩୮) । ଘଟଣାରୁ ପ୍ରକାଶ ଯେ,ରମାନାଥ ଗତ ରବିବାର ଦିନ କଟକରୁ ବାଇକରେ ନିଜ ଘର ଦକ୍ଷିଣ ଉଷୁମାକୁ ଫେରୁଥିଲାବେଳେ ପ୍ରତାପନଗରୀ ନିକଟରେ ଏକ କାର ତାଙ୍କୁ ପଛପଟୁ ଧକ୍କା ଦେଇ ଦ୍ରୁତ ଗତିରେ ପଳାଇଯାଇଥିଲା । ଫଳରେ ରମାନାଥ ରାସ୍ତାରେ ଛିଟିକି ପଡ଼ିଥିଲେ । ଲୋକମାନେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ମେଡ଼ିକାଲ ପଠାଇଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଦିନ ଶବ ବ୍ୟବଚ୍ଛେଦ କରାଯାଇ ପୁରୀ ସ୍ୱର୍ଗ ଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ସେ ଜଣେ ପରୋପକାରୀ ,ସ୍ନେହୀ,ଦୟାଳୁ ଯୁବକ ଥିଲେ । ତାଙ୍କ ମୃତୁ ଖବର ପାଇ ତାଙ୍କ ଗ୍ରାମ ସମେତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଭୁବନେଶ୍ୱରରେ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ଦ୍ୱାରା କଲ୍ୟାଣ ଜୁଏଲର୍ସ ସୋ'ରୁମ୍ ଉଦଘାଟିତ

## ସ୍ଥାନୀୟ ଗ୍ରାହକମାନଙ୍କ ପାଇଁ ମେଗା ଉଦଘାଟନୀ ଅଫର

ଭୁବନେଶ୍ୱର(ସବ୍ୟୁ) : ଭାରତର ଅନ୍ୟତମ ବୃହତମ ଏବଂ ବିଶ୍ୱସ୍ତ ଗହଣା ବ୍ରାଣ୍ଡ କଲ୍ୟାଣ ଜୁଏଲର୍ସ ଆଜି ଭୁବନେଶ୍ୱର ସୌଭାଗ୍ୟ ନଗରରେ ଏହାର ନୂଆ ସୋ'ରୁମ୍ ଆରମ୍ଭ କରିଛି। କଲ୍ୟାଣ ଜୁଏଲର୍ସର ବିଭିନ୍ନ କଲେକ୍ସନର ଭିନ୍ନ ଭିନ୍ନ ଡିଜାଇନ୍ ଥିବା ଏହି ସୋ'ରୁମକୁ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଉଦଘାଟନ କରିଛନ୍ତି ।



ଏହି ଅବସରରେ ବଲିଉଡ ସୁପରଷ୍ଟାର ଶିଳ୍ପା ସେଟ୍ଟୀ କହିଛନ୍ତି ଯେ, 'କଲ୍ୟାଣ ଜୁଏଲର୍ସର ସୋ'ରୁମ୍‌ର ଉଦଘାଟନ ପାଇଁ ଏଠାକୁ ଆସି ମୁଁ ଆନନ୍ଦିତ। କମ୍ପାନିର 'ଟ୍ରଷ୍ଟ ଇଜ୍ ଏଭରିଥିଙ୍ଗ' ନୀତି ପ୍ରତି ପ୍ରତିବଦ୍ଧତା ସେମାନଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ କରିଛି। ସେବା ଉତ୍କର୍ଷତା ଏବଂ ଗ୍ରାହକ କୈନ୍ଦ୍ରୀକ ପ୍ରତି କମ୍ପାନିର ଅତୁଟ ସମର୍ପଣ କଲ୍ୟାଣ ଜୁଏଲର୍ସକୁ ଏହାର ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ସ୍ୱତନ୍ତ୍ର କରିଛି।

ଧନତେରସ ଏବଂ ଦୀପାବଳିର ପବିତ୍ର ପର୍ବ ଋତୁରେ ଏହି ନୂତନ ସୋ'ରୁମ୍ ଉଦଘାଟନ କରାଯାଇଛି। ଗ୍ରାହକମାନେ ଏକ ବିଶ୍ୱସ୍ତରୀୟ ପରିବେଶରେ ସେବା ସମର୍ଥିତ ସପିଂ ଅନୁଭୂତି ଉପଭୋଗ କରିପାରିବେ।

ନୂଆ ସୋ'ରୁମ୍ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି ଯେ, 'ଏକ କମ୍ପାନି ଭାବେ ଆମେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟରେ ପହଂଚିଛୁ । ଆମର ବିଶ୍ୱାସ ଯେ ଭୁବନେଶ୍ୱରର ଏହିସୋ'ରୁମ୍ ଆମର ବଜାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ଏବଂ ଆମ ମୂଲ୍ୟବାନ ଗ୍ରାହକମାନଙ୍କୁ ଅଧିକ ସୁବିଧା ଏବଂ ସେବା ଉପଲବ୍ଧ କରିବ ।

ଉନ୍ମୋଚନ ଅବସରରେ କଲ୍ୟାଣ ଜୁଏଲର୍ସ ଅନେକ ଆକର୍ଷଣୀୟ ଅଫର ଘୋଷଣା କରିଛି ଯାହା ଗ୍ରାହକମାନଙ୍କୁ ସେମାନଙ୍କ ଗହଣା କ୍ରୟରେ ଉଲ୍ଲେଖନୀୟ ସଂଚୟ କରିବାର ସୁଯୋଗ ଦେଇଛି । ଦୀପାବଳି ବୋନା। ଅଫର ଅଧୀନରେ ଗ୍ରାହକମାନେ ସାଦା ସୁନା ଅଳଙ୍କାର ପାଇଁ ଗଢ଼ା ମଜୁରି ଉପରେ ୪୫% ପର୍ଯ୍ୟନ୍ତ ରିହାତି ପାଇପାରିବେ ।

# ଶିମିଳିପାଳ ଅଭୟାରଣ୍ୟରେ ବୁଲିଲା ବାଘୁଣୀ ଯମୁନା



ବାରିପଦା, (ସବ୍ୟୁ) : ଶିମିଳିପାଳ ଅଭୟାରଣ୍ୟରେ ବାଘୁଣୀ ଯମୁନା। ଆଜି ଶିମିଳିପାଳ ଅଭୟାରଣ୍ୟ କୋର ଏରିଆରେ ବାଘୁଣୀ ଯମୁନାକୁ ଛଡ଼ାଯାଇଛି। ଶିମିଳିପାଳରେ ମହାବଳ ବାଘ ବଂଶ ବିସ୍ତାର କରିବା ଦିଗରେ କାମ କରିବା ରବିବାର ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ବ୍ୟାଘ୍ର ଅଭୟାରଣ୍ୟରୁ ଶିମିଳିପାଳକୁ ଅଣାଯାଇଥିଲା ଗୋଟିଏ ବାଘୁଣୀ। ଅଢ଼େଇ ବର୍ଷର ବାଘୁଣୀକୁ ଧରି ବନବିଭାଗ ଟିମ୍ ଶିମିଳିପାଳ ପହଞ୍ଚିଥିଲେ। ଆଜି ଶିମିଳିପାଳ କୋର ଏରିଆରେ ବାଘୁଣୀକୁ ଛଡ଼ାଯାଇଛି। ରାଜ୍ୟରେ ବର୍ତ୍ତମାନ ମୋଟ ୩୦ଟି ମହାବଳ ବାଘ ଥିବାବେଳେ ତାମଧ୍ୟରୁ ୨୭ଟି ଅଛନ୍ତି ଶିମିଳିପାଳ ଅଭୟାରଣ୍ୟରେ। ଏହି ୨୭ଟି ଭିତରୁ ୧୩ଟି ହେଉଛି କଳା ମେଲାନିଷ୍ଟିକ ବାଘ। ତେବେ ଜେନେଟିକ୍ ଇନବ୍ରିଡିଂକୁ ରୋକିବା ସହ ମହାବଳ ବଂଶ ବିସ୍ତାର ପାଇଁ ବନବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଖୁବ୍‌ଶୀଘ୍ର ମହାରାଷ୍ଟ୍ରରୁ ଆଉ ଏକ ମହାବଳ ବାଘକୁ ଶିମିଳିପାଳ ଅଣାଯିବ ବୋଲି ସୂଚନା ଦେଇଛି ବନ ବିଭାଗ।

## ଗଜପତିରେ ପୁଣି ଜନନୀ ଯନ୍ତ୍ରଣା

# ରାସ୍ତା ନଥିବାରୁ ଗର୍ଭବତୀଙ୍କ ଶବ କାନ୍ଧରେ ବୋହିଲେ ଗ୍ରାମବାସୀ

ପାରଳାଖେମୁଣ୍ଡି, (ସବ୍ୟୁ): ଗାଁକୁ ରାସ୍ତା ନଥିବା ଯୋଗୁଁ ଯାଇପରି ଲାନି ଆମ୍ବୁଲାନ୍ସ ଫଳରେ ମୃତ ଗର୍ଭବତୀ ମହିଳାଙ୍କ ଶବକୁ ପ୍ରାୟ ୨ କିଲୋମିଟର କାନ୍ଧରେ ବୋହି ଆଣିଲେ ଗ୍ରାମବାସୀ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ଅଡବା ଥାନା ଥାନା ନିର୍ଦ୍ଧିକିଆ ଗାଁରେ । ଅସୁସ୍ଥତା ଯୋଗୁଁ ଗାଁ ଗାଁର ଗର୍ଭବତୀ ମହିଳା ମମତା ମଲ୍ଲିକଙ୍କ ମୃତ୍ୟୁ ଘଟିଥିବା ବେଳେ ମୃତଦେହକୁ ପ୍ରାୟ ୨ କିମି କାନ୍ଧରେ ବୋହି ଗାଁକୁ ଆଣିଥିଲେ ଗ୍ରାମବାସୀ । ଡମ୍ବଗୁଡ଼ା ପଞ୍ଚାୟତ ନିଲ୍ଲିକ୍ଲିଆ ଗ୍ରାମର ବଳରାମ ମଲ୍ଲିକଙ୍କ ପତ୍ନୀ ମମତ ମଲ୍ଲିକ ୬ ମାସର ଗର୍ଭବତୀ ଥିଲେ । ତେବେ ଗର୍ଭବତୀ ମହିଳା ମମିତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଓ ଗ୍ରାମବାସୀ ପ୍ରଥମେ ଅଡବା ମେଡିକାଲ ନେଇଥିଲେ । ସେଠାରେ ଚିକିତ୍ସା କରାଯାଇଥିଲେ ମଧ୍ୟ ମମତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିନଥିଲା । ଏହାପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ତେବେ ରବିବାର ଭୋର ସମୟରେ ବ୍ରହ୍ମପୁର ମେଡିକାଲରେ ଚିକିତ୍ସାଧୀନ



ଅବସ୍ଥାରେ ମମତାର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଏକ ଆମ୍ବୁଲାନ୍ସ ଯୋଗେ ଶବକୁ ବ୍ରହ୍ମପୁରରୁ ଗାଁକୁ ଆଣିଥିଲେ। ତେବେ ଗାଁକୁ ରାସ୍ତା ନଥିବା ଯୋଗୁଁ ଆମ୍ବୁଲାନ୍ସ ଗାଁ ଠାରୁ ପ୍ରାୟ ୨ କିଲୋମିଟର ଦୂର ହରଗୁଦ ଗାଁ ନିକଟରେ ଶବ ଛାଡି ଦେଇଥିଲା । ତେଣୁ ବାଧ ହୋଇ ଗାଁ ଲୋକେ ଶବକୁ ୨କିଲୋମିଟର କାନ୍ଧରେ ବୋହି ନେଇଥିଲେ । ମେଡିକାଲ ନେବାବେଳେ ମଧ ଦୋଳା କରି ପାଦ ଚଲାରେ କାନ୍ଧରେ ବୋହି ନେଇଥିଲେ ଗ୍ରାମବାସୀ । ଗାଁକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନ ପାଖରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା କହିଛନ୍ତି । ତେଣୁ ବର୍ଷବର୍ଷ ଧରି ଏଭଳି ସମସ୍ୟା ଭୋଗୁଥିବା କହିଛନ୍ତି ଗ୍ରାମବାସୀ । ସରକାର ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରି ରାସ୍ତା ନିର୍ମାଣ କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି ।

# ୧୧ ଲକ୍ଷ ଠକେଇ, ଥାନାରେ ମାମଲା

ବ୍ରହ୍ମପୁର, (ସବ୍ୟୁ): ଜଣେ ଯୁବକଙ୍କ ନାଁରେ ବ୍ୟାଙ୍କରୁ ବ୍ୟବସାୟୀକ ଋଣ କରାଇଦେବା ପରେ ଚଞ୍ଚକତା କରି ତାଙ୍କ ଠାରୁ ୧୧ ଲକ୍ଷ ଟଙ୍କା ଠକେଇ କରାଯାଇଛି । ଠକେଇର ଶିକାର ହୋଇଥିବା ଆଙ୍କୁଶପୁରର କୃଷ୍ଣଚନ୍ଦ୍ର ସାହୁଙ୍କ ଅଭିଯୋଗ ଆଧାରରେ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୨୪/୨୪ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଘର ତିଆରି କରିବା ପାଇଁ କୃଷ୍ଣଚନ୍ଦ୍ରଙ୍କୁ ୫ ଲକ୍ଷ ଟଙ୍କା ଆବଶ୍ୟକ ରହିଥିଲା । କୃଷ୍ଣଚନ୍ଦ୍ର ଘରର କାଗଜପତ୍ର ଧରି ବିଭିନ୍ନ ବ୍ୟାଙ୍କକୁ ଯାଇ ଋଣ ପାଇଁ ଆବେଦନ କରିଥିଲେ ମଧ ତାଙ୍କୁ କୌଣସି ସ୍ଥାନରୁ ଋଣ ମିଳିନଥିଲା। ଏହି ସମୟରେ କୃଷ୍ଣଚନ୍ଦ୍ରଙ୍କୁ ତାଙ୍କ ଗ୍ରାମର ଶିବଶଙ୍କର ସାହୁ ନାମକ ଜଣେ ଯୁବକ ଋଣ କରାଇବା ଦିଗରେ ସହଯୋଗ କରିବେ ବୋଲି କହିଥିଲେ। ବ୍ରହ୍ମପୁର ରାଜା ସାହିର ଜ୍ୟୋତିପ୍ରସାଦ ବେହେରା ନାମକ ଜଣେ ବ୍ୟକ୍ତି ତାଙ୍କର ପରିଚୟ ଅଛନ୍ତି ଯିଏକି ବିଭିନ୍ନ ବ୍ୟାଙ୍କରୁ ଋଣ କରାଇଦେବେ ବୋଲି ଶିବଶଙ୍କର ତାଙ୍କୁ କହିଥିଲା । ଏହାପରେ ଉଭୟ ମିଶି ଜ୍ୟୋତିପ୍ରସାଦ ବେହେରାଙ୍କ ନିକଟରେ ପହଞ୍ଚି ଋଣ ଆବେଦନ ସମ୍ପର୍କିତ ବିଭିନ୍ନ କାଗଜପତ୍ର ଦେଇଥିଲେ। ହେଲେ କୃଷ୍ଣଚନ୍ଦ୍ର ନାଁରେ କୌଣସି ବ୍ୟାଙ୍କରୁ ଋଣ ମଞ୍ଜୁର ହୋଇପାରିବ ନାହିଁ ବୋଲି ଜ୍ୟୋତିପ୍ରସାଦ କହିବା ସହ ଏକ ନୂତନ ଦୋକାନ ଖୋଲି ସେହି ଦୋକାନ ନାଁରେ ଋଣ କରାଇବାକୁ ପ୍ରସ୍ତାବ ଦେଇଥିଲା । ତେବେ ଦୋକାନ ନାଁରେ ଅଧିକ ଟଙ୍କାର ଋଣ ଆଣି କୃଷ୍ଣଚନ୍ଦ୍ର ଓ ଜ୍ୟୋତିପ୍ରସାଦ ମିଳିତ ଭାବେ ସେହି ଋଣ ଟଙ୍କାକୁ ଭାଗ ବାଣ୍ଟିବା ସହ ମିଳିତ ଭାବେ ଋଣ ପରିଶୋଧ କରିବେ ବୋଲି ଉଭୟଙ୍କ ମଧ୍ୟରେ ନିଷ୍ପତ୍ତି ହୋଇଥିଲା। ଏହାପରେ କୃଷ୍ଣଚନ୍ଦ୍ର ତାଙ୍କ ନାମରେ ମହାଦେବ କ୍ରିଏସନ ନାମରେ ଏକ ଦୋକାନ ଖୋଲି ସେହି ଦୋକାନ ନାଁରେ ଆଙ୍କୁଶପୁର ସ୍ଥିତ ଏସଏମଆଇଟି ୟୁନିୟନ ବ୍ୟାଙ୍କ ଚଣ୍ଡୀପଦର ଶାଖାରେ ୧୫ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲେ। ବ୍ୟାଙ୍କ ପକ୍ଷରୁ ଋଣ ମଞ୍ଜୁର ହେବା ପରେ କୃଷ୍ଣଚନ୍ଦ୍ରଙ୍କ ଆକାଉଣ୍ଟକୁ ସମସ୍ତ ଟଙ୍କା ଆସିଥିଲା । ଏହାପରେ ଜ୍ୟୋତିପ୍ରସାଦ ଓ ଶିବଶଙ୍କର ବ୍ୟାଙ୍କର ଏକ ଟଙ୍କା ଉଠାଣ ଫର୍ମ ଆଣି କୌଶଳକ୍ରମେ କୃଷ୍ଣଚନ୍ଦ୍ରଙ୍କ ଦସ୍ତଖତ ନେଇ ଯାଇଥିଲେ। କିଛି ସମୟ ପରେ କୃଷ୍ଣଚନ୍ଦ୍ରଙ୍କ ଆକାଉଣ୍ଟରୁ ୧୧ ଲକ୍ଷ ଟଙ୍କା ଅନ୍ୟ ଏକ ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର ହୋଇଥିଲା । ଏ ସମ୍ପର୍କରେ କୃଷ୍ଣଚନ୍ଦ୍ର ପଚାରିବାରୁ ଜ୍ୟୋତିପ୍ରସାଦ ଓ ଶିବଶଙ୍କର କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଫଳରେ କୃଷ୍ଣଚନ୍ଦ୍ର ନିମଖଣ୍ଡି ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କ ଡାକି ପଚରାଉଚରା କରିବା ପରେ ସେମାନେ ଟଙ୍କା ନେବା କଥା ସ୍ୱୀକାର କରିବା ସହ ଆସନ୍ତା ୬ ମାସ ମଧ୍ୟରେ ଶିବଶଙ୍କର ସାହୁ ୧୨ ଲକ୍ଷ ଟଙ୍କା ଫେରାଇବେ ବୋଲି ଚୁକ୍ତି କରିଥିଲେ । ହେଲେ ଆଜି ଯାଏଁ ଟଙ୍କା ନଫେରାଇବାରୁ ସେ ସାଇବର ଥାନାରେ ଅଭିଯୋଗ କରିଥିଲେ ।

# ବାଣ ଭିଡିବା ବେଳେ ବିସ୍ଫୋରଣ, ଜଣେ ଗୁରୁତର



ଭଞ୍ଜନଗର, (ସବ୍ୟୁ): ବାଣ ଭିଡିବା ବେଳେ ବିସ୍ଫୋରଣ ଘଟି ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲା ତାରା ସିଂ ଥାନା ଅନ୍ତର୍ଗତ ଲେମ୍ବେଇ ଗ୍ରାମରେ ସୋମବାର ଏଭଳି ଏକ ଘଟଣା ଘଟି ଯାଇଛି। ଗ୍ରାମର ଶଙ୍କର ପାତ୍ର ନାମକ ଜଣେ ୫୫ ବର୍ଷୀୟ ବ୍ୟକ୍ତି ଆଗକୁ ବାଣ ଅମାବାସ୍ୟା ପାଇଁ ତାଳ ଫୋଟକା ବାଣ ଭିଡୁଥିବା ବେଳେ ହଠାତ ବାଣ ଟି ଶଙ୍କର ଙ୍କ ହାତରେ ହିଁ ବିସ୍ଫୋରଣ ଘଟିଥିଲା। ଫଳରେ ପୁରା ଶରୀର ବାରୁଦ ନିଆଁରେ ସିଝି ଯାଇଥିବାବେଳେ ହାତ ପାପୁଲି ୨ ଟିରେ ଗଭୀର ଆଘାତ ଲାଗିଛି। ଡାହାଣ ହାତର ପାପୁଲିରୁ ମାଂସ ସବୁ ବିସ୍ଫୋରଣରେ ଝଡି ଯାଇଥିବାରୁ ଏହା କେତେ ଭୟଙ୍କର ଥିଲା ତାହା ସହଜରେ ଅନୁମାନ କରି ହେଉଛି। ଅପରପକ୍ଷରେ ଏସଂପର୍କରେ ସୂଚନା ପାଇ ତାରା ସିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଣ ଭିଡିବାରେ ବ୍ୟବହୃତ କିଛି ସାମଗ୍ରୀ ଜବତ କରିବା ସହ ୩୯୭/୨୪ ପ୍ରକାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଗୁରୁତର ଆହତ ଶଙ୍କର ପାତ୍ରଙ୍କୁ ତୁରନ୍ତ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଯାଇଥିଲା। ଏଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏଠାରୁ ପରିବାର ଲୋକଙ୍କ ଅନୁରୋଧ କ୍ରମେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଗୁରୁତର ଶଙ୍କରଙ୍କୁ କଟକ ଏସସିବି ବର୍ଣ୍ଣଙ୍ଗ୍ ୱାର୍ଡକୁ ସ୍ଥାନାନ୍ତର କରାଯାଇଛି ।

# ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ବାରିପଦା, (ସବ୍ୟୁ) : ରିଜର୍ଭ ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ଲାଗୁ କରାଯାଇଥିବା ପେନ୍‌ସନ୍ ଢାଞ୍ଚାରେ ଅନ୍ୟାନ୍ୟ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ସଂଶୋଧିତ ପେନ୍‌ସନ୍ ବ୍ୟବସ୍ଥା ଲାଗୁ କରାଯାଉ, ସୁଲଭ ଓ ସରଳ ସ୍ୱାସ୍ଥ୍ୟବୀମା ପଲିସିର ଉପଲବ୍ଧି, ସ୍ୱାସ୍ଥ୍ୟବୀମା ପଲିସିର ବାର୍ଷିକ ପ୍ରିମିୟମ୍ ଉପରୁ ଜିଏସ୍‌ଟିର ଉଚ୍ଛେଦ, ସ୍ୱତନ୍ତ୍ର ଭତ୍ତାକୁ ହିସାବକୁ ନେଇ ମୂଳ ପେନ୍‌ସନ୍ ପରିମାଣ ନିର୍ଦ୍ଧାରଣ, ସର୍ବନିମ୍ନ ପେନ୍‌ସନ୍‌ର ପରିମାଣ ଦଶ ହଜାର ଟଙ୍କାକୁ ବୃଦ୍ଧି, ପେନ୍‌ସନ୍ ସଂଶୋଧନ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ନିମନ୍ତେ ଭାରତୀୟ ବ୍ୟାଙ୍କ ସମୂହ ସଂଘର, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ପ୍ରତିନିଧିଙ୍କ ସଙ୍ଗେ ପ୍ରତ୍ୟକ୍ଷ ଦ୍ୱିପାକ୍ଷିକ ଆଲୋଚନା ଏହି ଛଅଗୋଟି ନ୍ୟାଯ୍ୟ ଦାବୀକୁ ନେଇ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ଏକ ବିଶାଳ ଶାନ୍ତିପୂର୍ଣ୍ଣ ଗଣଧାରଣା ଅନୁଷ୍ଠିତ ହୋଇଥିଲା । ଏଥିରେ ବାରିପଦା ସମେତ ବେତନଟୀ, ଉଦଳା, ବାଙ୍ଗିରିପୋଷି ଓ ରାଇରଙ୍ଗପୁର ଶତାଧିକ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଯୋଗ ଦେଇଥିଲେ । କେନ୍ଦ୍ର ସରକାର ଦାବୀଗୁଡିକ ଉପରେ ବିହିତ ପଦକ୍ଷେପ ନ ନେଲେ ପରବର୍ତ୍ତୀ ସମୟରେ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ର କରିବାର ମତ ପ୍ରକାଶ ପାଇଥିଲା । ସମସ୍ତ ଦାବୀ ସମ୍ବଳିତ ସ୍ମାରକପତ୍ର ରାଜ୍ୟସରକାର ସାଂସଦ ମମତା ମହାନ୍ତ ଓ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା ।

# ଦୁର୍ନୀତି ହେଉଛି ବିକାଶର ମୁଖ୍ୟ ବାଧକ : ମୁଖ୍ୟମନ୍ତ୍ରୀ

## କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଲେ ଜିଲ୍ଲାପାଳ

ବାରିପଦା, (ସବ୍ୟୁ) : ଜିଲ୍ଲା ପ୍ରଶାସନର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ସ୍ଥାନୀୟ ଓଶ୍ୱାନ ସମ୍ମିଳନୀ କକ୍ଷଠାରେ ସୋମବାର ଦିନ ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧକ୍ଷତାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ହୋଇଯାଇଛି। ଏହି ସପ୍ତାହ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଖୁଣ୍ଟା ସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରୁ ଆଭାସୀ ମାଧ୍ୟମରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱର ଠାରୁ ସିଧାପ୍ରସାରଣ ହେଉଥିବା କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ, ଜିଲ୍ଲାର ସମସ୍ତ ଅଧିକାରୀଙ୍କୁ ଆଭାସୀ ମାଧ୍ୟମରେ ଶପଥ ପାଠ କରାଇଥିଲେ ଏବଂ ଦୁର୍ନୀତିକୁ ଏକ ସାମାଜିକ ବ୍ୟାଧି ବୋଲି ବର୍ଣ୍ଣନା କରିଥିଲେ। ସୂଚନା ଥାଉକି, ଚଳିତ ବର୍ଷ ଅକ୍ଟୋବର ୨୮ ତାରିଖ ଠାରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ସମଗ୍ର ଦେଶରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡ଼ିଓ କନଫେରେନ୍ସ ମାଧ୍ୟମରେ ରାଜ୍ୟବାସୀଙ୍କୁ ଦୁର୍ନୀତି ନିବାରଣ ଶପଥ ପାଠ କରାଇଥିଲେ। ଦୁର୍ନୀତି ନିବାରଣ ନିର୍ଯ୍ୟାସ ଆଧାରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, କାର୍ଟୁନ ଏବଂ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଛି। ପ୍ରତିଯୋଗିତାରେ ସମସ୍ତ ଜିଲ୍ଲାରୁ ଜିତିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ। ଆଜିଠାରୁ ଆରମ୍ଭ ହୋଇଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନରେ ଜିଲ୍ଲାମୁଖ୍ୟ କାର୍ଯ୍ୟାଳୟରେ ଛାତ୍ର ସମାଜ, ଯୁବ ଗୋଷ୍ଠୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ସ୍ୱୟଂସହାୟକ ଗୋଷ୍ଠୀ, ସାମାଜିକ ଅନୁଷ୍ଠାନ ଏବଂ ସାଧାରଣ ଜନତା, ବ୍ୟକ୍ତିଗତ ସଂସ୍ଥା ଦୁର୍ନୀତି ବିରୁଦ୍ଧରେ ସର୍ବସାଧାରଣରେ ସ୍ୱର ଉତ୍ତୋଳନ ପାଇଁ ଦୁର୍ନୀତି ନିବାରଣ ସଂସ୍ଥା ଓ ସଂଗଠନଙ୍କୁ ଦୁର୍ନୀତି ନିବାରଣ ଅଭିଯାନରେ ସାହାଯ୍ୟ ଓ ସହଯୋଗ କରିବେ। ଆଜିର ଏହି କାର୍ଯ୍ୟକ୍ରମରେ ବାରିପଦା ଠାରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଅଭୟ କୁମାର ଦାଶ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଇନ୍ଦ୍ରାଖି ଅଞ୍ଚଳକୁ ପୁଣି ଫେରିଲା ବିଷାକ୍ତ ଦେଶୀ ମଦ

ରଙ୍ଗେଇଲୁଣ୍ଡା, (ସବ୍ୟୁ): ଚିକିଟି ମାଉନ୍ଦପୁର ମଦ ମୃତ୍ୟୁ ଘଟଣା ପରେ ପ୍ରଶାସନ ଏବଂ ଅବକାରୀ ବିଭାଗ ବେଶ ସଫଳତାର ସହ ମୁକାବିଲା କରିବା ସହ ବେଆଇନ ଦେଶୀ ଏବଂ ବିଦେଶୀ ମଦ ଉପରେ ଜୋରଦାର ଚଢ଼ାଉ କରି ଏହାକୁ ରୋକିବାରେ ପ୍ରାୟ ସଫଳ ହୋଇଥିଲେ ଏବଂ ଗୋଲନ୍ଥରା ଅଞ୍ଚଳରେ ମଧ ଚଢ଼ାଉକୁ ଜୋରଦାର କରାଯିବା ସହ ଚୋରା ବେପାରୀମାନେ ବେପାର ବନ୍ଦ କରି ଦେଇଥିଲେ। ମାତ୍ର ତୁ ଯେତେ ମାଠିବୁ ମାଠେ ମୁଁ ସେହି ଦର ପୋଡା କାଠେ ନ୍ୟାୟରେ ଇନ୍ଦ୍ରାଖି ଗ୍ରାମରେ ପୁଣି ଚୋରା ବିଷାକ୍ତ ଦେଶୀ ମଦ ରନ୍ଧା ହୋଇ ମେଣ୍ଟରାଜପୁର ଛକ, ଢ଼େପନପଡା ହାଡ଼ିସାହି ବିଷାକ୍ତ ଦେଶୀ ମଦ ଚାଲାଣ କରାଯାଉଛି। ଫଳରେ ଉକ୍ତ ଦୁଇ ସ୍ଥାନରେ ପୁଣି ମାଉନ୍ଦପୁର ଭଳି ଘଟଣା ନଘଟିବ କି କହିପାରିବ? ଇନ୍ଦ୍ରାଖି ଗ୍ରାମର ପାଞ୍ଚରୁ ଛ ଜଣ ଚୋରା ମଦ ବେପାରୀ ଏହା ରାନ୍ଧୁ ଥିବା ଅଞ୍ଚଳରେ ଚର୍ଚ୍ଚା ହେବାରେ ଲାଗିଛି। ମେଣ୍ଟାରାଜପୁର ଛକ ଏବଂ ଢ଼େପନୁଆ ପଡା ହାଡ଼ି ସାହିରେ ଅବକାରୀ ବିଭାଗର ଜୋରଦାର ଚଢ଼ାଉ ହୁଅନ୍ତା ତେବେ ଦେଶୀ ସହ ହାତ ତିଆରି ବିଦେଶୀ ମଦ ମଧ ବହୁ ପରିମାଣରେ ଜବତ ହୁଅନ୍ତା ବୋଲି ଅଞ୍ଚଳର କିଛି ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ବ୍ରହ୍ମପୁର ଉପ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଆଜି ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା, ଉପ-ଜିଲ୍ଲାପାଳ ବ୍ରହ୍ମପୁର ଦୀନା ଦସ୍ତଗୀର, ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ମିଳିତ ଅଭିଯୋଗ ଶୁଣାଣିରେ ଯୋଗ ଦେଇଥିଲେ । ଏହି ଅଭିଯୋଗ ଶୁଣାଣିର ସମୁଦାୟ ୮୧ଟି ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଅଭିଯୋଗ ୭୩ ଟି ଥିଲା ବେଳେ, ଗ୍ରାମ ଅଭିଯୋଗ ୮ଟି । ଦୁଇଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୬୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଗଞ୍ଜାମ ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ୮ଟି ଅଭିଯୋଗ ଫଏସଲା କରିଥିଲେ। ଆବେଦନ ଗୁଡ଼ିକ ଶୁଣାଣି କରି ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାର ସମସ୍ତ ଅଧିକାରୀ ମାନେ ଓ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ବି.ଡି.ଓ, ତହସିଲଦାର ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ ।

# ପଲ୍ଲୀସଭା କାର୍ଯ୍ୟକ୍ରମ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତି

ଫିରିଙ୍ଗିଆ, (ସବ୍ୟୁ): କଣ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୁଟୁକିପଡ଼ା ଗ୍ରାମରେ ପଲ୍ଲୀସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ଗାଁସାଥି ଅଙ୍ଗଦ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ କରାଯାଇଥିଲା। ସଭା କାର୍ଯ୍ୟାଆକ୍ରମରେ ଗ୍ରାମର ୱାର୍ଡ ମେମ୍ବର ରିମତି ମଲ୍ଲିକ ସଭାରେ ସଭାପତିତ୍ୱ କରିଥିଲେ। ବୈଠକରେ ଗ୍ରାମର ଭଦ୍ର ବ୍ୟକ୍ତି ଚମ୍ପେଶ୍ୱର ନାୟକ, ରାଜକୁମାର ଦିଗାଲ, ସୁବାସ ନୟକ, ଆଶାଦିଦି ସସ୍ମିତା ଦିଗାଲ ଅଙ୍ଗନୱାଡ଼ି କର୍ମି ଜିବେଇ ଦିଗାଲ ସାମ୍ବାଦିକ ବିକ୍ରମ ଦିଗାଲ, ଶ୍ୟାମଘନ ମଲ୍ଲିକଙ୍କ ସହ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ସଭାରେ ମୁଖ୍ୟ ବିଷୟ ପାନ୍ୟଜଳ, ରାସ୍ତା, ଶିକ୍ଷା, ବାଲ୍ୟ ବିବାହ ଓ ଶିଶୁ ସୁରକ୍ଷ୍ୟା ବିଷୟରେ ଆଲଚନା କରିବା ସହ ପୁଟୁକିପଡ଼ା ଗ୍ରାମର କିଭଳି ଉନ୍ନତି ହେଇପାରିବ ତାବିଷୟରେ ଆକ୍ସନପ୍ଲାନ ପ୍ରସ୍ତୁତ କରାଯାଇଥିଲା। ପୁଟୁକିପଡ଼ା ଗ୍ରାମରେ ବହୁମାତ୍ରାରେ ମନରେଗା କାମ ଭଲଭାରେ କରିଥିବାରୁ ସଭାରେ ପୁଟୁକିପଡ଼ା ଗାଁ ସାଥୀ ଅଙ୍ଗଦ କହଁରଙ୍କୁ ଗ୍ରାମର ସମସ୍ତେ ଭଦ୍ରବ୍ୟକ୍ତି ହୁରି ହୁରି ପ୍ରଶଂସା କରିଥିଲେ। ଅନୁରୂପ ଭାବରେ ଉକ୍ତ ପଞ୍ଚାୟତର ସାଇତିଙ୍ଗିଆ ଗ୍ରାମରେ ମଧ୍ୟ ପଲ୍ଲୀସଭା କାର୍ଯ୍ୟାକ୍ରମ କରାଯାଇଥିଲା। ସାଇତିଙ୍ଗିଆ ଗ୍ରାମର ଗାଁସାଥି ବୃଷବ କହଁରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପବିଙ୍ଗିଆ ନାଇବସରପଞ୍ଚ ଝରଣା ମୁଖି ସଭାପତିତ୍ୱ କରିଥିବା ବେଳେ ଆଶା ଦିଦି ସରିତା କାହଁର, ଅଙ୍ଗନୱାଡ଼ି କର୍ମିଙ୍କ ସହିତ ବହୁ ସଂଖ୍ୟାରେ ଗାଁର ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ଗାଁରେ ରାସ୍ତା, ପାଣି ଓ ଗ୍ରାମର ଉନ୍ନତି ହେଇପାରିବ ତାହାବିଷୟରେ ଆଲଚନା କରାଯାଇଥିଲା ।

# କ୍ଷେତ୍ରୀୟ ଗଣିତ ମେଳାରେ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ଯୁଗରୂପାଙ୍କ କୃତିତ୍ୱ

ବୁଗୁଡ଼ା, (ସବ୍ୟୁ) : ଚଳିତ ବର୍ଷ କ୍ଷେତ୍ରୀୟ ସ୍ତରୀୟ ବିଜ୍ଞାନ ଓ ଗଣିତ ମେଳା ପୂର୍ବକ୍ଷେତ୍ର (ଓଡିଶା, ସିକ୍କିମ୍, ଉତ୍ତର ବଙ୍ଗ, ଦକ୍ଷିଣ ବଙ୍ଗ ଓ ଆଣ୍ଡାମାନ ନିକୋବର) ରାଜ୍ୟର ପ୍ରତିଭାଗିମାନଙ୍କୁ ନେଇ ଗଣିତ ମେଳା ପଶ୍ଚିମବଙ୍ଗର ମାଳଦା ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରୀ ଯୁଗରୂପା ଯୁଗଜିତ୍କା ସାହୁ ପ୍ରଥମ ସ୍ଥାନ ଅଧିକାର କରି ବୁଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାଇଁ ସୁନାମ ଆଣିବା ସହ ଅଖିଳଭାରତ ସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଛନ୍ତି । ସେହିପରି ଓଡିଶା ପ୍ରାନ୍ତ ସ୍ତରୀୟ ବିଜ୍ଞାନ ମେଳାରେ ଛାତ୍ରୀ ଶୁଭଦର୍ଶନୀ ପାଢୀ ଓ ଗଣିତ ମେଳାରେ ଏ.ଲିଟିଲ୍ ପୁଷ୍ଟି ତୃତୀୟ ସ୍ଥାନ ହାସଲ ପୂର୍ବକ ଶିଶୁ ମନ୍ଦିର ପାଇଁ ଗୌରବ ଆଣିଛନ୍ତି। ଶିଶୁ ମନ୍ଦିରର ଛାତ୍ରୀମାନଙ୍କ ଏହି ଅଭୂତପୂର୍ବ ସଫଳତା ପାଇଁ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ଉଦ୍ଦେଶ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମ ପରିଚାଳନା ସମିତି ସମ୍ପାଦକ ରମେଶ ଚନ୍ଦ୍ର ଆଳନ୍ତିଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଦକ୍ଷିଣ-ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଓ ପୁଲବାଣୀ ବିଭାଗ ନିରୀକ୍ଷକ ପଦ୍ମନାଭ ସାମଲ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ କୃତିଛାତ୍ରୀ ତ୍ରୟଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଧାନାଚାର୍ଯ୍ୟ ଆଟଲ ଲିଙ୍ଗରାଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଛାତ୍ରଙ୍କ ଗାଇଡ୍ ଗୁରୁଜୀ ଜଗନ୍ନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏଲଆଇସି ବୀମା ଏଜେଣ୍ଟଙ୍କ ଧାରଣା

ଭଞ୍ଜନଗର, (ସବ୍ୟୁ): ସୋମବାର ଦେଶର ଚଉଦ ଲକ୍ଷ ଏଲ.ଆଇ.ସି ଏଜେଣ୍ଟ ସେମାନଙ୍କ ବିଭିନ୍ନ ଦାବି ନେଇ ନିଜ ନିଜ ଶାଖା କାର୍ଯ୍ୟଳୟ ସାମ୍ନାରେ ଧାରଣାରେ ବସିଛନ୍ତି। ଯେଉଁ ବୀମା ଏଜେଣ୍ଟ ମାନେ ବର୍ଷ ବର୍ଷ ଧରି ବୀମାଧାରୀ ଓ ବୀମା କମ୍ପାନୀର ସେବା କରି ଆସୁଛନ୍ତି ଆଜି ସେମାନଙ୍କ ସମସ୍ତ ପ୍ରକାର ସୁବିଧାକୁ ଆଇଆରଡିଏ ସଙ୍କୁଚିତ କରିଛନ୍ତି । ତାହାକୁ ବୀମା ଏଜେଣ୍ଟ ମାନେ ବିରୁଦ୍ଧ କରିଛନ୍ତି। ଏଜେଣ୍ଟ ମାନଙ୍କ କୌଣସି ପ୍ରକାର ଦରମା ନଥାଏ । କେବଳ ଯେ କିଛି କମିଶନକୁ ନେଇ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଆଜି ଆଇଆରଡିଏ ନିଜର ସ୍ୱାର୍ଥ ପାଇଁ ଯେଉଁ କାର୍ଯ୍ୟ କରିଛନ୍ତି ତାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଭଞ୍ଜନଗର ଏଲଆଇସି ଏଜେଣ୍ଟ ସଂଘ ଦାବି ରଖିଛି। ଆଜି ସଂଘର ସମସ୍ତ ସଦସ୍ୟ ନାରାବାଜି କରିବା ସହ ପଲିସିଧାରକଙ୍କ ବୋନସ ବୃଦ୍ଧି, କମିଶନ ରେଡୁସ ଫେରାଇବା, କ୍ଲ ବ୍ୟାକ ବନ୍ଦ କରିବା, ବୀମା ଭୁକ୍ତ ସର୍ବନିମ୍ନ ରାଶି ଏକ ଲକ୍ଷ ଟଙ୍କା କରିବା, ସର୍ବାଧିକ ପ୍ରବେଶ ବୟସ ୫୫ବର୍ଷ କରିବା ଓ ବର୍ଦ୍ଧିତ ପ୍ରିମିୟମ ରାଶି ହ୍ରାସ କରିବା ଆଦି ଦାବି ରଖିଛନ୍ତି। ସୋମବାର ଏହି ଆନ୍ଦୋଳନରେ ଭଞ୍ଜନଗର ଏଲଆଇସି ଏଜେଣ୍ଟ ସଙ୍ଘ ସଭାପତି ଭବାନୀ ଶଙ୍କର ଦାଶ, ସମ୍ପାଦକ ପ୍ରଶାନ୍ତ କୁମାର ରଥଙ୍କ ସମେତ ବହୁ ଅଭିକର୍ତ୍ତା ଯୋଗ ଦେଇଥିଲେ ।

# ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମ କିନ୍ନର ମହାସଂଘ ଗଠନ

## ସଂଘର ସଭାନେତ୍ରୀ ହେଲେ ମୋନିସା ସାହୁ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମ କରି କିନ୍ନର ମହାସଂଘ ଗଠନ ହେଲା । ଅରୁଣ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ 'ଜାଗ ମୟୂରଭଞ୍ଜ ଜାଗ କାର୍ଯ୍ୟାଳୟ ଠାରେ ୫୦ରୁ ଉର୍ଦ୍ଧ କିନ୍ନର ଏକତ୍ରିତ ହୋଇ ସଂଘ ଗଠନ କରିଥିଲେ । ସଭାନେତ୍ରୀ ଭାବେ ମୋନିସା ସାହୁ, ଉପ-ସଭାନେତ୍ରୀ ପାୟଲ ସିଂ, ସମ୍ପାଦିକା ମେଘନା ଚପୀୟାର, ସହ-ସମ୍ପାଦିକା ମୟୂରୀ ସିଂ, କୋଷାଧ୍ୟକ୍ଷ୍ୟା ଶିବନି ହାଁସଦାଃ ମନୋନୀତ ହୋଇଥିଲେ । ଆଗରୁ ଜିଲ୍ଲାରେ କିଛି ଏନଜିଓ କିନ୍ନର ମାନଙ୍କୁ ନେଇ ନିଜେ ଲାଭବାନ ହେଉଥିଲେ, କିନ୍ତୁ ପ୍ରକୃତରେ କିନ୍ନର ମାନେ ସରକାରୀ ଯୋଜନାର ସିଧାସଳଖ ସୁବିଧା ସୁଯୋଗ ପାଇପାରୁନଥିଲେ କିମ୍ବା କୌଣସି ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇପାରୁନଥିଲେ ଯାହା କିଛି ହେଉଥିଲା ନିର୍ଦ୍ଦିଷ୍ଟ କିଛି ଏନଜିଓଙ୍କ ଦ୍ୱାରା ହେଇ ଆସୁଥିଲା । ସରକାର ସାମାଜିକ ସୁରକ୍ଷା ବିଭାଗ ମାଧ୍ୟମରେ ବିଭିନ୍ନ ଯୋଜନା କରି ଆତ୍ମନିର୍ଭରଶୀଳ କରିବା ପାଇଁ ପ୍ରୟାସ ଆରମ୍ଭକରି ଥିବାବେଳେ ପ୍ରକୃତରେ ଏହାର ଫାଇଦା ଏନଜିଓ ମାନେ ନେଉଥିବାବେଳେ କିନ୍ନର ମାନେ ସେମିତି ଅବହେଳାର ଶିକାର ହୋଇ ଅନିଚ୍ଛା ସତ୍ତ୍ୱେ ବାଧ ହୋଇ ରାଜରାସ୍ତାକୁ ଯାଉଥିଲେ । କିନ୍ତୁ ବର୍ତ୍ତମାନରୁ ନିଜର ହକ ଓ ଅଧିକାର ପାଇଁ ଲଢ଼େଇ ଆରମ୍ଭ ହେବ ବୋଲି ସଂଘର ଶୋଭାନେତ୍ରୀ ମୋନିସା ସାହୁଙ୍କ ସହିତ ସୋମସ୍ତ ମେମ୍ବର ଶପଥ ନେଇଥିଲେ। ଆଜି ପାଖରୁ ସଙ୍ଘର ନିଜର ନିଷ୍ପତ୍ତି ହିସାବରେ ସମସ୍ତ କିନ୍ନର କାର୍ଯ୍ୟକରିବେ କୌଣସି ଏନଜିଓଙ୍କ ଦ୍ୱାରା ସଂଘ ପରିଚାଳିତ ହେବନାହିଁ । ମୟୂରଭଞ୍ଜ କିନ୍ନର ମହାସଂଘର ସକ୍ରିୟ ସଦସ୍ୟ ଭାବେ, ଲୁଲି ହେମ୍ବ୍ରମ, ବାସନ୍ତୀ ସରେନ, ଶିକ୍ଷା ତୋରେଇ, ରାଧିକା ନାୟକ, ସନ୍ଧ୍ୟାରାଣୀ ସିଂ, ମୋଲିକା ସିଂ, ଉର୍ବଶୀ ନାଥ, ମାନି ଦାସ, ପ୍ରିୟଙ୍କା ମାଇତି, କବିତା ସିଂ, ପୂଜାରଣୀ ମାଝୀ, ଲିଜା ପ୍ରଧାନ ଓ ମାୟା କିଷାନ ମନୋନୀତ ହୋଇଥିଲେ । ସଂଘର ଆଇନଗତ କାର୍ଯ୍ୟ ପାଇଁ ବିପ୍ଳବ ବାରିକଙ୍କୁ ଓକିଲ ଭାବେ ମନୋନୀତ କରିଛନ୍ତି । ସଂଘର ଉପଦେଷ୍ଟା ଭାବେ ତପସ୍ୱିନୀ ରଣା, ସସ୍ମିତା ମହାନ୍ତି, ତପସ୍ୱିନୀ ପଣ୍ଡାଙ୍କୁ କିନ୍ନର ସଂଘ ପକ୍ଷରୁ ରଖାଯାଇଛି । ଆଗାମୀ ଦିନରେ କିନ୍ନର ମାନେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟ ହାତକୁ ନେବା ସହିତ ଜିଲ୍ଲାର ଗରିବ ଅସହାୟ ଲୋକଙ୍କୁ ସହଯୋଗର ହାତ ବଢେଇବା ସହିତ ସାମାଜିକ କାର୍ଯ୍ୟ ଆରମ୍ଭ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବେ ବୋଲି ସମସ୍ତ ମେମ୍ବର ଗଣମାଧ୍ୟମ ଜରିଆରେ ଜିଲ୍ଲାବାସୀଙ୍କୁ ଜଣାଇଛନ୍ତି।

# ଦକ୍ଷିଣ ଓଡ଼ିଶାରେ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା

ବ୍ରହ୍ମପୁର, (ସବ୍ୟୁ) ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଅକ୍ଟୋବର ୨୮ରୁ ନଭେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ମାସ ପାଳନ କରାଯାଉଛି। ଏଥିରେ କାର୍ଯ୍ୟକ୍ଷେତ୍ରରେ ସାଧୁତା, ସ୍ୱଚ୍ଛତା ଏବଂ ଦାୟିତ୍ୱନିଷ୍ଠା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛ। ଏହି ଅବସରରେ କର୍ପୋରେଟ୍ କାର୍ଯ୍ୟାଳୟ ସମେତ ଟିପିଏସ୍‌ଓଡିଏଲର ସମସ୍ତ କାର୍ଯ୍ୟାଳୟରେ ଆୟୋଜିତ ଭିଜିଲାନ୍ସ ଶପଥ ପାଠ ସମାରୋହରେ କର୍ମଚାରୀମାନେ ସାମୂହିକ ଭାବେ ନୈତିକ ଅଭ୍ୟାସ ବଜାୟ ରଖିବା ଏବଂ ଏକ ସ୍ୱଚ୍ଛ କର୍ମ ପରିବେଶ ସୃଷ୍ଟି କରିବାକୁ ଶପଥ ନେଇଥିଲେ। ଟିପିଏସ୍‌ଓଡିଏଲର କର୍ପୋରେଟ୍ କାର୍ଯ୍ୟାଳୟରେ ଏହି ମାସବ୍ୟାପୀ କାର୍ଯ୍ୟକ୍ରମର ଆରମ୍ଭ ହୋଇଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଏଠାରେ ଏକତ୍ରିତ କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ। ସେ କହିଛନ୍ତି, ନୈତିକ ଅଭ୍ୟାସ ପ୍ରତି ଆମର ମିଳିତ ପ୍ରତିବଦ୍ଧତା ଏକ ସମୃଦ୍ଧ ରାଷ୍ଟ୍ର ପାଇଁ ଭିତ୍ତିଭୂମି ନିର୍ମାଣ କରେ। ସଚ୍ଚୋଟତାର ସହ ନିଆଯାଇଥିବା ପ୍ରତ୍ୟେକ କାର୍ଯ୍ୟ ଏକ ଦୁର୍ନୀତିମୁକ୍ତ କର୍ମକ୍ଷେତ୍ର ଏବଂ ସମାଜର ପରିକଳ୍ପନାକୁ ସାକାର କରିଥାଏ। ସଚ୍ଚୋଟତା, ଦୁର୍ନୀତି ନିବାରଣ ଏବଂ ସାମାଜିକ ଦାୟିତ୍ୱବୋଧର ସଂସ୍କୃତି ଆପଣାଇବା ଦିଗରେ ଆମେ ସମସ୍ତେ ପ୍ରତିବଦ୍ଧ ହେବା ଉଚିତ। ଏହି ମାସବ୍ୟାପୀ ପଦକ୍ଷେପର ଏକ ଅଂଶ ଭାବରେ ଟିପିଏସ୍‌ଓଡିଏଲ୍ ନୈତିକତା ଏବଂ ଦୁର୍ନୀତି ବିରୋଧୀ ଅଭ୍ୟାସ ସମ୍ପର୍କିତ ଆଲୋଚନାରେ କର୍ମଚାରୀ ଏବଂ ଜନସାଧାରଣଙ୍କୁ ସାମିଲ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରିଛି । ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତାର ବାର୍ତ୍ତା ଦେବା



ପାଇଁ ବ୍ରହ୍ମପୁରରେ ଟିପିଏସ୍‌ଓଡିଏଲ୍ କର୍ମଚାରୀମାନେ ଏକ ୱାକାଥନ୍ କରିବେ। ଟିପିଏସ୍‌ଓଡିଏଲ୍ ଗ୍ରାମ ପଞ୍ଚାୟତ ସ୍ତରରେ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି । ଯେଉଁଥିରେ ସ୍ଥାନୀୟ ଗୋଷ୍ଠୀ ଏବଂ ପ୍ରଶାସନିକ ସଂସ୍ଥାଗୁଡ଼ିକୁ ସାମିଲ କରାଯାଇଛି । ଦୁର୍ନୀତି ଅଭ୍ୟାସ ଚିହ୍ନଟ କରିବା ଏବଂ ତାହାର ମୁକାବିଲା କରିବା, ଦୈନନ୍ଦିନ କାର୍ଯ୍ୟକଳାପରେ ସଚ୍ଚୋଟତା ଏବଂ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଉପରେ ଲୋକଙ୍କୁ ସଚେତନ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଯୁବଗୋଷ୍ଠୀଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବା ପାଇଁ ଟିପିଏସ୍‌ଓଡିଏଲ୍ ସ୍କୁଲ ଓ କଲେଜରେ ଦୁର୍ନୀତିମୁକ୍ତ ଭବିଷ୍ୟତ ଗଢ଼ିବାରେ ଯୁବପିଢ଼ିଙ୍କ ଭୂମିକା ବିଷୟକ ଆଲୋଚନା ଚକ୍ର ଆୟୋଜନ କରିବ। ଏହି ସଚେତନତା ଅଭିଯାନକୁ ଆହୁରି ସୁଦୃଢ଼ କରିବା ପାଇଁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଦକ୍ଷିଣ ଓଡ଼ିଶାରେ ପଥପ୍ରାନ୍ତ ନାଟକ ଆୟୋଜନ କରାଯିବଛ ଦୈନନ୍ଦିନ ଜୀବନରେ ନୈତିକ ଆଚରଣର ଗୁରୁତ୍ୱ ବିଷୟରେ ଲୋକମାନଙ୍କୁ ସଚେତନ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ନାଟକ ମାଧ୍ୟମରେ ଦୁର୍ନୀତି ନିବାରଣ, ନୈତିକ ନିଷ୍ପତ୍ତି ଏବଂ ନାଗରିକ ଦାୟିତ୍ୱବୋଧ ଇତ୍ୟାଦି ବିଷୟବସ୍ତୁ ଉପରେ ଆଲୋକପାତ କରାଯିବ। ବ୍ୟାପକ ଭିଜିଲାନ୍ସ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି। ନୈତିକ ଅଭ୍ୟାସ ଆପଣାଇବା, ଅନୈତିକ କାର୍ଯ୍ୟକଳାପ ସମ୍ପର୍କରେ ରିପୋର୍ଟ କରିବା ଏବଂ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ସମାଜ ଗଠନରେ ସକ୍ରିୟ ଭାବରେ ଯୋଗଦାନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିଶ୍ରୁତିବଦ୍ଧ। ଟିପିଏସ୍‌ଓଡିଏଲର ଭିଜିଲାନ୍ସ ଓ ସୁରକ୍ଷା ମୁଖ୍ୟ ଦଲବୀର ସିଂ ବୈରୱାଲ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଅଜଣା ଗାଡି ଧକ୍କାରେ ମହିଳା ସ୍କୁଟି ଚାଳକଙ୍କ ମୃତ୍ୟୁ : କ୍ଷତିପୂରଣ ଦାବିରେ ରାସ୍ତାରୋକ



ଚଣ୍ଡିଖୋଲ,(ସବ୍ୟୁ) : ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର କୋଉଡଖୋଲ ଛକରେ ଅଜଣା ଗାଡି ଧକ୍କାରେ ସୋମବାର ଦିନ ଜଣେ ସ୍କୁଟି ଆରୋହୀ ମହିଳାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା । ଦିନ ପ୍ରାୟ ୧୧ ଟାବେଳେ ମହିଳା ଜଣକ ପେଟ୍ରୋଲ ପକାଇବାକୁ ପାଖ ତେଲ ଟାଙ୍କିକୁ ଯାଉଥିଲା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାକୁ ପ୍ରତିବାଦ କରି ଓ ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଲୋକେ ଦୀର୍ଘ ୬ ଘଣ୍ଟାଧରି ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ଏହି ରାସ୍ତାରେ ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା । ହଜାର ହଜାର ଗାଡି ରାସ୍ତାର ଉଭ ପାର୍ଶ୍ୱରେ ଛିଡିହୋଇ ରହିବା ଦ୍ୱାରା ଭିଷଣ ଟ୍ରାଫିକ ସମସ୍ୟା ଦେଖାଦେଇଥିଲା । ମୃତ୍ୟୁ ବରଣ କରିଥିବା ମହିଳା ଜଣକ ହେଉଛନ୍ତି ବଡ଼ଚଣା ବ୍ଲକ ତଥା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକା ପଞ୍ଚାୟତ କୃଷ୍ଣଦାସପୁର ଗ୍ରାମର ନଗେନ ମହାନ୍ତିଙ୍କ ପତ୍ନୀ ମଧୁସ୍ମିତା ମହାନ୍ତି (୩୭) ବୋଲି ଜଣାପଡିଛି । ସୂଚନା ମୁତାବକ ମୃତ ମଧୁସ୍ମିତା ତାଙ୍କ ସ୍କୁଟିରେ ନିଜର ପୁଅକୁ ବସାଇ ସିପୁରା ସ୍ଥିତ ଏକ ଘରୋଇ ସ୍କୁଲରେ ଛାଡିଥିଲେ । ସେଠାରୁ ସ୍କୁଟିରେ ପେଟ୍ରୋଲ ପକାଇବା ପାଇଁ ଯାଉଥିଲା ବେଳେ ଏକ ଅଜଣାଗାଡି ତାଙ୍କୁ ଧକ୍କାଦେଇ ଘଟଣା ସ୍ଥଳରୁ ପଳାଇ ଯାଇଥିଲା । ଏହି ଦୁର୍ଘଟଣାରେ ମଧୁସ୍ମିତାଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇ ଯିବା ସହିତ ଘଟଣା ସ୍ଥଳରେହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏହି ଖବର ପ୍ରଚାରିତ ହେବା କ୍ଷଣି ସ୍ଥାନୀୟ ଅଞ୍ଚଳ ଲୋକଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ରାସ୍ତାଉପରେ ଟାୟାର ଜଳାଇ ଲୋକେ ଜାତୀୟ ରାଜପଥକୁ ଦୀର୍ଘ ୬ ଘଣ୍ଟା ଅବରୋଧ କରି ରଖିଥିଲେ । ଖବର ପାଇ ମାହାଙ୍ଗା ତହସିଲଦାର ମାହାଙ୍ଗା ଓ ବଡଚଣା ପୋଲିସ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଠିକା ସଂସ୍ଥା ପକ୍ଷରୁ ମୃତା ମହିଳାଙ୍କ ପରିବାରକୁ କ୍ଷତିପୂରଣ ବାବଦ ଅର୍ଥ ପ୍ରଦାନ କରିବାକୁ ପ୍ରତିଶ୍ରୁତି ମିଳିବା ଓ ରେଡ୍କ୍ରସ ପକ୍ଷରୁ ଶବ ସତ୍କାର ପାଇଁ ତହସିଲଦାର ୧୦ ହଜାର ଟଙ୍କା ପ୍ରଦାନ କରିବାପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ ।

# ଜବରଦଖଲକାରୀ କବଜାରେ ସୁଲଭ ଶୌଚାଳୟ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବଜାର ଡ଼େଲି ମାର୍କେଟରେ ନିର୍ମାଣ କରାଯାଇଥିବା ସୁଲଭ ଶୌଚାଳୟ ଓ ସ୍ନାନାଗାର ଏବେ ଜବରଦଖଲକାରୀଙ୍କ କବଜାରେ ରହିଛି । ଦୀର୍ଘ ବର୍ଷ ହେବ ରାଜନେତା, ଜନପ୍ରତିନିଧି ଓ ପ୍ରଶାସନଙ୍କ ଜ୍ଞାତସାରରେ ଏହି ଜବରଦଖଲକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । ଏହି ସୁଲଭ ଶୌଚାଳୟରୁ କେବେ ଜବରଦଖଲ ଉଚ୍ଛେଦ କରାଯିବ ସେ ନେଇ ପ୍ରଶ୍ନ ଉଠିଛି । ନିଶ୍ଚିନ୍ତକୋଇଲି ବଜାର ଓ ସାପ୍ତାହିକ ହାଟ ଆଖପାଖ ତିନିଗୋଟି ଜିଲ୍ଲାର ଚାଷୀ ଓ ବ୍ୟବସାୟୀ ମାନଙ୍କର ଏକ ବ୍ୟବସାୟ ପେଣ୍ଠସ୍ଥଳୀ ଅଟେ । ଏହାଛଡ଼ା ଏହି ବଜାରରେ ମଧ୍ୟ ୫୦୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ରହିଛି । ପ୍ରତ୍ୟେକ ଦିନ ନିଶ୍ଚିନ୍ତକୋଇଲି ବଜାର ବସଷ୍ଟାଣ୍ଡରୁ ଶହ ଶହ ସଂଖ୍ୟାରେ ଯାତ୍ରୀମାନେ ବସଯୋଗେ ବିଭିନ୍ନ ସ୍ଥାନକୁ ଯାତାୟତ କରିଥାନ୍ତି । ମାହାଙ୍ଗା ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ଏକ ପ୍ରମୁଖ ସ୍ଥାନ ହୋଇଥିବାରୁ ତତକାଳୀନ ମାହାଙ୍ଗା ବିଧାୟକ ସ୍ୱର୍ଗତ ସେକ୍ ମତଲୁବ୍ ଅଲ୍ଲୀ ୧୯୯୭ ମସିହାରେ ସରକାରଙ୍କ ଜାଗାରେ ସରକାରୀ ଅନୁଦାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଉନ୍ନତମାନର ସ୍ନାନାଗାର ସହ ସୁଲଭ ଶୌଚାଳୟ ନିର୍ମାଣ କରାଯାଇଥିଲା । ଏହି ଶୌଚାଳୟଟି କିଛି ବର୍ଷ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେବା ପରେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ବନ୍ଦ ହୋଇପଡ଼ିଥିଲା । ଏହାର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର କେତେକ ଲୋକ ଉକ୍ତ ଶୌଚାଳୟକୁ ଜବରଦଖଲ କରି ରଖିଛନ୍ତି । ଜବରଦଖଲକାରୀ ଏଥିରେ ସାଇକେଲ ଷ୍ଟାଣ୍ଡ କରିବା ସହିତ ଏହାର ଦୁଇ ପାର୍ଶ୍ୱରେ ଆଜେବେଷ୍ଟସ ଛପର କରି କେତେକ ବ୍ୟବସାୟଙ୍କୁ ଭଡ଼ା ସୂତ୍ରରେ ଦେଇ ଅର୍ଥ ମଧ୍ୟ ଉପାର୍ଜନ କରୁଛନ୍ତି । ଜବରଦଖଲକାରୀ ଜଣକ ଉକ୍ତ ଶୌଚାଳୟଟିକୁ ନିଜ ଅକ୍ତିଆରରେ ରଖିଥିଲେ ମଧ୍ୟ ତାଙ୍କ ଉପରେ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ବିଗତ ୫ବର୍ଷ ତଳେ ନିଶ୍ଚିନ୍ତକୋଇଲି ବ୍ୟବସାୟୀ ସଂଘର ଅଭିଯୋଗ କ୍ରମେ ଏହାର ଜବରଦଖଲ ଉଠାଯିବା ପାଇଁ ତହସିଲଦାରଙ୍କ ପକ୍ଷରୁ ତତକାଳୀନ ସରପଞ୍ଚଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେ ଏଥିପ୍ରତି କୌଣସି ପଦକ୍ଷେପ ନେଇନଥିଲେ । ବର୍ତ୍ତମାନ ନିଶ୍ଚିନ୍ତକୋଇଲି ବଜାରରେ ହଜାର ହଜାର ଲୋକ ଚଳପ୍ରଚଳ ହେଉଥିବା ବେଳେ ଶୌଚାଳୟ ଟିଏ ନଥିବାରୁ ମହିଳା, ପୁରୁଷ ଓ ପିଲାମାନେ ପରିସ୍ରା କରିବା ପାଇଁ ନାହିଁ ନଥିବା ହୀନସ୍ତା ହେଉଛନ୍ତି । ବ୍ୟବସାୟୀ ମାନେ ମଧ୍ୟ ପରିସା କରିବା ଓ ଶୌଚ ହେବା ପାଇଁ ଦୋକାନ ବନ୍ଦ କରି ଅନ୍ୟ

# ନାବାଳିକା ଛାତ୍ରୀକୁ ଦୁଷ୍କର୍ମ : ଶିକ୍ଷକଙ୍କୁ ୨୦ବର୍ଷ କାରାଦଣ୍ଡ

ଯାଜପୁର (ସବ୍ୟୁ) :ନାବାଳିକା ଛାତ୍ରୀକୁ ଦୁଷ୍କର୍ମ କରି ଅଭିଯୁକ୍ତ ପାରା ଭାଲାଓ୍ୱେଣ୍ଟରି ଶିକ୍ଷକ ମୋହନ ଭୂୟାଁଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ। କାରଦଣ୍ଡ ଶୁଣାଇଲେ ଯାଜପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ ଜଜ୍ । ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅଂଚଳରେ ୨୦୨୦ ମସିହାରେ ଦୁଇଜଣ ଛାତ୍ରୀଙ୍କୁ ଅଭଯୁକ୍ତ ଶିକ୍ଷକ ମୋହନ ଭୂୟାଁ ଟ୍ୟୁସନ ସମୟରେ ବାରମ୍ବାର ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ କରିଆସୁଥିଲେ। ଏହି ଘଟଣା ପରିବାର ଲୋକ ଜାଣିବା ପରେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାରେ ପାଣିକୋଇଲି ପୋଲିସ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଥିଲେ। ତେବେ ଆଜି ଏହି ଘଟଣାରେ ୧୬ ଜଣ ସାକ୍ଷ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ଶିକ୍ଷକଙ୍କୁ ଯାଜପୁର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ ଜଜ୍ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇବା ସହ ଅନାଦେୟ ଦେଢ଼ ଲକ୍ଷ ଟଙ୍କା ଫାଇନ ଦେବାକୁ ରାୟ ଶୁଣାଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ରାଜୀବ ମହାନ୍ତି ପରିଚାଳନା କରିଥିଲେ। ପୂର୍ବରୁ ଗୋଟିଏ ଦୁଷ୍କର୍ମ ଘଟଣାର ରାୟ ଶୁଣାଯାଇ ଥିବା ବେଳେ ଆଜି ଆଉ ଏକ ଦୁଷ୍କର୍ମ ଘଟଣାର ରାୟ ଶୁଣାଇଛନ୍ତି ।

## ଗର୍ଭବତୀ କିରାଣୀଙ୍କୁ ଡାକ୍ତରଖାନା ଛାଡିଲେନି ସିଡିପିଓ

# ଜନ୍ମ ପୂର୍ବରୁ ଚାଲିଗଲା ନିଷ୍ପାପ ଶିଶୁର ଜୀବନ

ଡ଼େରାବିଶ ,(ସବ୍ୟୁ) : ରାଜ୍ୟ ସରକାରଙ୍କ ପକ୍ଷରୁ ଗର୍ଭବତୀ ମହିଳାଙ୍କ ସମସ୍ତ ଯତ୍ନ ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଥିବା ବେଳେ ଜଣେ ଗର୍ଭବତୀ ସରକାରୀ ମହିଳା କର୍ମଚାରୀ ନିଜ ଗର୍ଭବେଦନା ସମୟରେ ଉପରିସ୍ଥ ଅଧିକାରୀଙ୍କ କାର୍ଯ୍ୟଚାପ ଅଧିକ ରହିଥିବାରୁ ଗର୍ଭରେ ଥିବା ଶୁଶୁଟିର ମୃତ୍ୟୁ ହେବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ଡେରାବିଶ ବ୍ଲକ ମହିଳା ଓ ଶୁଶୁ ସମନ୍ୱୀତ ବିଭାଗରେ। ଏହି ବିଭାଗରେ କାର୍ଯ୍ୟରତ ଥିବା ବରିଷ୍ଠ ମହିଳା କିରାଣୀ ବର୍ଷା ପ୍ରିୟଦର୍ଶନୀ ମହାପାତ୍ର ୭ମାସ ଗର୍ଭବତୀ ଥାଇ ମଧ୍ୟ ନିୟମିତ ଭାବେ କାର୍ଯ୍ୟାଳୟକୁ ଆସି କାର୍ଯ୍ୟ କରି ଚାଲିଥିଲେ। ଗତ ଶୁକ୍ରବାର ବର୍ଷାଙ୍କର କାର୍ଯ୍ୟାଳୟରେ ଗର୍ଭବେଦନା ଆରମ୍ଭ ହୋଇଥିଲା। ଏହି ସମୟରେ ସେ ଡାକ୍ତରଖାନା ଯିବା ପାଇଁ ବିଭାଗୀୟ ଅଧିକାରୀ ସିଡିପିଓ ସ୍ନେହଲତା ସାହୁଙ୍କୁ ନିବେଦନ କରିଥିଲେ। ମାତ୍ର ସିଡିପିଓ ସାହୁ ତାଙ୍କୁ ଏଥିପାଇଁ ଅନୁମତି ନଦେଇ ସଂପୃକ୍ତ ଗର୍ଭବତୀ ମିହିଳାଙ୍କ ସହ ଦୁର୍ବ୍ୟବହାର କରିଥିଲେ। ଉପରିସ୍ଥ ଅଧରକାରୀଙ୍କ କଟୁ ଭାଷା ସହିନପାରି ଗର୍ଭବତୀ କର୍ମଚାରୀ ଜଣକ ସେଠାରେ ଅସୁସ୍ଥ ହୋଇ ପଡିଥିଲେ। ତେବେ ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କ ସମ୍ପର୍କିୟ ମାନେ କେନ୍ଦ୍ରାପଡାର ଏକ ଘରୋଇ ଡାକ୍ତରଖାନାକୁ ନେଇ ଯାଇଥିଲେ। ସେଠାରେ ଗର୍ଭରେ ଥିବା ନିଷ୍ପାପ ନବଜାତକ ମୃତ୍ୟୁବରଣ କରିଥିବା ନେଇ ଡାକ୍ତର ସୁଚନା ଦେଇଥିଲେ। ଦୀର୍ଘ ୪ଦିନ ହେଲାଣି ପିଡିତା ମହିଳା ଜଣକ ସଂପୃକ୍ତ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଏବିଷୟରେ ସିଡିପିଓ ସାହୁଙ୍କୁ ଯୋଗାଯୋଗ କରିବା ପାଇଁ ବିଭାଗୀୟ କାର୍ଯ୍ୟାଳୟରେ ପହଂଚିଥିଲେ ମଧ୍ୟ ତାଙ୍କର ଦେଖା ମିଳିନଥିବାବେଳେ ଯୋଗାଯୋଗ ମଧ୍ୟ ସମ୍ଭବ ହୋଇପାରିନାହିଁ । ସେହିପରି ଏହି ଘଟଣା ବିଷୟରେ ଜାଣିବା ପାଇଁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ମଧ୍ୟ ପରିଚୟ ମିଳିପାରିନାହିଁ । ତେବେ ଆଜି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣିରେ ସଂପୃକ୍ତ ପିଡିତାଙ୍କ ପରିବାର ଜିଲ୍ଲାପାଳଙ୍କୁ ଏ ସଂପର୍କରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ କରାଇବାପାଇଁ ନିବେଦନ କରିଛନ୍ତି ।

# ମାସକ ମଧ୍ୟରେ ଦୁଇଟି ଅଘଟଣ, ଦାୟୀ କିଏ

ପାରାଦୀପ , ( ଜି. ପ୍ର ) :ସର୍ବଭାରତୀୟ ମେଜର ପୋର୍ଟ ମଧ୍ୟରେ ପ୍ରଥମ ସ୍ଥାନ ଅଳଙ୍କୃତ କରିବା ପରେ ନିଶ୍ଚିତ ଭାବେ ପାରାଦୀପ ବନ୍ଦରର ଖ୍ୟାତି ବଢିଛି । ଚବିଶ ଘଣ୍ଟାରେ ଚବିଶ ଜାହାଜର ପରିଚାଳନା ହେଉ ଅବା କେପ ସାଇଜ ଜାହାଜର ବର୍ଥିଂ , ବନ୍ଦର ଅଥରେଟିର କର୍ମଚାରୀ ଓ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ପ୍ରଚେଷ୍ଟାରେ ଆଜି ବନ୍ଦରକୁ ସୁନାମ ଯୋଗାଇ ଦେବାରେ ସଫଳ ହୋଇଛନ୍ତି । କିନ୍ତୁ ଗତ କିଛିଦିନ ହେବ ହାତଗଣତି କିଛି କମ୍ପାନୀ ପାଇଁ ବନ୍ଦର ବଦନାମ ହେବାରେ ଲାଗିଥିବା ଚର୍ଚ୍ଚା ବଢିବାରେ ଲାଗିଛି । ଗତ ପନ୍ଦର ଦିନ ତଳେ ବୋଥରା କମ୍ପାନୀର ଏକ ରୋପ ଛିଡି ଯିବାରୁ ଏକ ଜାହାଜର ହାଚ କ୍ଷତିଗ୍ରସ୍ତ ହେବା ସହ ଅପରେଟର ଅଳ୍ପକେ ରକ୍ଷା ପାଇଯାଇଥିଲେ । ପୁଣି ଗତକାଲି ରାତି ସମୟରେ ସେହି କମ୍ପାନୀର ଏକ ଏଚଏମସି ଅଣ ଲେଉଟା ହେଇଚି । ବନ୍ଦର ମଧ୍ୟରେ ଏକ ବଡ ଧରଣର ଦୁର୍ଘଟଣା ଘଟିବାକୁ ଯାଉଥିବା ବେଳେ ସେଥିରୁ ଅଳ୍ପକେ ବର୍ତ୍ତୀ ଯାଇଛି । ତେବେ କମ୍ପାନୀର ଏଭଳି ଏକ ମାସ ମାଧ୍ୟରେ ଦୁଇ ଦୁଇଟି ଦୁର୍ଘଟଣା ଏବେ ବନ୍ଦର ଅଥରେଟିକୁ ଲଗାତାର ଭାବେ ବଦନାମ କରିବାରେ ବେଶ ସହାୟକ ହୋଇଥିବା ଆଲୋଚନା ହେଉଛି । ସମ୍ପୃକ୍ତ କମ୍ପାନୀକୁ ଏହି ଘଟଣାକୁ ନେଇ ଯୋଗାଯୋଗ କରାଯାଇଥିଲା ବେଳେ ତାହା ସମ୍ଭବ ପର ହୋଇ ନାହିଁ ।

# ଚଣ୍ଡିଖୋଲ କଲେଜ ଛାତ୍ରାବାସରୁ ଏକସଙ୍ଗେ ୪୦ ପଙ୍ଖା ଚୋରି

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରାବାସରୁ ଏକସଙ୍ଗେ ୪୦ଟି ସିଲିଂ ପଙ୍ଖା ଚୋରିହୋଇଥିବା ବଡଚଣା ଥାନାରେ ଅଭିଯୋଗ ହୋଇଛି । କଡା ସୁରକ୍ଷା ବଳୟ ମଧ୍ୟରେ ରହିଥିବା ଛାତ୍ରାବାସ କୋଠରିରେ ଲାଗିଥିବା ଏହିସବୁ ପଙ୍ଖା କିପରି ଚୋରିହୋଇ ପାରିଲା ତାକୁ କେନ୍ଦ୍ରକରି ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ତେବେ ଛାତ୍ରାବାସ କୋଠରୀରେ ଲଗା ଯାଇଥିବା ୪୦ ଟି ପଙ୍ଖାକୁ କେହି ଦୁବୃତ ଚୋରୀ କରି ନେଇଥିବା ସୋମବାର ଜଣାଯିବା ପରେ କଲେଜ ପକ୍ଷରୁ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଗତ ଦୁଇ ତିନି ଦିନ ଧରି ବାତ୍ୟା ପାଇଁ କଲେଜ ଛୁଟି ହୋଇଯିବାରୁ ଛାତ୍ରାବାସରେ ରହୁଥିବା ପିଲାମାନେ ଘରକୁ ଚାଲିଯାଇଥିଲେ । ଏହାର ସୁଯୋଗରେ ଦୁବୃତ ମାନେ ପଙ୍ଖା ସବୁକୁ ଚୋରି କରି ନେଇଥିବା କୁହାଯାଉଛି । ଅପରପକ୍ଷରେ ଏହି ଛାତ୍ରାବାସର ଗୋଟିଏ ସ୍କାଇଲାଇଟର କାଚ ନଥିବାରୁ ସେହି ବାଟ ଦେଇ ଦୁବୃତ ଭିତରକୁ ପସି ପଙ୍ଖା ଚୋରି କରିଥିବା ଏତଲାରେ ଦର୍ଶାଯାଇଛ । ସେହିପରି ଛୁଟି ସମୟରେ ଜଗୁଆଳି ବ୍ୟବସ୍ଥାକୁ କଡାକଡି କରାନଯାଇ କୋହଳ କରାଯାଇଥିବା ଆଲୋଚନା ହେଉଛି । ଯାହାର ସୁଯୋଗରେ ଏଭଳି ଘଟଣା ଘଟିଲା ବୋଲି ମଧ୍ୟ ସାଧାରଣରେ ଆଲୋଚନା ହେଉଛ । ତେବେ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି ବୋଲି ବଡ଼ଚଣା ଥାନାଧିକାରୀ ଶ୍ରୀକାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

କେନ୍ଦ୍ରାପଡା,(ସବ୍ୟୁ) :କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଗାନ୍ଧୀଭବନ ଠାରେ ଉଚ୍ଚଶିକ୍ଷା ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶପଥ ପାଠରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସମ୍ମିଳିତ ଭାବେ 'ଦୁର୍ନୀତି ନିବାରଣ ସଚେତନତା' କାର୍ଯ୍ୟକ୍ରମରେ ଶପଥ ପାଠ କରିଥିଲେ । ଉଚ୍ଚଶିକ୍ଷା ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ସପ୍ତାହଟି ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୩ ତାରିଖରେ ଉଦ୍‌ଯାପିତ ହେବ । ଏହି ଉପଲକ୍ଷେ ଆଜି ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୩୦ ତାରିଖରେ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାସ୍ତରୀୟ ବକ୍ତୃତା ଏବଂ ପ୍ରବନ୍ଧ ପ୍ରତିଯୋଗିତା ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ତୁଳସୀ ମହିଳା ମହାବିଦ୍ୟାଳୟ ଏବଂ ସାନ୍ଧ୍ୟ ମହାବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ଶପଥ ପାଠ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇ ଏକ ଦୁର୍ନୀତି ମୁକ୍ତ, ଶୋଷଣ, ଭ୍ରଷ୍ଟାଚାର ବିହୀନ ଓ ସତ୍ୟନିଷ୍ଠ ସମାଜ ଗଠନ କରିବା ସହିତ ରାଷ୍ଟ୍ରର ସମୃଦ୍ଧି ପ୍ରତି ଯତ୍ନବାନ ହୋଇପାରିବାର ଶପଥ ଗ୍ରହଣ କରିଥିଲେ । ମହାବିଦ୍ୟାଳୟର ଅଧ୍ୟାପିକା ପ୍ରଫେସର ଅଭିଜିତ୍ ବୋଷ ଏହି ସପ୍ତାହଟିକୁ ପାଳନ କରିବା ନିମନ୍ତେ ପ୍ରେରଣା ଓ ଉତ୍ସାହ ଯୋଗାଇ ଦେଇଛନ୍ତି ।

# ଓରମାସ ପକ୍ଷରୁ ଦୀପାବଳି ଉତ୍ସବ ୨୦୨୪ ଦୀପଷ୍ଟଲ ଉଦଘାଟିତ



ଜଗତସିଂହପୁର,(ସବ୍ୟୁ) : ଆଜି ସ୍ଥାନୀୟ ସଂସ୍କୃତି ଭବନ ନିକଟସ୍ଥ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଓରମାସ ପକ୍ଷରୁ 'ଦିପାବଳୀ ଉତ୍ସବ ୨୦୨୪'ଦୀପ ଷ୍ଟଲକୁ ଜିଲ୍ଲାପାଳ ଜେ ସୋନାଲ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଛନ୍ତି।ଉତ୍ପାଦକ ଗୋଷ୍ଠୀର ମହିଳା ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ହାତ ତିଆରି ଟେରାକୋଟା ଦୀପ ଯଥା ବୋହୂ ଦୀପ,କଳସ ଦୀପ,ଷ୍ଟାଣ୍ଡ ଦୀପ,ଝାଡୁ,କାଇଁଚ ତିଆରି ଜିନିଷ,ତାଳପତ୍ର ତିଆରି ଗୃହସଜ୍ଜା ଉପକରଣ ଆଦି ବିକ୍ରୟ କରାଯାଉଛି। ଜିଲ୍ଲାପାଳ ଏହି ଦୀପ ଷ୍ଟଲକୁ ଯାଇ ଦୀପ କିଣିବା ସହ ଉତ୍ପାଦକ ମାନଙ୍କ ଆର୍ଥିକ ଉନ୍ନତିରେ ସହାୟକ ହେବା ପାଇଁ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ,ଓରମାସର ସିଇଓ,ଡି ପି ସି ମିଶନ ଶକ୍ତି,ଏକଜିକ୍ୟୁଟିଭ ଆସିଷ୍ଟାଣ୍ଟ ଓରମାସ, ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିରଳ ପ୍ରଜାତିର ବାଦୁଡ଼ି ଉଦ୍ଧାର

ମହାକାଳପଡ଼ା,(ସବ୍ୟୁ) :କେନ୍ଦ୍ରାପଡା ଜିଲ୍ଲା ମହାକାଳପଡ଼ା ଥାନା ଅଧୀନ ବିଜୟନଗର ଗ୍ରାମର ଗର୍ଭେଶ୍ୱର ମନ୍ଦିର ପରିସର କୁ ରବିବାର ରାତ୍ରିରେ ଗୋଟିଏ ବିରଳ ପ୍ରଜାତିର ବାଦୁଡ଼ି ଉଡି ଆସିଥିଲା । ପକ୍ଷୀଟି ବେଶ କ୍ଲାନ୍ତ ଥିବା ଭଳି ଦୃଶ୍ୟ ମାନ ହେବାରୁ ସ୍ଥାନୀୟ ଲୋକଙ୍କ ର ଜୀବଟି ପ୍ରତି ଦୟା ସୃଷ୍ଟି ହୋଇଥିଲା । ଯାହା ନେଇ ଲୋକେ ମନ୍ଦିର ପରିସରରେ ପକ୍ଷୀ କୁ ଖାଦ୍ୟ ଓ ପାନୀୟ ଦେଇ ସୁରକ୍ଷିତ ରଖିବା ସହିତ ସ୍ଥାନୀୟ ବନବିଭାଗ କୁ ଖବର ଦେଇଥିଲେ । ସୋମବାର ସକାଳୁ ଜଗରୀଜୋର ବନପାଳ ରୋଜାଲିନ ଦାସଙ୍କ ନେତୃତ୍ୱରେ ଏକ ଟିମ ବିଜୟନଗର ରେ ପହଂଚି ବାଦୁଡ଼ି କୁ ଉଦ୍ଧାର କରିଥିଲେ । ପରବର୍ତ୍ତୀ ସମୟରେ ବନବିଭାଗ କର୍ତ୍ତୃପକ୍ଷ ଉଦ୍ଧାର ହୋଇଥିବା ବିରଳ ପ୍ରଜାତିର ବାଦୁଡ଼ି କୁ ସ୍ଥାନୀୟ ସଂରକ୍ଷିତ ଜଙ୍ଗଲ ରେ ଛାଡି ଦେଇଥିବାର ଜଣାପଡିଛି ।

# ପିକଅପ ସହ ଧକ୍କାରେ ଓଲଟିଲା ମଦ ବୋଝେଇ ଗାଡି

ସାଲେପୁର,(ସବ୍ୟୁ) :କଟକ-ସାଲେପୁର ମୁଖ୍ୟ ରାସ୍ତାର ଭାତପଡ଼ା ଠାରେ ଏକ ମଦ ବୋଝେଇ ଗାଡ଼ି ସହିତ ପିକଅପ ମୁହାଁମୁହିଁ ଧକ୍କା ହେବା ଫଳରେ ରାସ୍ତାରେ ଓଲଟି ପଡ଼ିଥିଲା ମଦ ବୋଝେଇ ଗାଡ଼ି । ଆଜି କଟକଆଡୁ କେନ୍ଦ୍ରାପଡା ଅଭିମୁଖେ ଏକ ମଦ ବୋଝେଇ ଗାଡି ନଂ ଓଡି ୨୯ ଏମ ୦୯୬୭ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ ଗାଡି ନଂ ଓଡି ୦୫ ଏ ସି ୭୭୨୦ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଯାହା ଫଳରେ ମଦ ବୋଝେଇ ଗାଡିଟି ରାସ୍ତା ଉପରେ ଓଲଟି ପଡିଥିଲା । ଗାଡିରେ ଥିବା ମଦ ବୋତଲ ରାସ୍ତାରେ ଭାଙ୍ଗି ପଡିଥିଲା । ଯାହା ଫଳରେ ରାସ୍ତାରେ ଯାତାୟତ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା । ଖବର ପାଇ ସାଲେପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ରାସ୍ତାରେ ଓଲଟି ପଡ଼ିଥିବା ଗାଡ଼ିକୁ ଉଠାଇ ଥାନାକୁ ଆଣିଥିବା ଜଣାପଡିଛ

# ମାନସିକ ବିକାରଗ୍ରସ୍ତ ଯୁବତୀ ଉଦ୍ଧାର

ପାଣିକୋଇଲି,(ସବ୍ୟୁ) : ଜଣେ ମାନସିକ ବିକାର ଗସ୍ତ ଯୁବତୀ ଆଜକୁ ତିନି ଦିନ ପାଣିକୋଇଲି ଅଂଚଳରେ ବୁଲୁଥିଲା । ବିଶେଷ କରି ପିଲାମାନଙ୍କୁ ଗୋଡାଉଥିଲା । ହେଲେ ତାର ପରିଚୟ କହୁନଥିଲା । କେତେବେଳେ ଗାଁ ଗଣ୍ଡାରେ ବୁଲୁଥିଲା ପୁଣି କେତେବେଳେ ରାଜପଥରେ । ଆଜି ରାଜପଥ ପୋଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ତାକୁ ଉଦ୍ଧାର କରି ଯାଜପୁର ସଖି ଗୃହରେ ଛାଡିଛନ୍ତି । ଉକ୍ତ ଯୁବତୀ ସଠିକ ଭାବେ ପରିଚୟ ଦେଉନଥିବା ବେଳେ ସେ କେଉଁଝର ଜିଲ୍ଲାର ବୋଲି ସୂଚନା ମିଳିଛି ।

# ୮୨ ବର୍ଷ ବୟସରେ ଗୋପୀନାଥଙ୍କ ସ୍ନାତକୋତ୍ତର ଲାଭ



ରାଜକନିକା,(ସବ୍ୟୁ) :ପାଠ ପଢିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ଥିଲେ ବୟସ କୌଣସି ପ୍ରତିବନ୍ଧକ ସୃଷ୍ଟି କରି ପାରେ ନାହିଁ ବୋଲି ପ୍ରମାଣିତ କରି ଦେଖାଇଛନ୍ତି ରାଜକନିକା ବ୍ଲକ ମେଘପୁର ଗ୍ରାମର ୮୨ ବର୍ଷ ବୟସର ଗୋପୀନାଥ ବିଶ୍ୱାଳ । ଗୋପୀନାଥ ଓଡ଼ିଆ ଭାଷା ସାହିତ୍ୟରେ ତଥା ବୟସ୍କଙ୍କ ମହଲରେ ଆନନ୍ଦର ବାତାବରଣ ସୃଷ୍ଟି କରି ଉଦାହରଣୀୟ ସାଜିଛନ୍ତି । ଏଥିରେ ସେ ସବୁ ବର୍ଗ ବୟସ୍କଙ୍କ ପାଇଁ ପଢିବାକୁ ଆହ୍ୱାନ ଜଣାଇଛନ୍ତି । ସୂଚନା ଯୋଗ୍ୟ, ଏ ଅଞ୍ଚଳର ବିଦ୍ୟାଗୁରୁ, ପାଣିନୀ ସ୍ୱର୍ଗତ ଡ଼.ଧନେଶ୍ୱର ମହାପାତ୍ର କୌଣସି ବିଦ୍ୟାଳୟରେ ନାମ ନଲେଖେଇ ମଧ୍ୟ ଘରୋଇ ଭାବେ ଦୁଇ ଦୁଇଟି ଭାଷା ସାହିତ୍ୟ ରେ ସ୍ନାତକୋତ୍ତର ଡିଗ୍ରୀ ପରେ ରେଭେନ୍ସା ମହାବିଦ୍ୟାଳୟରେ ଅଧାପନା କରିବାର ଗୌରବ ଅର୍ଜନ କରି ପାରିଥିଲେ । ସେହିପରି ଶ୍ରୀ ବିଶ୍ୱାଳ ଆୟତନ ଏମ. ଇ.ବିଦ୍ୟାଳୟରୁ ୭ମ ପାସ ପରେ ଘରୋଇ ଭାବେ ମାଟ୍ରିକ, ୨, ବି. ଏ., ବିଇଡି, ସର୍ବ ଶେଷରେ ବୃତ୍ତିରୁ ଅବସର ପରେ ସ୍ନାତକୋତ୍ତର ଲାଭ କରିଛନ୍ତି । ପାଠ ପଢିବା ପାଇଁ ବୟସର କୌଣସି ସୀମା ନଥାଏ ବୋଲି ସେ ପ୍ରମାଣିତ କରି ଦେଖାଇଛନ୍ତି । ଦୃଢ଼ ଇଚ୍ଛାଶକ୍ତି ମାଧ୍ୟମରେ ସବୁ କାର୍ଯ୍ୟ ହାସଲ କରି ହୁଏ । ଏହି ଖୁସିରେ ସୁଧା ପରିବାର ପକ୍ଷରୁ ସମ୍ପାଦକ ହରେକୃଷ୍ଣ ବାରିକ, ପ୍ରଫେସର ବୈକୁଣ୍ଠ ନାଥ ପରିଡ଼ା, ପ୍ରଫେସର ସୁରେଶ ଚନ୍ଦ୍ର ମିଶ୍ର, ପ୍ରାଧ୍ୟାପକ ହଳଧର ବେହେରା, ଲକ୍ଷ୍ମୀଧର ବିଶ୍ୱାଳ, ଇଂ. ବିପିନ ବିହାରୀ ରାଉତ, ଶିକ୍ଷାବିତ୍ କାଳୀପ୍ରସାଦ ନାୟକ, ପରିବେଶବିତ ଗୋପୀନାଥ ଦାଶ ପ୍ରମୁଖ ଶ୍ରୀ ବିଶ୍ୱାଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ବିଶ୍ୱାଳ ୭ମ ଶ୍ରେଣୀ ପାସ ପରେ ଢେଙ୍ଗସର୍ଗୀ ଆଶ୍ରମ ପ୍ରାଥମିକ ବିଦ୍ୟାଳୟ ସମ୍ବଲପୁର ରେ ଯୋଗ ଦେଇ ପରବର୍ତ୍ତୀ ସମୟରେ ନିଜର ଦକ୍ଷତା ବଳରେ କୂଳସାହି ସେବାଶ୍ରମ ହାଇସ୍କୁଲ, କେନ୍ଦ୍ରାପଡ଼ାରୁ ପ୍ରଧାନ ଶିକ୍ଷକ ପଦରୁ ୨୦୦୦ ମସିହାରେ ଅବସର ନେଇଥିଲେ ।

# ନାଉଗାଁ ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି

ନାଉଗା,(ସବ୍ୟୁ) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟା::ଳୟ ଠାରେ ଅନୁଷ୍ଠିତ ହୋଇଯାଇଛ । ଜିଲ୍ଲାପାଳ ଜେ ସୋନାଲ ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜି ମୋଟ ୮୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୫ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୨ ଟି, ଆବାସ ଯୋଜନା ସମ୍ପର୍କୀୟ ୨୧ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୫ଟି, ପେନସନ ପାଇବା ପାଇଁ ୨ ଟି, ପୋଲିସ ସହାୟତା ପାଇବା ପାଇଁ ୩ ଟି, ଏବଂ ଅନ୍ୟାନ୍ୟ ୨୭ ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୦୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାଉଗାଁ ,ତପନ ମହାପାତ୍ର , ତହସିଲଦାର,ନାଉଗାଁ , ଶ୍ରୀ ଶିବାଶିଷ ପରିଡ଼ା, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# ରାସନ ସାମଗ୍ରୀ ପାଇଁ ବିଡିଓଙ୍କ ନିକଟରେ ଅଭିଯୋଗ

ରଘୁନାଥପୁର,(ସବ୍ୟୁ) :ରଘୁନାଥପୁର ବ୍ଲକ ଅଧିନ ବରାଗୋଳ ପଂଚାୟତର ରାସନ ସାମଗ୍ରୀ ପାଇଁ ଆଜି ଏହି ପଂଚାୟତର ସରପଂଚଙ୍କ ପ୍ରତିନୀଧି ଓ ୱାର୍ଡସଭ୍ୟମାନେ ରଘୁନାଥପୁର ବିଡିଓ ନମୀତା ବାରିକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଭୀଷଣ ବାତ୍ୟା 'ଦାନା'ସମୟରେ ଏହି ପଂଚାୟତର ବହୁ ଲୋକଙ୍କୁ ରାସନ ସାମଗ୍ରୀ ଭାବେ ଚାଉଳ ଦିଆଯାଇ ନାହିଁ। ପୂର୍ବରୁ ବହୁ ଦିନ ଧରି ରାସନ ସାମଗ୍ରି ପଂଚାୟତ କାର୍ଯ୍ୟାଳୟରେ ଦିଆ ଯାଇ ଆସୁଥିବା ବେଳେ ବାତ୍ୟା ସମୟରେ ଏହି ପଏଣ୍ଟକୁ ପଂଚାୟତର ଅନ୍ୟ ଏକ ଡିଲରପଏଣ୍ଟରେ ଟ୍ୟାଗିଂ କରା ଯାଇଥିବାରୁ ବହୁ ଲୋକ ଏହି ଚାଉଳ ପାଇବାରୁ ବଂଚିତ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି। ତେବେ ଏ ସଂକ୍ରାନ୍ତରେ ପଂଚାୟତ ପକ୍ଷରୁ ରିଜୋଲେସନ କରାଯାଇ ଥିବାରୁ ଅନ୍ୟ ଡିଲର ପଏଣ୍ଟରେ ଟ୍ୟାଗିଂ କରା ଯାଇଥିବା ବିଡିଓ ଜଣାଇଛନ୍ତି। କିନ୍ତୁ ଅନ୍ୟ ପକ୍ଷରେ ଏହି ରିଜୋଲେସନରେ ଦସ୍ତଖତ ଜାଲିଆତି କରା ଯାଇଥିବା ଅଭିଯୋଗ ଆଣିଛନ୍ତି ସଂପୃକ୍ତ ଅଭିଯୋଗକାରୀମାନେ। ପଂଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରି ଏହି ଦସ୍ତଖତ ଜାଲ କରି ପଂଚାୟତ କାର୍ଯ୍ୟାଳୟରେ ଚାଉଳ ନବାଣ୍ଟି ନିଜ ମୁଣ୍ଡରୁ ବୋଝ ଓହ୍ଲାଇ ଦେଇଛନ୍ତି ବୋଲି ସେମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ତୁରନ୍ତ ପଂଚାୟତ କାର୍ଯ୍ୟାଳୟରେ ରାସନ ସାମଗ୍ରୀ ବଣ୍ଟନ କରାଯାଉ ବୋଲି ଅଭିଯୋଗକାରୀ ମାନେ ଦାବୀ କରିଛନ୍ତି ।

# ଧର୍ମଶାଳା ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ

ଧର୍ମଶାଳା (ସବ୍ୟୁ) : ଧର୍ମଶାଳା ଡିଗ୍ରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଆଜି ଦୁର୍ନିତୀ ନିବାରଣ ସପ୍ତାହ ପାଳିତ ହୋଇଯାଇଛି । କଲେଜର ଅଧ୍ୟକ୍ଷା ଇନ୍ଦୁପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିତି ନିୟମ ହେଉଛି ମୁଲ୍ୟବୋଧର ମାପକାଠି, ନିତି ନିୟମ ବାହାରକୁ ଗଲେ ତାକୁ ଦୁର୍ନିତି କୁହାଯାଏ ବୋଲି ଅଧ୍ୟକ୍ଷା ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରାଜ କିଶୋର ଜେନା, ସୁନାକର ଦାସ, ଅଣ ଶିକ୍ଷକ କର୍ମଚାରୀ ରାଜିବ ଲୋଚନ ରାଉତ, ଅଧ୍ୟାପିକା ସସ୍ମିତା ରାଉତରାୟ,ଗ୍ରନ୍ଥଗାରିକା କୁଞ୍ଜଲତା ରାଉତଙ୍କ ସମେତ କଲେଜର ଶହ ଶହ ସଂଖ୍ୟାରେ ଛାତ୍ରୀମାନେ ଯୋଗଦେଇ ଦୁର୍ନିତି ନକରିବାକୁ ଶପଥପାଠ କରିଥିଲେ । ପ୍ରତ୍ୟେକ କାର୍ଯ୍ୟଧାରାରେ କିଛି ନିର୍ଦ୍ଦିଷ୍ଟ ଧର୍ମ ଓ ନିତିନିୟମ ଥାଏ । ତାକୁ ନେଇ କାର୍ଯ୍ୟ କରିବା ସମୟରେ ବହୁ ବାଧାବିଘ୍ନର ସମ୍ମୁଖିନ ହେବାକୁ ପଡେ । ଅନୁଷ୍ଠାନର ନିତି ନିୟମକୁ ମାନିବାକୁ ହେଲେ ଛାତ୍ରୀମାନେ ସଂସ୍କାରିତ ହୋଇ ସେମାନଙ୍କ ଧର୍ମ ପାଳନ କରିବା ଉଚିତ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଅଧ୍ୟାପକ ସଚିଦାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

# ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ଶପଥ ଉତ୍ସବ

ନାଉଗାଁ,(ସବ୍ୟୁ) : ଓଡିଶା ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ପତ୍ର ଅନୁଯାୟୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଜ୍ୟୋତିପ୍ରକାଶ ଲେଙ୍କାହୋଇଥିଲାଛ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ, ଅଧିପିକାଙ୍କ ସମେତ ସମସ୍ତ କର୍ମଚାରୀ ଉକ୍ତ ଉତ୍ସବରେ ଯୋଗ ଦେଇ ଦୁର୍ନୀତି କିଭଳି ସମାଜକୁ କବଳିତ କରି ସମାଜର ପ୍ରଗତିରେ ବାଧା ସୃଷ୍ଟି କରୁଛି ସେ ବିଷୟରେ ଆଲୋଚନା କରିବା ସହିତ ଦୁର୍ନୀତି ବିରୋଧରେ ନିଜେ ନିଜର ମତବ୍ୟକ୍ତ କରିଥିଲେ । କେହି ଦୁର୍ନୀତି କରିବା ନାହିଁ କିମ୍ବା ଦୁର୍ନୀତି କୁ ପ୍ରଶୟ ଦେବା ନାହିଁର ଶପଥ ପାଠ କରିଥିଲେ । ସଭା କାର୍ଯ୍ୟକୁ ଆଗେଇ ନେବାରେ ଅଧ୍ୟାପକ ଚୈତନ୍ୟ ଚରଣ ପରିଡା, ଅଧ୍ୟାପିକା ବିଜୟିନୀ ପଢ଼ିଆରୀ ସମସ୍ତ ସହଯୋଗ କରିଥିଲେ । ଦୃନୀତି ହଟିଲେ ଦେଶ ଆଗକୁ ଯିବାର ଆଶାରଖି ସଭା କାର୍ଯ୍ୟକୁ ସାଙ୍ଗ କରିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଯୋଗ ଦେଇଥିଲେ ।



# ଦୀପାବଳୀ ପୂର୍ବରୁ ବିପୁଳ ପରିମାଣର ବାଣ ଜବତ

ମାହାଙ୍ଗା,(ସବ୍ୟୁ) : ଭଦ୍ରେଶ୍ୱର ଥାନା ଅଂଚଳର ନାହାଙ୍ଗ ପଂଚାୟତ ଅଧିନ ଗୌଡଗୋପ ଗ୍ରାମର ରାଜକିଶୋର ମଲିକଙ୍କ ପୁତ୍ର ରଂଜନ ମଲିକ (୪୮) ବେଆଇନ ବାଣ ତିଆରି କରୁଥିବା ଖବର ପାଇ ଭଦ୍ରେଶ୍ୱର ଥାନା ଅଧିକାରୀ କାବୁଲି ବାରିକଙ୍କ ନେତୃତ୍ୱରେ ସୋମବାର ଭୋର ସମୟରେ ତାଙ୍କ ଘର ଉପରେ ଚଢାଉ କରି ବିସ୍ଫୋରକ ବାଣକୁ ଜବତ କରିଥିଲେ । ଜବତ ବିସ୍ଫୋରକ ଭିତରେ ଗନ୍ ପାଉଡର ୪ କିଲୋଗ୍ରାମ, ତାଳଫଟୋକା ୩ ବସ୍ତା, ପ୍ଲାଷ୍ଟିକ୍ ବଲ୍ବ (ଗଡମା)୩୦୦ ପିସ୍, ପଟି ପାଇପ୍ ୨୦ ପିସ୍, ଖାର ୧୦ କେଜି, ଅଙ୍ଗାର ୨୦ କିଲୋ, ରୁଖ ୫୦୦ ଗ୍ରାମ ଜବତ କରିବା ସହିତ ଆସାମୀ ରଂଜନକୁ ଗିରଫ କରି କେଶ୍ ନଂ ୧୫୮, ୨୮୮/୧୨୫(ବିଏନ୍ଏସ୍)/ ୯(ବି) ଏକ୍ସପ୍ଲୋସିବ୍ ଆକ୍ଟ ଆଧାରରରେ କୋର୍ଟ ଚାଲାଣ କରାଯାଇଛି ।

# ରଘୁନାଥପୁର ବ୍ଲକ୍ ଅତିରିକ୍ତ ଦାୟିତ୍ୱରେ ଜଗତସିଂହପୁର ବିଡିଓ

ରଘୁନାଥପୁର,(ସବ୍ୟୁ) :ରଘୁନାଥପୁର ବ୍ଲକ ବିଡିଓ ନମୀତା ବାରିକଙ୍କ ଇତି ମଧ୍ୟରେ କେନ୍ଦ୍ରାପଡା ଜିଲ୍ଲା ଡେରାବିଶି ବ୍ଲକକୁ ବଦଳି କରାଯାଇଛି। ସେ ଦୀର୍ଘ ୧ବର୍ଷ ଧରି ଏହି ବ୍ଲକରେ ସୁଚାରୁ ରୁପେ କାର୍ଯ୍ୟ ନିର୍ବାହ କରି ସମସ୍ତଙ୍କ ପ୍ରିୟପାତ୍ର ହୋଇ ପାରିଥିଲେ। ତାଙ୍କର ବଦଳି ପରେ ସରକାରଙ୍କ ପକ୍ଷରୁ ରଘୁନାଥପୁର ବ୍ଲକକୁ କାହାରିକୁ ସ୍ଥାୟୀ ବିଡିଓ ଭାବେ ଅବସ୍ଥାପିତ କରାଯାଇ ନାହିଁ। ତେବେ ରଘୁନାଥପୁର ବ୍ଲକର ଗୁରୁତ୍ୱକୁ ଅନୁଭବ କରି ଜଗତସିଂହପୁର ବ୍ଲକ ବିଡିଓ ଆଶୁତୋଷ ମିଶ୍ରଙ୍କୁ ଏହି ବ୍ଲକର ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ଜିଲ୍ଲାପାଳ ଜେ ସୋନାଲ ଚିଠି ନଂ ୪୩୬୬/ ୨୮.୧୦.୨୦୨୪ ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ପୁର୍ବତନ ବିଡିଓ ନମୀତା ବାରିକ ରଘୁନାଥପୁର ବ୍ଲକରୁ ତୁରନ୍ତ ରିଲିଭ ହେବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି।

# ମହାବାତ୍ୟାକୁ ପୂରିଲା ୨୫ ବର୍ଷ: ମନରୁ ଲିଭିନି ସେ ଦିନର ସ୍ମୃତି



ଅସ୍ତରଙ୍ଗ,(ଦୁଃଶାସନ ନାୟକ): ୧୯୯୯ ଅକ୍ଟୋବର ୨୯ ରେ ହୋଇଥିବା ମହାବାତ୍ୟାକୁ ଇତି ମଧ୍ୟରେରେ୨୫ବର୍ଷ ପୁରୀ ଗଲାଣି। ଏହି ମହାବାତ୍ୟାକୁ ଅଙ୍ଗେ ଲିଭେଇ ଥିବା ଉପକୂଳ ବାସୀଙ୍କ ମନରେ ସ୍ୱତନ୍ତ୍ର , ଆବେଗ ଓ ଉଦବେଗ ସୃଷ୍ଟି ହୁଏ । ସେହି ୪୮ ଘଣ୍ଟାର ଲୋମ ହର୍ଷଣ କାରି ସ୍ମୃତି ଆପଣା ଛାଏଁ ମାନସ ପଟରେ ଉଙ୍କିମାରେ। ଏହି ମହା ବାତ୍ୟାରେ ସବୁଜିମାରେ ଭରପୁର ଥିବା ଉପକୂଳ ବର୍ତୀ ଅଞ୍ଚଳ ରୁ ୯ କୋଟି ଗଛକୁ ନିର୍ମୂଳ କରିଦେଲା ତାହା ନୁହେଁ, ପରନ୍ତୁ ସରକାରୀ ହିସାବରେ ୯ ହଜାର ୮୮୫ ଲୋକଙ୍କୁ ମୃତ୍ୟୁ ମୁଖକୁ ଟାଣି ନେଇଥିଲା । ଖାଲି ସେତିକି ନୁହେଁ,ଏହି ମହାବାତ୍ୟାରେ ୨ହଜାର୫୦୭ ଜଣ ଲୋକ ଆହତ ହେବା ସହ, ନିଖୋଜ ଥିଲେ୪୮ ଜଣ । କେବଳ ମଣିଷ ନୁହନ୍ତି ଗାଈ,ଗୋରୁ ଛେଳି ,ମେଣ୍ଢା,ଘୁଷୁରୀ,କୁକୁଡ଼ା ଆଦି କେତେ ଯେ ମୃତ୍ୟୁ ମୁଖରେ ପଡ଼ିଥିଲେ ତାହା ଥିଲା ଅବର୍ଣ୍ଣନୀୟ । ବାତ୍ୟାରେ ମୋଟ ୧୬ଲକ୍ଷ ୫୦ହଜାର ୦୮୬ ଟି ବାସ ଗୃହ ଧ୍ୱଂସ ସ୍ତୁପରେ ପରିଣତ ହୋଇଥିଲା । ଏହା ବ୍ୟତୀତ ଆଉ ସବୁ ଯାହା ଘଟିଥିଲା ତାହାର ମୂଲ୍ୟ ଥିଲା କୋଟି କୋଟି ଟଙ୍କା । ଏକ ସୁଜଳା ସୁଫଳା ବିର୍ଣ୍ଣିଣ୍ଣ ଅଞ୍ଚଳ ମାତ୍ର କେଇ ଘଣ୍ଟାରେ ହୋଇ ଥିଲା ଶଶ୍ମାନରେ ରୂପା ନ୍ତରିତ । ୨୫ ବର୍ଷ ଭିତରେ ବର୍ଷା ବନ୍ୟା ,ବାତ୍ୟାରେ ସନ୍ତୁଳିତ ହେଉଥିବା ଉପକୂଳ ବାସି , ଦୁର୍ଦ୍ଦିନରେ କଳାତି ପାତ କରୁଥିବା ବେଳେ,୨୦୧୩ ରେ ଫାଇଲିନି,୨୦୧୪ ରେ ହୁଡୁ ହୁଡୁ,୨୦୧୬ ରେ ତିତିଲି, ୨୦୧୯ ରେ ଫନି,୨୦୨୦ ରେ ଆମ୍ଫାନ,୨୦୨୧ ରେ ୟାଶ,ଶେଷରେ ଚଳିତ ବର୍ଷ ଅକ୍ଟୋବରରେ ବାତ୍ୟା ଦାନାର କରାଳ ରୂପ ଉପକୂଳ ବାସୀଙ୍କ ମେରୁ ଦଣ୍ଡକୁ ଦୋହଲାଇ ଦେଇଛି। ଏହି ସମୟ ଭିତରେ ଯେଉଁ କେତୋଟି ବାତ୍ୟା ଉଗ୍ର ରୂପ ନେଇ ଥିଲା , ତା ମଧ୍ୟରେ ଥିଲା ୨୦୧୩ ଅକ୍ଟୋବର ୧୨ ରେ ଫାଇଲିନି,୨୦୧୪ ରେ ହୁଡୁ,ହୁଡୁ ଓ ଏହାର ପାଞ୍ଚ ବର୍ଷ ପରେ ବାତ୍ୟା ଫନୀ ।୨୦୧୯ମେ ୩ ରେ ଓଡ଼ିଶା ଉପକୂଳ ବଙ୍ଗୋପ ସାଗର ସ୍ପର୍ଶ କରିଥିଲା ବାତ୍ୟା ଫନି । ସେତେବେଳେ ଏହାର ବେଗ ଥିଲା ୧୧୫ର ରୁ,୧୮୫-୨୦୦ ଭିତରେ । ଏହାର ପ୍ରଭାବ ରେ ୧୦ ଲକ୍ଷ୍ୟ ଲୋକ କ୍ଷତିଗ୍ରସ୍ତ ହୋଇଥିବା ବେଳେ,୨ ହଜାର ରୁ ଉର୍ଦ୍ଧ ଲୋକ ଆହତ ହୋଇ ଥିଲେ,୪୦ ଜଣ ଥିଲେ ନିଖୋଜ । ସମ୍ଭାବ୍ୟ ବାତ୍ୟା ବନ୍ୟା ତଥା ସମୁଦ୍ର ଜୁଆର ଆଦି ଦାଉରୁ ରକ୍ଷା ପାଇବା ପାଇଁ ବ୍ୟାପକ ଲୁଣା ଜଙ୍ଗଲ ତଥା ହେନ୍ତାଳ ବଣର ସୃଷ୍ଟି ଓ ଏହାର ରକ୍ଷଣ ବେକ୍ଷଣ ସହ ଜନ ସଚେତନତା ଜରୁରୀ ହେଲେ,ବାତ୍ୟା ପ୍ରତିରୋଧ କୁ ରୋକା ଜାଇ ପାରିବ ବୋଲି ଏକ ସାକ୍ଷାତ କାରରେ କୁହନ୍ତି ବିଶିଷ୍ଟ ପରିବେଶବିତ ଶୋଭକର ବେହେରା। ଅସ୍ତରଙ୍ଗ ଅଞ୍ଚଳ ଥିଲା ୧୯୯୯ ମହାବାତ୍ୟାର ବିଶେଷ କ୍ଷୟକ୍ଷତି ଅଞ୍ଚଳ । ଅସ୍ତରଙ୍ଗ ଏହି ଅଞ୍ଚଳକୁ ଧାଇଁ ଆସିଥିଲେ ଦେଶ ତଥା ରାଜ୍ୟର ବରିଷ୍ଠ ନେତୃବୃନ୍ଦ । ସେମାନଙ୍କ ଭିତରେ ଥିଲେ,ସୋନିଆ ଗାନ୍ଧୀ,ଗୁଲାବ ନବି ଆଜାଦ, ଶିଲା ଦିକ୍ଷୀତି , ପି ଏ ଶାଙ୍ଗାମା,ଗିରିଧାରୀ ଗୋମାଙ୍ଗ,ଜାନକୀ ବଲ୍ଲଭ ପଟ୍ଟନାୟକ,ବସନ୍ତ କୁମାର ବିଶ୍ୱାଳ ପ୍ରମୁଖ । ସେତେବେଳର କାକଟପୁର ବିଧାୟକ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ଭୂମିକା ଥିଲା ଅତାନ୍ତ୍ୟ ଥିଲା ଗୁରୁତ୍ୱ ପୂର୍ଣ୍ଣ । ପ୍ରଥମ ପର୍ଯ୍ୟାୟ ରେ ୧୫ କୋଟିରୁ ଉର୍ଦ୍ଧ ଟଙ୍କାରେ ଆରମ୍ଭ ହୁଏ ଥଇଥାନ ପ୍ରକଳ୍ପ।



ଖଣ୍ଡପଡ଼ା : ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶ୍ରୀ ଗୋପୀନାଥ ଜୀଉଙ୍କ ଚନ୍ଦନବେଶ

## ମୋବାଇଲ୍ ଟାୱାରରୁ ବ୍ୟାଟେରୀ ଓ ଯନ୍ତ୍ରାଂଶ ଚୋରି ଉଦ୍ୟମ

# ସରପଞ୍ଚ ପୁଅଙ୍କ ସହିତ ୩ ଗଲେ ଜେଲ

ବାଙ୍କୀ,(ସବ୍ୟୁ): ମୋବାଇଲ୍ ଟାୱାରରୁ ବ୍ୟାଟେରୀ ଓ ଯନ୍ତ୍ରାଂଶ ଚୋରି ଉଦ୍ୟମ ସରପଞ୍ଚ ପୁଅଙ୍କ ସହିତ ୩ ଜଣ ଜେଲ ଯାଇଥିବା ଜଣାଯାଇଛି। ବାଙ୍କୀ ଥାନା ଅନ୍ତର୍ଗତ ଅନୁଆରି ଗ୍ରାମ ପଞ୍ଚାୟତର ଗୋପ ଠାରେ ଥିବା ଏକ ଘରୋଇ ମୋବାଇଲ୍ ଟାୱାର ରୁ ବ୍ୟାଟେରୀ ଓ କିଛି ମୂଲ୍ୟବାନ ଯନ୍ତ୍ରାଂଶ ଚୋରି କରିବା ଯୋଜନା କରି ଲୁଟ କରିବା ଉଦ୍ଦ୍ୟେଶରେ ତିନି ଜଣ ଯୁବକ ଗତ ୨୪ ତାରିଖ ବିଳମ୍ବିତ ରାତିରେ ଟାୱାରର ମେସିନ୍ ଚ୍ୟାମ୍ବର ତାଲା ଭାଙ୍ଗି ଭିତର କୁ ପଶିଥିଲେ । ବ୍ୟାଟେରୀ ଚୋରି କରିବାକୁ ଉଦ୍ୟମ କଲା ବେଳେ ଘରୋଇ ମୋବାଇଲ୍ କମ୍ପାନୀ ଏଆରଟେଲ କମ୍ପାନୀ କର୍ତ୍ତୁପକ୍ଷ ଜାଣିପାରିବା ସହିତ ସ୍ୱରାଜ ରାଉତ ନାମକ ଜଣେ ବ୍ୟକ୍ତିଙ୍କ ଯାହାଙ୍କ ଜମିରେ ଟାୱାର ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହେଉଛି ସେହି ବ୍ୟକ୍ତି ମଧ୍ୟ ଖବର ଦେଇଥିଲେ। ପରଦିନ ବାଙ୍କୀ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଏଆରଟେଲ କମ୍ପାନୀ ଅଧିକାରୀ ଭଦ୍ରକ ଜିଲ୍ଲା କୁଣ୍ଡଳ ଗ୍ରାମ ଅକ୍ଷୟ କୁମାର ବେଉରିଆଙ୍କ ଏତଲା କ୍ରମେ ଏହି ୩ଜଣ ଅଭିଯୁକ୍ତ ଙ୍କୁ ଗିରଫ କରି ତଦନ୍ତ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ମାନଙ୍କ ମଧ୍ୟରେ ଅଛନ୍ତି ଅନୁଆରି ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ପୁଅ ରହିଥିବା ଜଣାଯାଇଛି। ଗିରଫ ତିନି ଜଣ ହେଲେ ଅନୁଆରି ପଞ୍ଚାୟତର ସରପଞ୍ଚ ମଞ୍ଜୁଲତା ଦାସ୍‌ଙ୍କ ପୁଅ ସତ୍ୟ ରଞ୍ଜନ ଦାସ୍, ତାଙ୍କ ସାଥୀସୁଶାନ୍ତ ନାୟକ, ବିଜୟ କୁମାର ନାୟକ ଏବଂ ସମସ୍ତ ବୟସ ୨୮ବର୍ଷ ହେବ ବୋଲି କୁହାଯାଇଛି। ବାଙ୍କୀ ଥାନା କେଶ ନମ୍ବର ୩୬୯/୨୪.୧୦.୨୦୨୪ରେ ମୋକଦ୍ଦମା ରୁଜୁ କରାଯାଇ ଗିରଫ କରା ଯାଇ କୋର୍ଟ ଚାଲାଣ କରିଛି ବାଙ୍କୀ ପୋଲିସ। ଅଦାଲତ ରେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆ ଯାଇଛି।

# ମଣ୍ଡଳ ସ୍ତରୀୟ ନିପୁଣ ଓଡିଶା ମିଶନର ଶୁଭାରମ୍ଭ

ପିପିଲି,(ସବ୍ୟୁ) : ସୋମବାର ପିପିଲି ବ୍ଲକର ମଣ୍ଡଳ ସ୍ତରୀୟ ନିପୁଣ ଓଡିଶା ମିଶନର ଶୁଭାରମ୍ଭ ଦାଣ୍ଡମୁକୁନ୍ଦପୁର ସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇ ସ୍କୁଲ୍ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦ ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭା କୁ ସି ଆର୍ ସି ସି ଚିନ୍ତାମଣି ଓଝା ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣ ଅଧକ୍ଷ ସନ୍ତୋଷ କୁମାର ପରିଡା ଏବଂ ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ପୀତବାସ ସେଠି, ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ଷଡଙ୍ଗୀ, ସହକାରୀ ଶିକ୍ଷାଧିକାରୀ ସାହେବ୍ ପାତ୍ର, ଲକ୍ଷ୍ମୀପ୍ରିୟା ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକ ଯୋଗଦେଇ ନିପୁଣ ଓଡିଶା ମିଶନର ଲୋଗୋକୁ ଉନ୍ମୋଚନ କରି ସେମାନଙ୍କ ବକ୍ତବ୍ୟରେ ଭାରତ ସରକାରଙ୍କ ଦ୍ୱାରା ପ୍ରଣିତ ନୂତନ ଶିକ୍ଷାନୀତି ୨୦୨୦ ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଥମିକ ସ୍ତର ରୁ କୁନି କୁନି ପିଲାମାନଙ୍କୁ ସମସ୍ତ ମୌଳିକ ଓ ବୌଦ୍ଧିକ ଜ୍ଞାନ ପ୍ରଦାନ କରି ସବୁ କ୍ଷେତ୍ରରେ ପିଲାମାନଙ୍କୁ ନିପୁଣ କରାଇବା ଏହି ଶିକ୍ଷା ବ୍ୟବସ୍ଥାର ଲକ୍ଷ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି ବ୍ଲକ୍‌ର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲ ।

# ଆସନ୍ତା ମାସରେ ଓଏସଏମର ରାଜ୍ୟସ୍ତରୀୟ ପ୍ରଦର୍ଶନୀ

ଭୁବନେଶ୍ୱର, (ସବ୍ୟୁ) :ଆସନ୍ତା ନଭେମ୍ବର ମାସରେ ଓଏସଏମ (ଓଡିଶା ସଂଗ୍ରାହକ ମହାସଂଘ ) ପକ୍ଷରୁ ଏକ ରାଜ୍ୟସ୍ତରୀୟ ପ୍ରଦର୍ଶନୀ କରାଯିବ ବୋଲି ଜଣାଯାଇଛି। ଶନିବାର ଦିନ ମହାସଂଘର ଏକ ଜରୁରୀ ବୈଠକରେ ନିଷ୍ପତି ନିଆଯାଇଛି ବୋଲି ଓଏସଏମର ମ୍ୟାନେଜିଂଗ ଟ୍ରଷ୍ଟି ବିଶିଷ୍ଟ ଖବରକାଗଜ ସଂଗ୍ରାହକ ଗିନିସ ରେକର୍ଡଧାରୀ ପେପରମ୍ୟାନ ଇଣ୍ଡିଆ ଶଶାଙ୍କ ଶେଖର ଦାଶ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟି ଓଏସଏମର ସଦସ୍ୟମାନଙ୍କର ବିଭିନ୍ନ ସଂଗ୍ରହ ଏଠାରେ ପ୍ରଦର୍ଶିତ ହେବ ବିଭିନ୍ନ ପ୍ରକାର ଖବରକାଗଜ, ଦିଆସିଲି, ପ୍ଲାଷ୍ଟିକ କାର୍ଡ, ବ୍ୟାଙ୍କ ଚେକ, ମୁଦ୍ରା, ଦେଶ ବିଦେଶ କାଗଜ ନୋଟ, ଟ୍ରେନ ଟିକେଟ, ମୂର୍ତି, ଚାବି ରିଙ୍ଗ ଇତ୍ୟାଦି ଏଠାରେ ସାଧାରଣ ଲୋକଙ୍କ ଦେଖିବା ପାଇଁ ପ୍ରଦର୍ଶନ କରାଯିବ ।ଏହି ପ୍ରଦର୍ଶନୀ ଛାତ୍ର ଛାତ୍ରୀ, ଜିଜ୍ଞାସୁ, ବୁଦ୍ଧିଜୀବୀ ଓ ସାଧାରଣ ଲୋକଙ୍କୁ ଆକୃଷ୍ଟ କରିବ ବୋଲି ଓଏସଏମ ଚେୟାରମ୍ୟାନ ବିମଳ ଚରଣ ଷଡ଼ଙ୍ଗୀ କହିଛନ୍ତି। ଏହି ପ୍ରକାର ପ୍ରଦର୍ଶନ ହେବା ଓଡିଶା ରାଜ୍ୟ ପାଇଁ ନୂଆ ହେବ ଓ ଏହା ଓଡ଼ିଆ ଅସ୍ମିତାର କଥା ବଖାଣିବ ବୋଲି ଉପସ୍ଥିତ ଥିବା ସଦସ୍ୟମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାହକ ଅରବିନ୍ଦ ରାୟ, ବିଭୁତି ଭୂଷଣ ପଟନାୟକ, ତରଣୀସେନ ପଟନାୟକ, ମହେନ୍ଦ୍ର ନାଥ ନନ୍ଦ, ରାଜକିଶୋର ମହାନ୍ତ ଓ ସମରଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।



# ତ୍ରିବେଣୀ ପୀଠରେ ବ୍ରତ ପାଳୁଛନ୍ତି୯୮ ହବିଷ୍ୟାଳୀ

ବାଲିପାଟଣା ,(ସବ୍ୟୁ) :ବାଲିପାଟଣା ବ୍ଲକ ବନମାଳୀପୁରରେ ପୁରାଣ ବର୍ଣ୍ଣିତ ପ୍ରାଚୀ ନଦୀ ତ୍ରିବେଣୀଠାରେ ଅବସ୍ଥିତ ଅନ୍ତର୍ବେଦୀ ପୀଠରେ ହବିଷ ପାଳିବାକୁ କଟକ, ଜଗତସିଂହପୁର, ପୁରୀ, ଓ ଖୋର୍ଧା ଅଞ୍ଚଳରୁ ଆସିଛନ୍ତି ୯୮ରୁ ଉର୍ଦ୍ଧ ହବିଷ୍ୟାଳୀ। କାର୍ତ୍ତିକ ମାସ ଆରମ୍ଭରୁ ହାବିଷ୍ୟାଳୀ ମାନେ ଏକତ୍ରିତ ହୋଇ ବ୍ରତ ପାଳନ କରିବା ସହ ବିଗତ ବର୍ଷର ସାଥୀମାନଙ୍କ ସହ ପରିଚୟ ଆଦାନ ପ୍ରଦାନ କରି ସୁଖଦୁଃଖ ବାଣ୍ଟିଥିଲେ। ସିନ୍ଦୁରା ଫାଟିବା ପୂର୍ବରୁ ହାବିଷ୍ୟାଳୀମାନେ ନିଜର ନିତ୍ୟକର୍ମ ସାରି ତୁଳସୀ ଚଉରା ବେଢା ପରିକ୍ରମା କରୁଛନ୍ତି।ପରେ ଅନ୍ତର୍ବେଦୀ ପରିସରରେ ପୂଜା ପାଉଥିବା ପ୍ରଭୁ ଜଗନ୍ନାଥ, ପ୍ରଭୁ ଭୋଳାଶଙ୍କର ସହ ଅନ୍ୟ ଦେବଦେବୀଙ୍କ ଦର୍ଶନକରି ଶୁଭାଶିଷ କାମନା କରୁଛନ୍ତି।ସୂର୍ଯ୍ୟ ଉଇଁଲେ ତୁଳଶୀ ଚଉରାରେ ଶ୍ରୀଜଗନ୍ନାଥ,ରାଇଦାମୋଦରଙ୍କ ମୂର୍ତ୍ତି,ମୁରୁଜରେ ଆଙ୍କୁଛନ୍ତି।ପରେ ପରେ ଶ୍ରୀକୃଷ୍ଣ ଚରଣାବୃତ୍ତ,ଗୀତା, ଭାଗବତ ପାଠ କରୁଛନ୍ତି।ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ହାବିଷ୍ୟାଳୀଙ୍କ ଧାର୍ମିକ କାର୍ଯ୍ୟକ୍ରମରେ ବର୍ଷ ସାରା ଶାନ୍ତ ପଡିଥିବା ପୀଠ ଚଳଚଞ୍ଚଳ ହୋଇ ଉଠିଛି।ମହାକାର୍ତ୍ତିକ ମାସ ପୂର୍ବରୁ ଆଖପାଖ ଅଞ୍ଚଳ ନିମାପଡା, ଅସ୍ତରଙ୍ଗ, କାକଟପୁର, ନୂଆହାଟ,ଚାରିଛକ, କଟକରୁ ନିଆଳି, ଅଡଶପୁର, ଗୋବିନ୍ଦପୁର, ଜଗତସିଂହପୁର, ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣା, ବାଲିଅନ୍ତା, ଭିଙ୍ଗାରପୁର, ବୁଦ୍ଧିପଡା, ବାଳକାଟି,ଆଦିବିଭିନ୍ନ ଅଞ୍ଚଳରୁ ହାବିଷ୍ୟାଳୀମାନେ ଆସନ୍ତିାକାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ରହି ବ୍ରତ ପାଳନ ପରେ ଘରକୁ ଫେରି ଯାଆନ୍ତି।ରାଜ୍ୟ ସରକାର ଅନ୍ତର୍ବେଦୀ ପୀଠର ବିକାଶ ସହିତ ଏହାକୁ ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରାଯିବାକୁ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦାବି ହେଉଛି।

# ଯୋଗ ନେଚରପାଥୀ ହସ୍ପିଟାଲକୁ ଗ୍ରାମବାସୀଙ୍କ ବିରୋଧ

ବାରଙ୍ଗ,(ସବ୍ୟୁ) :ଛତାବର ଗ୍ରାମପଞ୍ଚାୟତ ଅଧୀନ ବିଞ୍ଝଗିରିଠାରେ କେନ୍ଦ୍ରୀୟ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ହେବାକୁ ଥିବା ଯୋଗ ନାଚ୍ୟୁାପଥୀ ହସ୍ପିଟାଲକୁ ଗ୍ରାମବାସୀମାନେ ବିରୋଧ କରିଛନ୍ତି।ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ସରକାର ଏହାକୁ ଶିଳାନ୍ୟାସ କରିବାପାଇଁ ଯୋଜନା କରୁଥିବାର ଜଣାପଡିବା ପରେ ଗ୍ରାମରେ ଉତେଜନା ଦେଖାଦେଇଛି।ଶନିବାର ଦିନ ପୂର୍ବତନ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ବିଂଝଗିରି ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ସମର୍ଥନ ଜଣାଇଥିଲେ।ଗ୍ରାମବାସୀମାନେ ୧୯୭୦ ମସିହାରୁ ଗ୍ରାମରେ ଖାଲିପଡ଼ିଥିବା ଜାଗାରେ ବନୀକରଣ କରିଛନ୍ତି।ଏହି ଜାଗାମାନଙ୍କରେ ସାଳ,ପିଆଶାଳ,କସି,ହରିଡା, ବାହାଡା,ଅଁଳା ଆଦି ଔଷଧୀୟ ବୃକ୍ଷ ଲଗାଇ ଗ୍ରାମବାସୀମାନେ ଜଙ୍ଗଲ ସୃଷ୍ଟି କରିଛନ୍ତି।ଏବେ ସେହି ଜାଗା ମଧ୍ୟରୁ ୨୦ଏକର ପରିମିତ ଜାଗାରେ ଯୋଗ ନାଚ୍ୟୁାପଥୀ ହସ୍ପିଟାଲ ହେବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି।ତେବେ ଏହାକୁ ଗ୍ରାମବାସୀମାନେ ବିରୋଧ କରିବା ସହ ଜାଗା ପରିବର୍ତ୍ତନ ପାଇ ଦାବି କରିଛନ୍ତ। ଯେହେତୁ ଗ୍ରାମବାସୀ ମାନେ ବନୀକରଣ କରି ଔଷଧୀୟ ବୃକ୍ଷରାଜିର ଜଙ୍ଗଲ ତିଆରି କରିଛନ୍ତି ।ତେଣୁ ସେହି ବୃକ୍ଷ ସବୁକୁ କାଟିବାକୁ ଗ୍ରାମବାସୀମାନେ ବିରୋଧ କରିଛନ୍ତି।ଅନ୍ୟପଟେ ଗ୍ରାମ ପଛପଟେ ଆହୁରି ସରକାରୀଜାଗା ଖାଲିଥିବାରୁ ସେଠାରେ ହସ୍ପିଟାଲ କରାଗଲେଗ୍ରାମବାସୀମାନଙ୍କର କୌଣସି ଆପତି ରହିବନାହିଁ ବୋଲି କହିଛନ୍ତି।

## ଅତ୍ୟାଧୁନିକ ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ

ଟାଙ୍ଗୀ,(ସବ୍ୟୁ) :କନ୍ଦନୟାଗଡସ୍ଥିତ ଟାଙ୍ଗୀ ଚାନ୍ଦପୁର ପୂର୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଟ୍ରୁ କେୟାର ନାମରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା କେନ୍ଦ୍ର ଉଦ୍ଘାଟିତ ହୋଇଯାଇଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି । ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସୁଦୂର ଭୁବନେଶ୍ୱର କଟକ ଆଉ ଯିବାକୁ ପଡିବ ନାହିଁ । ଏଠାରେ ସିଟି ସ୍କାନ, ଅଲଟ୍ରାସାଉଣ୍ଡ, ଡିଜିଟାଲ ଏକ୍ସରେ, ଇକୋ କାର୍ଡିଓଗ୍ରାଫି, ଇଣ୍ଡୋସ୍କୋପି, ଇସିଜି ଇତ୍ୟାଦି ସମସ୍ତ ଅତ୍ୟାଧୁନିକ ପରୀକ୍ଷା ନିରୀକ୍ଷା ସହିତ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକତ୍ସା ପରାମର୍ଶ ପ୍ରଦାନ କରିବାର ବ୍ୟବସ୍ଥା ହୋଇଛି ।

# ନେଟୱାର୍କ ଫେଲ : କୃଷି, ଉଦ୍ୟାନ ବିଭାଗ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା

ଖଣ୍ଡପଡା,(ସବ୍ୟୁ): ଅନଲାଇନ ବ୍ୟବସ୍ଥା ଉପରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡିକ ଏବେ ନିର୍ଭର କରୁଥିବା ବେଳେ ନେଟୱାର୍କ ଫେଲ ଯୋଗୁଁ ଖଣ୍ଡପଡା କୃଷି, ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ଓ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମୟରେ ଅଚଳାବସ୍ଥା ସୃଷ୍ଟି ହେଉଛି । ଉକ୍ତ ୩ଟି ସରକାରୀ କାର୍ଯ୍ୟାଳୟ ନେଟୱାର୍କ ଠାରୁ ଅପହଁଚ ଦୂରତାରେ ରହୁ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଜଣାପଡିଛି । ଖଣ୍ଡପଡା ସହରର ଉପକଣ୍ଠରେ ରହିଛି କୃଷି ଓ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ । ନିୟମିତ ଭାବରେ ନେଟୱାର୍କ ରହୁ ନଥିବାରୁ ଅନଲାଇନ ଯୋଗେ ସରକାରୀ କାର୍ଯ୍ୟ ତୁଲାଇବା ପାଇଁ କର୍ମଚାରୀମାନଙ୍କୁ ବିଶେଷ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି ବୋଲି ଖଣ୍ଡପଡା ବ୍ଲକ କୃଷି ଅଧିକାରୀ ଭବାନୀ ଶଂକର ମିଶ୍ରଙ୍କ ଠାରୁ ପ୍ରକାଶ । ସେହିପରି ଉଦ୍ୟାନ ବିଭାଗ ଅଧିକାରୀ କାଳନ୍ଦୀ ଚରଣ ବାରିକ ମଧ୍ୟ ସମାନ କଥା କହିଛନ୍ତି। ଉଭୟ ଅଧିକାରୀ ଅନଲାଇନରେ ବିକଳ୍ପ ବ୍ୟବସ୍ଥା ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ହେଁ ଅଦ୍ୟାବଧି କୌଣସି ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇ ନଥିବାରୁ କାର୍ଯ୍ୟାଳୟ ପରିଚାଳନାରେ ପ୍ରଶାସନିକ ଅବ୍ୟବସ୍ଥା ଦେଖା ଦେଉଛି । ଖଣ୍ଡପଡା ସହରର ୧୨ ନଂ ୱାର୍ଡରେ ଅବସ୍ଥିତ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନେଟୱାର୍କ ରହୁ ନଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ସେଠାରେ କାର୍ଯ୍ୟରତ ଡ଼ାକ୍ତର, ଷ୍ଟାଫନର୍ସ ଓ କର୍ମଚାରୀମାନେ ବିଶେଷ ଅସୁବିଧାର ସମ୍ମୁଖିନ ହେଉଥିବା ଜଣାପଡ଼ିଛି। ଖାଲି ସେତିକି ନୁହେଁ ରୋଗୀଙ୍କ ସଂପର୍କୀୟମାନେ ମଧ୍ୟ ବିଭିନ୍ନ ସମୟରେ ଡ଼ାକ୍ତରଙ୍କ ସହ ପରାମର୍ଶ କରିବାରୁ ବଂଚିତ ହେଉଥିବା ଜଣାପଡିଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମୋବାଇଲ ଫୋନ ଲାଗୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ମୁଖ୍ୟ ରାସ୍ତା ଉପରକୁ ଆସିଲେ ଯାଇ ବିଭିନ୍ନ କଂପାନୀର ନେଟୱାର୍କ ସେବା ଉପଲବ୍ଧ ହେଉଥିବା ଜଣାପଡଛି । ଏପରି ପରିସ୍ଥିତି ସଂପର୍କରେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଅଭିଷାର ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସାଧାରୀ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଜଣାପଡିଛି । ତେବେ ନେଟୱାର୍କ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରା ନଗଲେ ଅଂଚଳବାସୀ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଂଚିତ ହେବାର ଆଶଙ୍କା ପ୍ରକାଶ ପାଇଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୁପକ୍ଷମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଗାନ୍ଧୀଙ୍କ ଆଦର୍ଶ ଓ ବିଚାର ବିଶ୍ୱ ସମୁଦାୟକୁ ଦେଉଛି ମାର୍ଗ ଦର୍ଶନ




ନିରାକାରପୁର,(ସବ୍ୟୁ): ସତ୍ୟ ଓ ଅହିଂସାର ଉପାସକ ,ଗାନ୍ଧୀଙ୍କ ଆଦର୍ଶ ଓ ବିଚାର ବିଶ୍ୱ ସମୁଦାୟକୁ ଆଜି ମାର୍ଗ ଦର୍ଶନ ଦେଉଛି। ଯାବତ୍ ଚନ୍ଦ୍ରାର୍କ ଗାନ୍ଧୀ ବିଚାର ପ୍ରାସଙ୍ଗିକ ହୋଇ ରହିଥିବ ବୋଲି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନରେ ମହାତ୍ମା ଙ୍କ ପ୍ରତିମୂର୍ତ୍ତି ଅନାବରଣ ରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।ଏହି ଅବସରରେ ବିଶିଷ୍ଟ ସାରସ୍ୱତ ସାଧକ ଡ ପୂର୍ଣ୍ଣ ଚନ୍ଦ୍ର ଦାଶ ଙ୍କ ଦୁଇଟି ପୁସ୍ତକ ଦେବଦୂତ ମହାତ୍ମାଗାନ୍ଧୀ ଓ କଳ୍ପତରୁ କଲ୍ଲୋଳ ଲୋକାର୍ପିତ ଅତିଥିମାନଙ୍କ ଦ୍ୱାରା ହୋଇଯାଇଛି। ଅନୁଷ୍ଠିତ ସଭାରେ ପ୍ରଥମରେ ଇନ୍ଦିରା ପ୍ରିୟ ଦର୍ଶନୀ ଗାନ୍ଧୀଙ୍କ ପ୍ରିୟ ଭଜନ ଓ ରାମ ଧୂନ୍ ଗାନ କରିଥିବାବେଳେ ଲେଖକ ଡ. ପୂର୍ଣ୍ଣ ଚନ୍ଦ୍ର ଦାଶ ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା ସମାଜସେବୀ ରାମଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନ୍ୟାୟାଧୀଶ ମନୋରଞ୍ଜନ ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଗାନ୍ଧୀ ବାଦୀ କୃଷ୍ଣା ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରଗତିବାଦୀ କାର୍ଯ୍ୟ ନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଓ ସମ୍ମାନୀତ ଅତିଥିଭାବେ ଡ ଦିବାକର ମାନସିଂହ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ ବେଣୁଧର ଦାସ, ସମାଜସେବୀ ଡ ବିଶ୍ୱଜିତ୍ ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ଲକ୍ଷ୍ମୀଧର ଶ୍ରୀଚନ୍ଦନ, ସାମ୍ବାଦିକ ଜଗନ୍ନାଥ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଗାନ୍ଧୀ ଙ୍କ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଗାନ୍ଧିବାଦୀ ମାନଙ୍କୁ ସମ୍ବର୍ଦ୍ଧନା ଓ ମାତୃଶକ୍ତି ମାନଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଡାକ୍ତର ଶୁଇନ୍ଦୁ କେଶରୀ ନାରାୟଣ ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗ ଆବାହକ ହିମାଂଶୁ ଭୁଷଣ ଚମ୍ପତିରାୟ, ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ, ବୈନେତେୟ ନାରାୟଣ ଦାଶ, ସୁରେଖା ଦାଶ, ବିନୋଦ କୁମାର ଶତପଥୀ, ଶୁଭମ ଚଣ୍ଡୀ ପ୍ରସାଦ ପଣ୍ଡା, ରମାକାନ୍ତ ଦାଶ ଓ ଅଭୟ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ମହିଳାଙ୍କ ବିରୋଧରେ ଅଭିଯୋଗ କଲେ ତହସିଲଦାର

ବାରଙ୍ଗ,(ସବ୍ୟୁ): ବାରଙ୍ଗ ତହସିଲ କାର୍ଯ୍ୟାଳୟ ଭିତରେ ସ୍ଥାନୀୟ ଅଂଚଳର ଦୁଇଜଣ ମହିଳା କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାର ବାରଙ୍ଗ ଥାନାରେ ତହସିଲଦାର ଅଭିଯୋଗ କରିଛନ୍ତି।ତହସିଲଦାର କରିଥିବା ଅଭିଯୋଗ ଅନୁଯାୟୀ ବେଲଗଛିଆ ପଞ୍ଚାୟତର ନରଣପୁର ଗ୍ରାମର ଚକ୍ରଧର ଦାସଙ୍କ ପତ୍ନୀ କବିତା ଓ ତାଙ୍କର ଝିଅ ମନିଷା ତାଙ୍କର ଜମିବାଡ଼ି ସଂକ୍ରାନ୍ତରେ ତହସିଲକୁ ବାରମ୍ବାର ଆସି କାର୍ଯ୍ୟରତ କର୍ମଚାରିମାନଙ୍କୁ କାମ କରିବାରେ ବାଧା ସୃଷ୍ଟି କରିଥାନ୍ତି ।ଚକ୍ରଧରଙ୍କ କିଛି ଜମି ତାଙ୍କର କେଉଁ ଠାରେ ଅଛି ତାହା ପ୍ରଶ୍ନ କରିଥାନ୍ତି। ପ୍ରାୟ ସମୟରେ ତହସିଲ କାର୍ଯ୍ୟାଳୟକୁ ଆସି ସନ୍ଧ୍ୟା ପର୍ଯ୍ୟନ୍ତ ବସି ରୁହନ୍ତି। ମଝିରେ ମଝିରେ ଅଧିକାରୀମାନଙ୍କୁ ଗାଳିଗୁଲଜ କରିବା ସହିତ ଅଶ୍ଳୀଳ ଭାଷା ବ୍ୟବହାର କରିଥାନ୍ତି। ଏଥିରେ ବିତୃଷ୍ଣା ହୋଇ ସୋମବାର ବାରଙ୍ଗ ତହସିଲଦାର ତୃଷାର ଜ୍ୟୋତି ରଞ୍ଜନ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବାରଙ୍ଗ ପୁଲିସ ୪୧୧/୨୪ କେସ ନମ୍ୱର ରେ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଧାନ ଫସଲ ନଷ୍ଟ କଲେ ହାତୀପଲ

ବାରଙ୍ଗ ,(ସବ୍ୟୁ) :ଚନ୍ଦକାଜଙ୍ଗଲରୁ ହାତୀ ପଲ୍ଲ ଆସି ରଘୁନାଥପୁର ଗ୍ରାମମୁଣ୍ଡ ସାଇମନ୍ଦିର ପାର୍ଶ୍ୱରେ ଥିବା ଚାଷଜମିରେ ପଶି ପ୍ରାୟ ୪ଏକରରୁ ଉର୍ଦ୍ଧ୍ୱ ଧାନଫସଲ ନଷ୍ଟ କରିଛନ୍ତି। ହାତୀପଲ୍ଲ ଙ୍କ ଦୌରାତ୍ମ୍ୟ ରେ ଚାଷୀ ଙ୍କ ମନରେ ଭାଲେଣି ପଡିଯାଇଛି। ରଘୁନାଥପୁର ଗ୍ରାମର ଚନ୍ଦନରାଉତ, ବିଭୂତି ଭୂଷଣ ଜେନା,ଭାସ୍କର ଜେନା,ବଟ ନାୟକ,ଜଳନ୍ଧର ନାୟକ ,ଝରେନ୍ଦ୍ର ପ୍ରଧାନ ଆଦି ଚାଷୀମାନେ ପ୍ରାୟ ୧୫ଏକରରୁ ଉର୍ଦ୍ଧ୍ୱ ଚାଷଜମିରେ କଳାଚମ୍ପା, ସ୍ୱର୍ଣ୍ଣ,୧୦୧୮ କିସମର ଶାରଦ ଧାନ ଫସଲ କରିଛନ୍ତି। ଏବେ ଧାନର ଡେମ୍ଫ ବାହାରୁ ଥିବାବେଳେ ରବିବାର ବିଳମ୍ବିତରାତିରେ ୧୦ଟିକିଆ ହାତୀପଲ ଆସି ଚାଷ ଜମିରେ ପଶି ଦଳି ମକଚି ଧାନ ଫସଲକୁ ନଷ୍ଟ କରିଦେଇଛନ୍ତି।ଚାଷୀମାନେ ଚାଷଜମିକୁ ଜଗିଥିବା ବେଳେ ରାତି ୧୦ଟା ପରେ ଘରକୁ ଆସିଥିଲେ।ବିଳମ୍ବିତ ରାତିରେ ଚନ୍ଦକା ଜଙ୍ଗଲରୁ ବାହାରି ୧୦ଟିକିଆ ହାତୀପଲ ଆସି ଚାଷଜମିରେ ପଶି ପ୍ରାୟ ୩ଏକରରୁ ଉର୍ଦ୍ଧ୍ୱ ଧାନ ଫସଲକୁ ଦଳିଚକଟି ନଷ୍ଟ କରିଦେଇଥିଲେ। ବଡ଼ିଭୋର୍ ସମୟରେ ଚାଷୀମାନେ ବିଲକୁ ଯିବାପରେ ହାତୀପଲ୍ଲ ବିଲ ମଧ୍ୟରୁ ଫେରୁଥିବାର ଦେଖିବାକୁ ପାଇଥିଲେ। ଅନ୍ୟ ପଟେ ଯାହାକିଛି ଅଛି ଧାନ ପାଚିଲେ ହାତୀପଲ୍ଲ ପୁନର୍ବାର ଆସିବାର ସମ୍ଭାବନା ଥିବାରୁ ଚାଷୀମାନଙ୍କ ଆଶଙ୍କା ବଢ଼ିଯାଇଛି। ବନବିଭାଗ ତୁରନ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦେବାକୁ ଚନ୍ଦନ ରାଉତଙ୍କ ସମେତ ଚାଷୀମାନେ ଦାବି କରିଛନ୍ତି।

# ଜାତୀୟ ସନ୍ତରଣରେ ଦଧୀଚି ଶିକ୍ଷାନୁଷ୍ଠାନର ଦୁଇଛାତ୍ର ଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ

କଣ୍ଟାପଡା,(ସବ୍ୟୁ):କଟକ ଜିଲା ସୁନ୍ଦରଗ୍ରାମସ୍ଥିତ ଦଧୀଚି ଶିକ୍ଷାନୁଷ୍ଠାନର ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ସବୁଠି ପ୍ରଶଂସା ପାଇଛି । ଶିକ୍ଷାଠାରୁ ନେଇ ବୈଦ୍ଧିକ ବିକାଶ ସବୁଥିରେ ଦଧୀଚି ଶିକ୍ଷାନୁଷ୍ଠାନ ନିଜର ସଫଳତା ଦେଖାଇଛି । ଆଗରୁ ଅନେକ କ୍ଷେତ୍ରରେ ପୁରସ୍କାଓ ପ୍ରତିଷ୍ଠା ପାଇଥିବା ଏହି ଶିକ୍ଷାନୁଷ୍ଠାନ ୨୦୨୪ ମସିହା ଅକ୍ଟୋବର ମାସରେ ସିବିଏସି ବୋର୍ଡ ତରଫରୁ ଆୟୋଜିତ ଜାତୀୟ ସନ୍ତରଣ ପ୍ରତିଯୋଗୀତାରେ ସ୍ୱର୍ଣ୍ଣ ପଦକ ସହ ଅଶେଷ ସଫଳତା ଅର୍ଜନ କରିଛି । ସପ୍ତମଶ୍ରେଣୀର ଛାତ୍ରୀ ଭୌମିକ ଧାନଭି ଏବଂ ନବମ ଶ୍ରେଣୀର ଛାତ୍ର ସପ୍ତକ ମଣ୍ଡଳ ଏଥିରେ କୃତକାର୍ଯ୍ୟ ହୋଇଛନ୍ତି ।ନିଜର ପ୍ରଚେଷ୍ଟା ଏବଂ ଅଧ୍ୟବସାୟ ବଳରେ ଏବଂ ନିଜର ପ୍ରଶିକ୍ଷକଙ୍କ ପ୍ରେରଣାରେ ସେମାନେ ଏହି ସଫଳତା ଅର୍ଜନ କରିଥିବା କହିଛନ୍ତି ।ଏହି ଅବସରରେ ଦଧୀଚି ସମୂହ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡଃ ମନୋଜ କୁମାର ଦାଶ ଓ ମ୍ୟାନେଜିଙ୍ଗ ଟ୍ରଷ୍ଟି ବବିତା ଦାଶ ଏହି ସଫଳତା ପାଇଁ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଦଧୀଚି ଶିକ୍ଷାନୁଷ୍ଠାନରେ ଏକ ସଭା ଆୟୋଜନ କରିଥିଲେ । ଉକ୍ତ ସଭାରେ ପୁରସ୍କୃତ ଛାତ୍ରଛାତ୍ରୀମାନଙ୍କ ସହିତ ସେମାନଙ୍କର ଅଭିଭାବକଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଆରିୟନ ପଲିଟେକ୍ନିକ୍ ଇଂ ଅଭିମନ୍ୟୁ ଜେନା, ଦଧୀଚି ଫାର୍ମାସୀ କଲେଜର ଅଧ୍ୟକ୍ଷ ଡଃ ରଜତ କୁମାର କର, ପ୍ରଶାସନିକ ନିର୍ଦ୍ଦେଶକ ସୀମାଞ୍ଚଳ ପଣ୍ଡା, ଅର୍ଥନିର୍ଦ୍ଦେଶକ ବାସୁଦେବ ବିଶ୍ୱାଳ, ଶିକ୍ଷା ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ପଟ୍ଟନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ ପାଢୀ, ଆଇଟିଆଇ ଅଧକ୍ଷା ନିବେଦିତା ଦାସ,ଅଧକ୍ଷ ଦଧୀଚି ପବ୍ଲିକ ସ୍କୁଲ କାର୍ତିକ ଚନ୍ଦ୍ର ପୃଷ୍ଟି, ଏକାଡେମିକ ସଂଯୋଜକ ସୁନନ୍ଦିନି ସାହୁ, , ଏକାଡେମିଆ ମୁଖ୍ୟ ଅତୁଲ କୁମାର ରାୟ, ଉପାଧ୍ୟକ୍ଷ ଇନ୍ଦିରା ଦାସ, ଦଧୀଚି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ଭଞ୍ଜ , ଅନୁଷ୍ଠାନର ତାଲିମ ଓ ନିଯୁକ୍ତି ବିଭାଗର ଅଧିକାରୀ ହରେକୃଷ୍ଣ ପଟ୍ଟନାୟକ ଉପସ୍ଥିତ ରହି ଶିକ୍ଷାନୁଷ୍ଠାନ ଆଗକୁ କିପରି ଆହୁରିନାମ କରିବ ସେ ବିଷୟରେ ଆଲୋଚନା କରିଥିଲେ ।



(ଶ୍ରୀମଦ୍ଭଗବଦ୍ ଗୀତା ୧୦/୩୦)
-ବିଭୂତିଯୋଗଃ-
( ଶ୍ରୀଭଗବାନୁବାଚ )

ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍ ।
ମୃଗାଣାଂ ଚ ମୃଗେନ୍ଦ୍ରୋହଂ ବୈନତେୟଶ୍ଚ ପକ୍ଷିଣାମ୍ ॥୩୦॥
ମୁଁ ଦୈତ୍ୟମାନଙ୍କ ମଧ୍ୟରେ ପ୍ରହ୍ଲାଦ, ବଶୀକରଣକାରୀମାନଙ୍କ ମଧ୍ୟରେ କାଳ, ପଶୁମାନଙ୍କ ମଧ୍ୟରେ ସିଂହ, ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼ ଅଟେ ॥୩୦॥

# ବ୍ରିକ୍ସ କୂଟନୀତି

## ସମ୍ପାଦକୀୟ

ଆମେରିକା ଓ ରୁଷିଆ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧର ଅବସାନ ହେବ ନା ନାହିଁ, ତାହା ସବୁବେଳେ ଏକ ବିରାଟ ପ୍ରଶ୍ନ ହେଇ ରହିଆସିଛି । ଉଭୟ ଦେଶ ନିଜ ସପକ୍ଷରେ ବଳ ଗୋଟାଇବାରେ ଲାଗିଛନ୍ତି । ନିଜ ସପକ୍ଷରେ ଅନ୍ୟାନ୍ୟ ଦେଶର ସମର୍ଥନ ଯୋଗାଡ କରିବା ପାଇଁ ଉଭୟ ଦେଶ ମଧ୍ୟରେ ପ୍ରତିଯୋଗିତା ବଢ଼ିବାରେ ଲାଗିଛି । କାଜାନରେ ଅନୁଷ୍ଠିତ ହେଇଯାଇଥିବା ୧୬ ତମ ବ୍ରିକ୍ସ ସମ୍ମିଳନୀ ଏହି ପ୍ରତିଯୋଗିତାର ଏକ ଜ୍ୱଳନ୍ତ ଉଦାହରଣ । ୨୦୨୨ ମସିହାରେ ୟୁକ୍ରେନ-ରୁଷିଆ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ରୁଷିଆରେ ସବୁଠାରୁ ବଡ ସମ୍ମିଳନୀ ଥିଲା । ନିଜର ପତିଆରା ପ୍ରମାଣ କରିବା ପାଇଁ ରୁଷିଆ ପାଇଁ ଏହା ଏକ ସୁଯୋଗ ସୃଷ୍ଟି କରିଥିଲା ଏବଂ ରୁଷିଆ ଏହାର ସଦୁପଯୋଗ କରିପାରିଛି । ରୁଷିଆ ଅଧ୍ୟକ୍ଷତାରେ ହେଉଥିବା ଏହି ସମ୍ମିଳନୀରେ, ମୂଳ ସଦସ୍ୟ ବ୍ରାଜିଲ, ରୁଷିଆ, ଭାରତ, ଚୀନ୍, ଏବଂ ଦକ୍ଷିଣ ଆଫ୍ରିକା ସହ ଇଜିପ୍ଟ, ଇଥିଓପିଆ, ଇରାନ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ତୁର୍କୀ ରାଷ୍ଟ୍ରପତି ରିସେପ୍ ତାଇପ ଏରଡୋଗାନ ମଧ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ବ୍ରିକ୍ସ ସହଭାଗୀ ଦେଶ ଭାବରେ ଗ୍ଲୋବାଲ ସାଉଥ୍‌ର ପ୍ରାୟ ୩୦ ଜଣ ନେତା ଏକ ସ୍ୱତନ୍ତ୍ର ବ୍ରିକ୍ସ ସମ୍ମିଳନୀରେ ଯୋଗ ଦେଇଥିଲେ । ଏହି ସମ୍ମିଳନୀରେ ଏସିଆ, ଆଫ୍ରିକା, ମଧ୍ୟ ପୂର୍ବ ଏବଂ ଲାଟିନ୍ ଆମେରିକାର ନେତା ତଥା ଅନେକ ଆନ୍ତର୍ଜାତୀୟ ସଂଗଠନର ପ୍ରତିନିଧି ଯୋଗ ଦେଇଥିଲେ । ଏତେ ଦେଶ ଯୋଗ ଦେବା, ରୁଷିଆ ପାଇଁ ଏହା ଏକ କୂଟନୈତିକ ବିଜୟ ନିଶ୍ଚୟ । ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ପରେ, ରୁଷିଆ ଠାରୁ ବହୁ ଦେଶ ଦୂରେଇ ଯିବେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା । ପୁଟିନ ତାହାକୁ ଭୁଲ ପ୍ରମାଣିତ କରିଛନ୍ତି । ପାଶ୍ଚାତ୍ୟ ଦେଶଗୁଡିକର ମିଳିତ ପ୍ରୟାସ ସତ୍ତ୍ୱେ ରୁଷିଆ ନିଜର ଗୁରୁତ୍ୱ ବଜାଇ ରଖିପାରିଛି । ଏହି ସମ୍ମିଳନୀରେ ଏତେ ଦେଶ ଭାଗ ନେବା, ରୁଷିଆର ଆତ୍ମବିଶ୍ୱାସ ବଢାଇବାରେ ସାହାଯ୍ୟ କରିଛି ଯାହା ଆମେରିକା ପାଇଁ ସହଜବୋଧ ହେଇ ନ ପାରେ । କାରଣ, ବିଶ୍ୱ ରାଜନୀତି ଓ ଅର୍ଥନୀତିରେ ଏହି ସଂଗଠନର ଗୁରୁତ୍ୱ ବୃଦ୍ଧି ପାଇବାରେ ଲାଗିଛି । ପାଶ୍ଚାତ୍ୟର ଅର୍ଥନୈତିକ ଏବଂ ରାଜନୈତିକ ଏକଚାଟିଆ ଆଭିମୁଖ୍ୟକୁ ଚ୍ୟାଲେଞ୍ଜ କରିବା ଏହି ମିଳିତ ମଞ୍ଚର ଉଦ୍ଦେଶ୍ୟ । ଏହାରି ମାଧ୍ୟମରେ ପାଶ୍ଚାତ୍ୟ ପ୍ରଭାବରୁ ମୁକ୍ତ ହେଇ ନିଜର ରାଜନୈତିକ ଓ ଅର୍ଥନୈତିକ ସ୍ୱାତନ୍ତ୍ର୍ୟତା ବଜାଇ ରଖିବାକୁ କେତେକ ଦେଶ ହୁଏତ ଇଛା ପ୍ରକାଶ କରିଛନ୍ତି, କିନ୍ତୁ ଏହା ବାସ୍ତବରେ ଏତେ ଶୀଘ୍ର ସମ୍ଭବ ହେଇ ନ ପାରେ । ତେବେ ରୁଷିଆ ଏହି ସମ୍ମିଳନୀ ମାଧ୍ୟମରେ, ପରୋକ୍ଷରେ ନୂଆ ଏକ ବିଶ୍ୱ ବ୍ୟବସ୍ଥା ତିଆରି କରିବା ଉପରେ ପ୍ରୟାସ ଆରମ୍ଭ କରିଛି ବୋଲି କୁହାଯାଇପାରେ । ଏକ ନୂତନ ପେମେଣ୍ଟ ସିଷ୍ଟମ ସୃଷ୍ଟି ପାଇଁ ରୁଷିଆ ବିଶେଷ ଭାବରେ ଦାବି କରିଛି ଯାହା ବିଶ୍ୱ ବ୍ୟାଙ୍କ ମେସେଜିଂ ନେଟୱାର୍କ SWIFT ପାଇଁ ଏକ ବିକଳ୍ପ ପ୍ରଦାନ କରିବ, ଯାହା ମସ୍କୋକୁ ପାଶ୍ଚାତ୍ୟ ପ୍ରତିବନ୍ଧକ ତଥା ଏହାର ଅଂଶୀଦାରମାନଙ୍କ ସହ ବାଣିଜ୍ୟ କରିବାକୁ ସକ୍ଷମ କରିବ । ମିଳିତ ଘୋଷଣାନାମାରେ, ବେଆଇନ ପ୍ରତିବନ୍ଧକ ସମେତ କେତେକ ଏକପାଖିଆ ବାଧ୍ୟତାମୂଳକ ପଦକ୍ଷେପଗୁଡିକର କୁପ୍ରଭାବ ଉପରେ ଭାଗ ନେଇଥିବା ଦେଶ ସମୂହ ଚିନ୍ତା ପ୍ରକଟ କରିଛନ୍ତି ଏବଂ ବ୍ରିକ୍ସ ମଧ୍ୟରେ ଆର୍ଥିକ ସହଯୋଗ ବୃଦ୍ଧି ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ମୋଟାମୋଟି ଭାବରେ କହିବାକୁ ଗଲେ, ଏହି ସମ୍ମିଳନୀରେ ପାଶ୍ଚାତ୍ୟ ପ୍ରାଧାନ୍ୟ ପେମେଣ୍ଟ ସିଷ୍ଟମର ବିକଳ୍ପ ବିକାଶ, ଆଞ୍ଚଳିକ ବିବାଦର ସମାଧାନ ପାଇଁ ଉଦ୍ୟମ ଏବଂ ବ୍ରିକ୍ସ ଗୋଷ୍ଠୀର ସମ୍ପ୍ରସାରଣ ସମେତ ଆର୍ଥିକ ସହଯୋଗର ଗଭୀରତା ଉପରେ ଦେଶଗୁଡିକ ଅଧିକ ଧ୍ୟାନ ଦେଇଥିଲେ । ତେବେ ବିଶ୍ୱ ରାଜନୀତି ଦୃଷ୍ଟିରୁ ମଧ୍ୟ ଏହି ସମ୍ମିଳନୀ ଖୁବ୍ ମହତ୍ତ୍ୱପୂର୍ଣ୍ଣ । ସଂଗଠନର ବର୍ତ୍ତମାନର ଅଧ୍ୟକ୍ଷ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ଏହି ସମ୍ମିଳନୀ ମାଧ୍ୟମରେ ନିଜର ପ୍ରତିଛବିରେ ଉନ୍ନତି ଆଣିବାକୁ ଚେଷ୍ଟା କରିଛନ୍ତି । ପୁଟିନ କହିଛନ୍ତି ଯେ' ଏକ ନୂଆ ବହୁମୁଖୀ ବିଶ୍ୱ ତିଆରି ହେବାରେ ଲାଗିଛି । ଏହାର ଅର୍ଥ, ବିଶ୍ୱରେ ଏବେ ଏକାଧିକ କ୍ଷମତାକେନ୍ଦ୍ର ସୃଷ୍ଟି ହେବାରେ ଲାଗିଛି, ଯାହାଦ୍ୱାରା ବିଶ୍ୱ ରାଜନୀତି ଓ ଅର୍ଥନୀତିରେ ଏକ ବଡ ପରିବର୍ତ୍ତନ ହେବା ନେଇ ସମ୍ଭାବନା ସୃଷ୍ଟି ହେଇଛି । ପ୍ରକୃତରେ, କାଜାନରେ ହୋଇଥିବା ସମ୍ମିଳନୀରେ ରୁଷିଆର ବୈଦେଶିକ ନୀତି ଏଜେଣ୍ଡାର ମୁଖ୍ୟ ଉପାଦାନଗୁଡ଼ିକ ସ୍ଥାନିତ ହେଇଥିଲା । ଏହି ସମ୍ମିଳନୀ ମାଧ୍ୟମରେ ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପ୍ରମାଣ କରିଥିଲେ ଯେ' ୟୁକ୍ରେନ ଉପରେ ଆକ୍ରମଣ କରିବା ପରେ ମଧ, ଏହା ପ୍ରତି ପରୋକ୍ଷରେ ଅନେକ ଦେଶର ସମର୍ଥନ ଅଛି । ଏହି ସମ୍ମିଳନୀ ଏକ ଆନ୍ତ - ବ୍ୟାଙ୍କ ସହଯୋଗ ପ୍ରଣାଳୀ, ଶସ୍ୟ ବିନିମୟ କାର୍ଯ୍ୟକ୍ରମ, ସୀମାରେ ଦେୟ ବ୍ୟବସ୍ଥା ଓ ବୀମା କମ୍ପାନୀ ଏବଂ ବ୍ରିକ୍ସର ନୂଆ ଡେଭେଲପମେଣ୍ଟ ବ୍ୟାଙ୍କ ଗଠନ, ଅନ୍ତର୍ଜାତୀୟ ଶାସନ ବ୍ୟବସ୍ଥା ପାଇଁ ବିକଳ୍ପ ଖୋଜିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇଛି । ୧୬ ତମ ବ୍ରିକ୍ସ ସମ୍ମିଳନୀରେ ରୁଷିଆ ଏକ ପ୍ରତୀକାତ୍ମକ ବ୍ରିକ୍ସ ନୋଟକୁ ଉନ୍ମୋଚନ କରି ଆମେରିକାର ଡଲାରର ପ୍ରାଧାନ୍ୟକୁ ନେଇ ବିତର୍କ ସୃଷ୍ଟି କରିଥିଲା । ଡଲାରକୁ 'ଅସ୍ତ୍ର' ଭାବରେ ବ୍ୟବହାର କରାଯାଉଛି ବୋଲି କେତେକ ଦେଶ ପରୋକ୍ଷରେ କହିଥିଲେ । ଏହି ସମ୍ମିଳନୀରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରିକ୍ସ ଦେଶ ମଧ୍ୟରେ ଆର୍ଥିକ ଏକୀକରଣ ବୃଦ୍ଧି ନେଇ ପ୍ରୟାସକୁ ସ୍ୱାଗତ କରିଛନ୍ତି । ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ କରାଯିବା ସହ ସୀମା ବାହାରେ ଅର୍ଥନୈତିକ ସହଯୋଗକୁ ଦୃଢ କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି । ରାଜନୈତିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ, ଭାରତ ଏହି ସମ୍ମିଳନୀରେ ଏହାର ନିରପେକ୍ଷତା ନୀତି ବଜାଇ ରଖିବା ପାଇଁ ପ୍ରୟାସ କରିଛି । ବ୍ରିକ୍ସର ଭାରତ ହେଉଛି ଏକମାତ୍ର ସଦସ୍ୟ ଯିଏକି ଆମେରିକାର ନେତୃତ୍ୱାଧୀନ ସଂଗଠନ କ୍ୱାଡ୍ ଏବଂ ଇଣ୍ଡୋ-ପାସିଫିକ୍ ଇକୋନୋମିକ୍ ଫ୍ରେମୱାର୍କର ଏକ ଅଂଶ । ଉଭୟ କ୍ଷମତାଶାଳୀ ଦେଶ ମଧ୍ୟରେ ଆବଶ୍ୟକୀୟ ସନ୍ତୁଳନ ରଖିବାରେ ଭାରତ ପ୍ରୟାସ କରିଛି । ଏହି ସମ୍ମିଳନୀରେ ଚୀନ୍ ସହିତ ଭାରତର ଦ୍ୱିପାକ୍ଷିକ ବୈଠକ ଭାରତ ପାଇଁ ଆଉ ଏକ କୂଟନୈତିକ ମାଇଲଖୁଣ୍ଟ ବୋଲି କୁହାଯାଇପାରେ । ଚାରି ବର୍ଷ ପରେ, ଚୀନ୍ ପୂର୍ବ ଲଦାଖର ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ୍ (LAC) ସହିତ ବିବାଦୀୟ ସ୍ଥାନଗୁଡିକରେ ଏପ୍ରିଲ୍ ୨୦୨୦ ପୂର୍ବ ସ୍ଥିତିକୁ ଫେରିବାକୁ ରାଜି ହୋଇଛି । ତେଣୁ ଭାରତ ପାଇଁ ଏହି ସମ୍ମିଳନୀ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଥିଲା । ସେହିପରି ଇରାନ-ୟୁଏଇ ଏବଂ ଇଜିପ୍ଟ-ଇଥିଓପିଆ ମଧ୍ୟ ଦ୍ୱିପାକ୍ଷିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ସୁଯୋଗ ପାଇଥିଲେ, ଯାହା ହୁଏତ ଉଭୟ ଦେଶକୁ ନିକଟତର କରାଇବାରେ ସହାୟକ ହେବ ।

# ବିଷ୍ଣୁ ଅବତାର ଧନ୍ୱନ୍ତରୀ



ପ୍ରଫେସର ଡାକ୍ତର
ଉମେଶ ଚନ୍ଦ୍ର ପାତ୍ର

ଧନ୍ୱନ୍ତରୀଙ୍କୁ ହିନ୍ଦୁ ଧର୍ମରେ ଦେବବୈଦ୍ୟର ମାନ୍ୟତା ଦିଆଯାଇଛି । ମହାନ ଚିକିତ୍ସକ ଧନ୍ୱନ୍ତରୀ ଭଗବାନ ବିଷ୍ଣୁଙ୍କ ଅବତାର ଥିଲେ । ଦେବ ଏବଂ ଦାନବ ମିଶି ସମୁଦ୍ର ମନ୍ଥନ କରିବା ସମୟରେ କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଭଗବାନ ଧନ୍ୱନ୍ତରୀ ସମୁଦ୍ର ମନ୍ଥନରୁ ପ୍ରକଟ ହୋଇଥିଲେ । ପୌରାଣିକ ମାନ୍ୟତା ଅନୁଯାୟୀ, ଶରତ ପୂର୍ଣ୍ଣିମାରେ ଚନ୍ଦ୍ରଦେବ, କାର୍ତ୍ତିକ ଦ୍ୱାଦଶୀରେ କାମଧେନୁ, ତ୍ରୟୋଦଶୀରେ ଧନ୍ୱନ୍ତରୀ, ଚତୁର୍ଦ୍ଦଶୀରେ କାଳୀ ମାତା ଏବଂ ଅମାବାସ୍ୟାରେ ଭଗବତୀ ଲକ୍ଷ୍ମୀ ସାଗର ମନ୍ଥନରୁ ପ୍ରକଟ ହୋଇଥିଲେ । ଏହି କାରଣରୁ ଦୀପାବଳିର ଦୁଇ ଦିନ ପୂର୍ବରୁ ଧନ୍‌ତେରସ୍ ଦିନ ଭଗବାନ ଧନ୍ୱନ୍ତରୀଙ୍କ ଜୟନ୍ତୀ ପାଳନ କରାଯାଇଥାଏ । ଏହି ଦିନ ହିଁ ଭଗବାନ ଧନ୍ୱନ୍ତରୀ ଆୟୁର୍ବେଦର ସୃଷ୍ଟି କରିଥିବା ଜଣାଯାଏ ।

ଧନ୍ୱନ୍ତରୀ ଭଗବାନ ବିଷ୍ଣୁଙ୍କ ରୂପ ହୋଇଥିବାରୁ ତାଙ୍କର ଚାରି ବାହୁ ରହିଛି । ସେ ଦୁଇ ବାହୁରେ ଶଙ୍ଖ ଏବଂ ଚକ୍ର ଧାରଣ କରିଥାନ୍ତି । ଅନ୍ୟ ଦୁଇ ବାହୁରେ ଯଥାକ୍ରମେ ଔଷଧି ଏବଂ ଅମୃତ କଳସ ଧାରଣ କରିଥାନ୍ତି । ଧନ୍ୱନ୍ତରୀଙ୍କ ପ୍ରିୟ ଧାତୁ ହେଉଛି ପିତ୍ତଳ । ସେଥିପାଇଁ ଧନତେରସ ଦିନ ପିତ୍ତଳ ଧାତୁ କ୍ରୟ କରିବାର ପରମ୍ପରା ରହିଛି । ଧନ୍ୱନ୍ତରୀଙ୍କୁ ଆୟୁର୍ବେଦ ଚିକିତ୍ସାର ସ୍ରଷ୍ଟା ତଥା ଆରୋଗ୍ୟ ଦେବତା ରୂପେ ଉପାସନା କରାଯାଇଥାଏ । ସେ ହିଁ ଅମୃତମୟ ଔଷଧିର ଅନୁସନ୍ଧାନ କରିଥିଲେ । ଦ୍ୱାପର ଯୁଗରେ ଧନ୍ୱନ୍ତରୀ ପୁନଃ ଧରାପୃଷ୍ଠରେ ଜନ୍ମ ନେଇଥିଲେ । ତାଙ୍କରି ବଂଶରେ ଦିବୋଦାସ ଜନ୍ମ ନେଇଥିଲେ । ସେ କାଶୀ ଠାରେ ଶଲ୍ୟ ଚିକିତ୍ସା ନିମନ୍ତେ, ବିଶ୍ୱର ପ୍ରଥମ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଏହି ବିଶ୍ୱବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଥିଲେ ମହାନ ଆୟୁର୍ବେଦ ଚିକିତ୍ସକ ଶୁଶ୍ରୁତ । ଶୁଶ୍ରୁତ ଥିଲେ ଦିବୋଦାସଙ୍କର ଶିଷ୍ୟ ଏବଂ ଋଷି ବିଶ୍ୱାମିତ୍ରଙ୍କ ପୁତ୍ର । ସେ ଶୁଶ୍ରୁତ ସଂହିତାର ରଚନା କରିଥିଲେ । ଶୁଶ୍ରୁତଙ୍କୁ ବିଶ୍ୱର ପ୍ରଥମ ଶଲ୍ୟ ଚିକିତ୍ସକ କୁହାଯାଏ । ଦୀପାବଳି ପୂର୍ବରୁ କାର୍ତ୍ତିକ ତ୍ରୟୋଦଶୀ ତିଥିରେ ଧନତେରାସ ଦିନ ଭଗବାନ ଧନ୍ୱନ୍ତରୀଙ୍କୁ ପୂଜା କରିବା ଦ୍ୱାରା ଆୟୁ ତଥା ଆରୋଗ୍ୟ ପ୍ରାପ୍ତ ହୋଇଥାଏ । ଭଗବାନ ଶଙ୍କର ଯେତେବେଳେ ବିଷପାନ କରିଥିଲେ, ଧନ୍ୱନ୍ତରୀ ସେତେବେଳେ ଅମୃତ ପ୍ରଦାନ କରିଥିଲେ । ଏହି ଦୁଇ ଦେବତାଙ୍କ ଦ୍ୱାରା ପବିତ୍ର କାଶୀ ନଗରୀ କାଳଜୟୀ ହୋଇଥିଲା ।

ଭଗବାନ ଧନ୍ୱନ୍ତରୀ ସମସ୍ତ ରୋଗର ନିବାରଣ ତଥା ଚିକିତ୍ସା କରିପାରୁଥିଲେ । ସେ ଭରଦ୍ୱାଜଙ୍କ ଠାରୁ ଆୟୁର୍ବେଦ ଶିକ୍ଷା ଗ୍ରହଣ କରି ତାହାକୁ ଅଷ୍ଟାଙ୍ଗ ମାର୍ଗରେ ବିଭକ୍ତ କରିଥିଲେ । ଏହାପରେ ଏହି ବିଦ୍ୟା ସେ ନିଜ ଶିଷ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ବୈଦିକ କାଳରେ ଅଶ୍ୱିନୀ କୁମାରମାନଙ୍କୁ ଯେଉଁ ମହତ୍ତ୍ୱ ଏବଂ ସ୍ଥାନ ପ୍ରାପ୍ତ ହୋଇଥିଲା, ପୌରାଣିକ କାଳରେ ଧନ୍ୱନ୍ତରୀଙ୍କୁ ସେଭଳି ଗୁରୁତ୍ୱ ଦିଆଯାଇଥିଲା । ଅଶ୍ୱିନୀ କୁମାରଙ୍କ ହାତରେ ମଧୁ କଳସ ଥିଲା । ଭଗବାନ ଧନ୍ୱନ୍ତରୀଙ୍କ ହାତରେ ଅମୃତ କଳସ ରହିଥିଲା ।

ଭଗବାନ ବିଷ୍ଣୁ ସମଗ୍ର ସଂସାରର ପାଳନକର୍ତ୍ତା । ତାଙ୍କ ଅବତାର ହୋଇଥିବା କାରଣରୁ ଭଗବାନ ଧନ୍ୱନ୍ତରୀ ମାନବ ସମାଜକୁ ସମସ୍ତ ପ୍ରକାରର ରୋଗରୁ ମୁକ୍ତି ଦେଇଥାନ୍ତି । ଏହି କାରଣରୁ ସେ ବିଷ୍ଣୁଙ୍କ ଅଂଶ ରୂପରେ ପୂଜା ପାଉଛନ୍ତି । ବିଷ ବିଦ୍ୟା ସମ୍ବନ୍ଧରେ ମହାଭାରତରେ ତକ୍ଷକ ଏବଂ ମହର୍ଷି କଶ୍ୟପଙ୍କ ମଧ୍ୟରେ ଯେଉଁ ଆଲୋଚନା ରହିଛି, ଠିକ୍ ସେହିପରି ଆଲୋଚନା ଧନ୍ୱନ୍ତରୀ ଏବଂ ନାଗଦେବୀ ମନସାଙ୍କ ମଧ୍ୟରେ ହୋଇଥିବା ବ୍ରହ୍ମବୈବର୍ତ୍ତ ପୁରାଣରେ ଉଲ୍ଲେଖ ରହିଛି । ଧନ୍ୱନ୍ତରୀଙ୍କୁ ଗରୁଡ଼ଙ୍କ ଶିଷ୍ୟ ମଧ୍ୟ କୁହାଯାଏ । ଭଗବାନ ଧନ୍ୱନ୍ତରୀଙ୍କ ସାଧନା ନିମନ୍ତେ ସହଜ ମନ୍ତ୍ରଟି ହେଉଛି,

*'ଓଁ ଧନ୍ୱନ୍ତରୟେ ନମଃ'। ଏହା ବ୍ୟତୀତ 'ଓଁ ନମୋ ଭଗବତେ ମହାସୁଦର୍ଶନାୟ ବାସୁଦେବାୟ ଧନ୍ୱଂତରାୟେଃ' ।*
*'ଅମୃତ କଳସ ହସ୍ତାୟ ସର୍ବ ଭୟ ବିନାଶାୟ ସର୍ବରୋଗ ନିବାରଣାୟ, ତ୍ରିଲୋକପଥାୟ ତ୍ରିଲୋକନାଥାୟ ଶ୍ରୀମହାବିଷ୍ଣୁସ୍ୱରୂପ ଶ୍ରୀଧନ୍ୱନ୍ତରୀ ସ୍ୱରୂପ ଶ୍ରୀଶ୍ରୀଶ୍ରୀଔଷଧଚକ୍ର ନାରାୟଣାୟ ନମଃ।'*

ଅର୍ଥାତ୍ ହେ ପରମଭଗବାନ, ହେ ସୁଦର୍ଶନ ବାସୁଦେବ ଧନ୍ୱନ୍ତରୀ, ହେ ଅମୃତକଳସଧାରୀ, ସର୍ବ ଭୟନାଶକ, ସର୍ବରୋଗନାଶକ, ତିନିଲୋକର ସ୍ୱାମୀ, ତିନିଲୋକର ସଞ୍ଚାଳନକାରୀ, ହେ ବିଷ୍ଣୁ ସ୍ୱରୂପ ଧନ୍ୱନ୍ତରୀ, ଆପଣଙ୍କୁ ପ୍ରଣାମ । ଏହି ମନ୍ତ୍ର ଜପ କରି ଧନତେରସ୍ ଦିନ ଧନ୍ୱନ୍ତରୀଙ୍କୁ ଉପାସନା କରାଯାଇପାରିବ । ମହାଭାରତ ତଥା ପୁରାଣରେ ଭଗବାନ ବିଷ୍ଣୁ ଅଂଶ ରୂପରେ ଧନ୍ୱନ୍ତରୀଙ୍କ ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି । ତାଙ୍କର ଆବିର୍ଭାବ ସମୁଦ୍ର ମନ୍ଥନ ସମୟରେ ହୋଇଥିଲା । ସେ ଅମୃତ କଳସ ଧରି ପ୍ରକଟ ହେଲେ ଏବଂ ଭଗବାନ ବିଷ୍ଣୁଙ୍କୁ ନିବେଦନ କରି କହିଲେ ହେ, ପ୍ରଭୁ ଆପଣ କୌଣସି ଲୋକରେ ମୋର ସ୍ଥାନ ତଥା ଦେବ ଭାଗ ନିର୍ଦ୍ଧାରଣ କରନ୍ତୁ ।

ଏହାଶୁଣି ଭଗବାନ ବିଷ୍ଣୁ କହିଲେ, ଯଜ୍ଞ ଭାଗ ପୂର୍ବରୁ ଦେବଗଣ ପ୍ରାପ୍ତ କରିସାରିଛନ୍ତି । ତେଣୁ ଆପଣଙ୍କୁ କୌଣସି ଭାଗ ଦେବା ସମ୍ଭବପର ନୁହେଁ । ଦେବତାଙ୍କ ପରେ ପ୍ରକଟ ହୋଇଥିବାରୁ ଆପଣ ପୂର୍ଣ୍ଣ ଦେବତା ହୋଇପାରିବେ ନାହିଁ । ତେଣୁ ଦେବତ୍ୱ ପ୍ରାପ୍ତ କରିବାକୁ ହେଲେ ଆପଣଙ୍କୁ ପୁଣିଥରେ ମର୍ତ୍ତ୍ୟଲୋକରେ ଜନ୍ମ ନେବାକୁ ପଡ଼ିବ । ମର୍ତ୍ତ୍ୟମଣ୍ଡଳରେ ଜନ୍ମ ନେବା ପରେ ଆପଣ ସିଦ୍ଧି ପ୍ରାପ୍ତ କରିବେ ଏବଂ ତିନି ଲୋକରେ ପ୍ରସିଦ୍ଧି ଅର୍ଜନ କରିବେ । ଆପଣଙ୍କୁ ସେହି ଶରୀରରେ ଦେବତ୍ୱ ପ୍ରାପ୍ତ ହେବ । ବ୍ରାହ୍ମଣମାନେ ଭଗବାନଙ୍କ ରୂପରେ ଆପଣଙ୍କୁ ପୂଜା କରିବେ । ଆପଣ ଆୟୁର୍ବେଦର ଅଷ୍ଟାଙ୍ଗ ବିଭାଜନ କରିବେ । ଦ୍ୱାପର ଯୁଗରେ ଆପଣ ପୁଣି ଜନ୍ମ ନେବେ ଏଥିରେ କୌଣସି ସନ୍ଦେହ ନାହିଁ ।

ଭଗବାନ ବିଷ୍ଣୁଙ୍କ ଠାରୁ ବରଦାନ ଲାଭ କରିବା ପରେ ଭଗବାନ ଧନ୍ୱନ୍ତରୀ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ସମୟ ଆସିବାରୁ କାଶୀରାଜ ଧନ୍ୱ ପୁତ୍ର ପ୍ରାପ୍ତି ନିମନ୍ତେ କଠୋର ତପସ୍ୟା କଲେ । ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ ବିଷ୍ଣୁ ବରଦାନ ଦେଲେ । ଧନ୍ୱଙ୍କ ଦିବ୍ୟ ପୁତ୍ର ଧନ୍ୱନ୍ତରୀ ନାମରେ ପ୍ରସିଦ୍ଧ ହେଲେ । ଉଲ୍ଲେଖଯୋଗ୍ୟ ଯେ କାଶୀ ନଗରୀର ପ୍ରତିଷ୍ଠାତା କାଶଙ୍କ ପୁତ୍ର ଥିଲେ ଧନ୍ୱ । ଜନ୍ମ ନେବା ପରେ ଧନ୍ୱନ୍ତରୀ ଆୟୁର୍ବେଦ ଜ୍ଞାନ ଆହରଣ କରିବା ସହିତ ଏହାର ପ୍ରଚାର ପ୍ରସାର କରିଥିଲେ । ଆୟୁର୍ବେଦ ସମ୍ପର୍କରେ ଶୁଶ୍ରୁତ ଉଲ୍ଲେଖ କରିଛନ୍ତି ସୃଷ୍ଟିକର୍ତ୍ତା ବ୍ରହ୍ମା ପ୍ରଥମ ଥର ଏକ ଲକ୍ଷ ଶ୍ଳୋକ ରଚନା କରି ଆୟୁର୍ବେଦ ଶାସ୍ତ୍ର ରଚନା କରିଥିଲେ । ଏଥିରେ ସହସ୍ର ଅଧ୍ୟାୟ ଥିଲା । ଏହି ଶାସ୍ତ୍ରକୁ ପ୍ରଥମେ ପ୍ରଜାପତି ପାଠ କରିଥିଲେ । ଏହାପରେ ଅଶ୍ୱିନୀ କୁମାର ଏବଂ ଦେବରାଜ ଇନ୍ଦ୍ର ପାଠ କରିଥିଲେ । ତାଙ୍କଠାରୁ ଧନ୍ୱନ୍ତରୀ ଆୟୁର୍ବେଦ ପାଠ କରିଥିଲେ ।

ଭାବପ୍ରକାଶ ଗ୍ରନ୍ଥରେ ଉଲ୍ଲେଖ କରାଯାଇଛି ଯେ ଆତ୍ରେୟ ପ୍ରମୁଖ ମୁନିଗଣ ଇନ୍ଦ୍ରଙ୍କ ଠାରୁ ଆୟୁର୍ବେଦ ଜ୍ଞାନ ପ୍ରାପ୍ତ କରି ଅଗ୍ନିବେଶ ତଥା ଅନ୍ୟ ଶିଷ୍ୟମାନଙ୍କୁ ପ୍ରଦାନ କରିଥିଲେ । ଏହାପରେ ଅଗ୍ନିବେଶ ଏବଂ ଅନ୍ୟ ଶିଷ୍ୟମାନେ ରଚନା କରିଥିବା ଆୟୁର୍ବେଦ ଗ୍ରନ୍ଥରୁ ଗୁରୁତ୍ୱପୂର୍ଣ୍ଣ ଭାଗ ସଂକଳିତ କରି ଚରକ ମୁନି 'ଚରକ ସଂହିତା' ରଚନା କରିଥିଲେ ।

**ସହପ୍ରତିରତ୍ୱିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋ-୯୪୩୭୦୫୧୯୫୭**

# ଅତି ଉଚ୍ଚ ଶବ୍ଦ ବଢ଼ାଉଛି ହୃଦ୍‌ଘାତ

**ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୃତପିଣ୍ଡ ମଧ୍ୟ ଏହାର ପରୋକ୍ଷ ଶିକାର ହେଉଛି । ଘଣ୍ଟା ଘଣ୍ଟା ଧରି କାନରେ ମୋବାଇଲର ବ୍ୟବହାର, ଟିଭି ବା ଘରେ ଲଗାଯାଉଥିବା ମ୍ୟୁଜିକର ଉଚ୍ଚ ସଂଗୀତ ମଧ୍ୟ ହୃତ୍‌ପିଣ୍ଡ ପାଇଁ ବିପଦ ।**



ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ଆଲୋକ ଓ ଆନନ୍ଦର ମହାପାର୍ବଣ ହେଉଛି ଦୀପାବଳୀ । ଏହି ଆଲୋକର ପର୍ବ ଦୀପାବଳିକୁ ଆଉ ମାତ୍ର କେଇଟା ଦିନ ରହିଲା । ଦୀପାବଳି ଦିନ ପରିବେଶ ଆଲୋକିତ ହେବା ସହ ପ୍ରାୟତଃ ବିଭିନ୍ନ କିସମର ବାଣ ଫୁଟୁଥିବା ଦ୍ୱାରା, ପରିବେଶ ଅନେକାଂଶରେ ଶବ୍ଦାୟିତ ହୋଇଥାଏ । ତେବେ ଗଣମାଧ୍ୟମରୁ ପ୍ରକାଶିତ ଏକ ଖବର ଅନୁଯାୟୀ ମଧ୍ୟପ୍ରଦେଶର ଏକ ସହରରେ ଡିଜେର ବିକଟାଳ ଓ ଭୟାନକ ଉଚ୍ଚ ଶବ୍ଦ ପାଇଁ ଜନୈକ ନାବାଳକଙ୍କ ଅଭାବନୀୟ ମୃତ୍ୟୁ ହୋଇଯାଇଥିଲା । ସେହିପରି ଡିଜେର ବିକଟାଳ ତଥା ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟିକାରୀ ଶବ୍ଦ ପାଇଁ ଅନ୍ୟ କିଛି ଘଟଣା ମଧ୍ୟ ଆମ ନଜରକୁ ଆସିଥାଏ । ବର୍ତ୍ତମାନ ସମୟକୁ ଦେଖିଲେ ବିବାହ, ବ୍ରତ ହେଉ ବା କୌଣସି ପର୍ବପର୍ବାଣି, ସାମାଜିକ କାର୍ଯ୍ୟକ୍ରମ ହେଉ ବା ଭୋଜିଭାତ ସବୁଠି ଏହି ଅତି ଉଚ୍ଚ ଶବ୍ଦ ସୃଷ୍ଟିକାରୀ ଡିଜେ ମ୍ୟୁଜିକ ସିଷ୍ଟମ ପ୍ରାୟତଃ ଆଗୁଆ ଲୋଡ଼ା ପଡୁଛି । ତେବେ ଅନେକ ହୁଏତ ଜାଣି ନଥାନ୍ତି ଏହି ଅତ୍ୟାଧୁନିକ ଉଚ୍ଚ ଶବ୍ଦର ଡିଜେ ସିଷ୍ଟମରୁ ସୃଷ୍ଟି ହେଉଥିବା ଭୟଙ୍କର ଶବ୍ଦ ମଣିଷମାନଙ୍କ ପାଇଁ ଅନେକ ସମୟରେ ଅତ୍ୟନ୍ତ ବିପଜ୍ଜନକ ଓ ଘାତକ ସାବ୍ୟସ୍ତ ହେଉଛି । କିଛି ଦିନ ତଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ ବର୍ତ୍ତମାନର ଶବ୍ଦ ପ୍ରଦୂଷଣର କାରଣ ନିମିତ୍ତ ୨୦୩୦ ମସିହା ବେଳକୁ ୧୨ରୁ ୩୫ ବର୍ଷ ବୟସର ଏକ ବିଲିୟନରୁ ଅଧିକ ଲୋକ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ରହିଛି । ଏହି ରିପୋର୍ଟ ମଧ୍ୟ ଦର୍ଶାଇଛି ଯେ ୨୦୩୦ ଶେଷ ବେଳକୁ ୨୩ରୁ ୨୫ ମିଲିଅନ ଲୋକ କାଲ ହୋଇଯିବେ ।

ବିଶ୍ୱ ଶ୍ରବଣ ସ୍ୱାସ୍ଥ୍ୟ ଫାଉଣ୍ଡେସନର ତଥ୍ୟ ଅନୁଯାୟୀ ୭୦ ଡେସିବେଲରୁ ଅଧିକ ହୋଇଥିବା ଧ୍ୱନୀ ତରଙ୍ଗ ମଣିଷ ପାଇଁ ଘାତକ ଅଟେ । ତେଣୁ ସବୁବେଳେ ୭୦ ଡେସିବଲରୁ କମ୍ ଶବ୍ଦ ମଣିଷର କାନ ଓ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ହୃତପିଣ୍ଡ ପାଇଁ ନିରାପଦ । ଶବ୍ଦର ଧ୍ୱନୀ ତରଙ୍ଗର ସଂସ୍ପର୍ଶରେ ବାରମ୍ବାର ୭୦ ଡେସିବଲରୁ ଅଧିକ ଉଚ୍ଚ ସଂଗୀତର ଗର୍ଜନ ଅତ୍ୟନ୍ତ ବିପଦଜନକ । ତେବେ ଉଦ୍‌ବେଗଜନକ ଓ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଏହି ଡିଜେ ଶବ୍ଦ ସହ ମୋବାଇଲ ଫୋନରେ ବ୍ୟବହାର ହେଉଥିବା ଇୟର ଫୋନ ଓ ଇୟର ବର୍ଡ଼ ମଧ୍ୟ ପରୋକ୍ଷ ଭାବେ ହୃତପିଣ୍ଡ ପାଇଁ ଅତ୍ୟନ୍ତ ଘାତକ ପରିବେଶ ସୃଷ୍ଟି କରୁଛି । ଶରୀର ସଂରଚନା ଅନୁଯାୟୀ କାନ ଓ ହୃତପିଣ୍ଡ ଭିତରେ ସିଧା ସଳଖ ସଂଯୋଗ ରହିଛି । କାନ ଗ୍ରହଣ କରିପାରୁନଥିବା ଅର୍ଥାତ୍ ସହି ପାରୁନଥିବା ଏହି ଉଚ୍ଚ ଶବ୍ଦ ସ୍ନାୟୁ ମାଧ୍ୟମରେ ହୃତପିଣ୍ଡରେ ପହଞ୍ଚିଯାଏ । ଯାହାଦ୍ୱାରା ଯେତେବେଳେ ଏହି ଉଚ୍ଚ ଧ୍ୱନୀ କାନରେ ବାଜେ, ସେତେବେଳେ କାନ ଏହାକୁ ଧରି ରଖିବାକୁ ଏକ ପ୍ରକାର ଅକ୍ଷମ ହୋଇଥାଏ । ଫଳରେ ସ୍ନାୟବିକ ପ୍ରକ୍ରିୟାରେ ତାହା ହୃତପିଣ୍ଡରେ ପହଞ୍ଚେ ଓ ଏପରି ପରିସ୍ଥିତିରେ ହଠାତ୍ ହୃଦସ୍ପନ୍ଦନ ବଢ଼ିଯାଏ । ଏହି ପରିସ୍ଥିତିରେ କାନ ଶିରାରେ ଥିବା ରକ୍ତ ମୋଟା ହେବାକୁ ଲାଗେ ଯଦି ଏହା ଦୀର୍ଘ ସମୟ ଧରି ରହେ ତେବେ ହୃଦଘାତର କାରଣ ହୁଏ । ବର୍ତ୍ତମାନ ସମୟକୁ ଦେଖିଲେ ଜଳବାୟୁ ଓ ପାଣିପାଗର ଅସନ୍ତୁଳନ ମଧ୍ୟ ସ୍ୱାସ୍ଥ୍ୟ ଉପରେ ପଡୁଛି । ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୃତପିଣ୍ଡ ମଧ୍ୟ ଏହାର ପରୋକ୍ଷ ଶିକାର ହେଉଛି । ଘଣ୍ଟା ଘଣ୍ଟା ଧରି କାନରେ ମୋବାଇଲର ବ୍ୟବହାର, ଟିଭି ବା ଘରେ ଲଗାଯାଉଥିବା ମ୍ୟୁଜିକର ଉଚ୍ଚ ସଂଗୀତ ମଧ୍ୟ ହୃତ୍‌ପିଣ୍ଡ ପାଇଁ ବିପଦ । ବର୍ତ୍ତମାନ ସମୟରେ ଆମ ଆଖପାଖରେ ବାଜୁଥିବା, ଉଚ୍ଚ ସ୍ୱରର ଭୟାନକ ସଂଗୀତ ସବୁ ଅନେକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି, ଏହା ମଧ୍ୟ ପୂର୍ବରୁ ହୃଦରୋଗ ଥିବା କୌଣସି ସାମାନ୍ୟତମ ହୃଦ ସମସ୍ୟା ଥିବା ଲୋକମାନଙ୍କ ପାଇଁ ଅତ୍ୟନ୍ତ ବିପଦଜନକ ହୋଇପଡୁଛି । ଛୋଟ ପିଲା, ଗର୍ଭବତୀ ମହିଳା, ବୟସ୍କ ଲୋକ ଓ ଦୀର୍ଘ ଦିନ ଧରି କୌଣସି ଗୁରୁତର ରୋଗର ଶିକାର ହୋଇଥିବା ପୀଡ଼ିତମାନଙ୍କ ପାଇଁ ଏହା ତତ୍କାଳ ବିପଦକୁ ନିମନ୍ତ୍ରଣ କରିଥାଏ । ତେଣୁ ଅତ୍ୟୁଚ୍ଚ ସ୍ୱରରେ ସଙ୍ଗୀତ ବାଜୁଥିବା ସ୍ଥାନ ଠାରୁ ଆମମାନଙ୍କୁ ଯେକୌଣସି ପରିସ୍ଥିତିରେ ଦୂରେଇ ରହିବା ଭଲ ।

ଆପଣ କୌଣସି ପରିସ୍ଥିତିରେ ଯଦି କିଛି ସମୟ ପାଇଁ ଏହି ଉଚ୍ଚସ୍ୱରର ସଂଗୀତ ଶୁଣିଛନ୍ତି, ତେବେ ତୁରନ୍ତ ଏକ ନିକାଞ୍ଚନ ସ୍ଥାନକୁ ଯାଇ କିଛି ସମୟ ମୁକ୍ତ ପବନରେ ସମୟ ଅତିବାହିତ କରନ୍ତୁ । ଯୋଗ ପ୍ରାଣାୟମ ଆପଣଙ୍କ ହୃତପିଣ୍ଡ ପାଇଁ ଅତି ଭଲ । ସୁଷମ ଖାଦ୍ୟ, ସବୁଜ ପନିପରିବା, ନିରାମିଷ ଖାଦ୍ୟ ଓ ସମସ୍ତ ପ୍ରକାର ମାଦକ ଦ୍ରବ୍ୟ ଠାରୁ ଦୂରେଇ ରହି ଆପଣ ନିଜ ଶରୀରର ମୂଲ୍ୟବାନ ହୃତ୍‌ପିଣ୍ଡର ସୁରକ୍ଷା କରନ୍ତୁ । କାରଣ ହୃତ୍‌ପିଣ୍ଡର ପ୍ରତିଟି ସ୍ପନ୍ଦନ ଆମର ଜୀବନ ସ୍ପନ୍ଦନ ବୋଲି ଆମେ ଆଦୌ ଭୁଲି ଯିବା ନାହିଁ ।

**ସହଯୋଗୀ ପ୍ରଫେସର, ହୃଦ୍‌ରୋଗ ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,**
**କଟକ, ମୋ- ୯୪୩୭୨୭୭୮୬୪**

# ପରମାର୍ଥ

## ଅମୃତବାଣୀ

ପରମାର୍ଥ ହେଉଛି ଜୀବନର ଚରମ ଲକ୍ଷ୍ୟ ହାସଲ କରିବା । ପ୍ରାଚୀନ କାଳରେ ଯେଉଁମାନଙ୍କ ପାଇଁ... ପୃଥିବୀରେ ସତ୍ୟ ଯୁଗ ଥିଲା, ସେମାନଙ୍କୁ ପୃଥିବୀର ଦେବତା ବା ବ୍ରାହ୍ମଣ କୁହାଯାଉଥିଲା । ଏହି ବ୍ରାହ୍ମଣମାନେ ଆକାଶରୁ ଆସି ନଥିଲେ, କିନ୍ତୁ ଏହା ପଛରେ ଥିଲା ସେମାନଙ୍କର ଶ୍ରେଷ୍ଠ ଜୀବନଶୈଳୀ ଜୀବନଚର୍ଯ୍ୟା । ସେମାନଙ୍କର ଶ୍ରେଷ୍ଠତାର ମୂଳ ଆଧାର ଥିଲା- ପରମାର୍ଥ । ସେମାନେ ନିଜକୁ ସମର୍ପିତ କରିଥିଲେ ସମାଜ ପାଇଁ । ପରମାର୍ଥ କ'ଣ ? ଆମର ମୋଟା ବୁଦ୍ଧିରେ ଦାନକୁ ପରମାର୍ଥ ବୋଲି ବିବେଚନା କରୁ ।

ସାଧାରଣ ଲୋକ ତ ଦାନକୁ ସିଧାସଳଖ ଧନ ଦାନ ବୋଲି ବିବେଚନା କରନ୍ତି । ଶାସ୍ତ୍ରରେ ଦାନର ପ୍ରଶଂସା କରାଯାଇଛି । ଦାନକୁ ଉଚ୍ଚକୋଟୀର ପୁଣ୍ୟ ବା ପରମାର୍ଥ ବୋଲି କୁହାଯାଏ । ବ୍ୟକ୍ତିଗତ ସ୍ୱାର୍ଥ, ମୁକ୍ତି ପାଇବା, ମୋକ୍ଷ ଲାଭ କରିବା, ସଫଳତା ଲାଭ କରିବା ଇତ୍ୟାଦି ଉଦ୍ଦେଶ୍ୟରେ ଦିଆଯାଉଥିବା ଦାନ ପ୍ରକୃତ ପରମାର୍ଥ ନୁହେଁ । ବାସ୍ତବରେ ଜଲାରାମଙ୍କ ଭଳି ଦାନୀ ଉଚିତ । ଜଲାରାମ ନିଜେ ଚାଷ କରୁଥିଲେ । ସେହି ରୋଜଗାରରୁ ତାଙ୍କର ପତ୍ନୀ ଖାଦ୍ୟ ପ୍ରସ୍ତୁତ କରି ଅସହାୟମାନଙ୍କୁ ଖାଇବାକୁ ଦେଉଥିଲେ । ଜଲାରାମ ଚାଷ କରିବା ସମୟରେ ଏବଂ ତାଙ୍କ ପତ୍ନୀ ଭୋଜନ ପ୍ରସ୍ତୁତି କରିବା ସମୟରେ ମନରେ ଦାନ କରିବାର ଭାବ ରଖୁଥିଲେ ।

ଏହି ଉଦାହରଣ ଅନୁକରଣ ଯୋଗ୍ୟ । ଏହା ଜରୁରୀ ନୁହେଁ ଯେ ଟଙ୍କା ହିଁ ଦାନର ଆଧାର ହେବା ଉଚିତ । ଏପରି ଅଗଣିତ ଲୋକ ଅଛନ୍ତି, ଯେଉଁମାନେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି । ସଞ୍ଚୟ କରିବା ପାଇଁ ସେମାନଙ୍କର ସୁଯୋଗ ନାହିଁ, ଯାହାକୁ ସେ ଦାନ କରିପାରିବେ ।



ପ୍ରାଚୀନ କାଳରେ ସାଧୁ ଓ ବ୍ରାହ୍ମଣମାନେ ମଧ୍ୟ ସମାନ କାମ କରୁଥିଲେ । ଅପରିଗ୍ରହୀ ଅର୍ଥାତ୍ ଲୋଭ କରି ସଞ୍ଚୟ କରିବା ବା ଅଧିକ ଅର୍ଥ ସଂଗ୍ରହ କରିବା ସେମାନଙ୍କର ଉଦ୍ଦେଶ୍ୟ ନଥିଲା, ତେଣୁ ସେମାନେ ସର୍ବଦା ପରୋପକାରୀ ଓ ଉଦାରମନା ଥିଲେ ।

ସେମାନେ ସର୍ବଦା ନିଜର ସମୟ, ପରିଶ୍ରମ ଓ ଜ୍ଞାନ ଅନ୍ୟମାନଙ୍କୁ ଦେଉଥିଲେ । କିଛି ଲୋକ ଭାବନ୍ତି, ପରିଶ୍ରମ କରି, ଠକି ଭଣ୍ଡି ରୋଜଗାର କରିଥିବା ଅର୍ଥ ଦାନ କରିଦେଲେ, ପାପରୁ ମୁକ୍ତି ମିଳିବ । ଏପଟେ ସେମାନଙ୍କର ଧନ ଉପରେ ତିକ୍ଷ୍ଣ ନଜର ଥାଏ, ଦାନ ଗ୍ରହଣକାରୀ ଏଥର ଯାହା ଚାହିଁବ ତାହା କରିପାରିବ । ଦାନ ଦେବାପରେ ତୁମର ସେଥିରେ ସତ୍ତ୍ୱ ରହିବା ଉଚିତ ନୁହେଁ । ନଚେତ୍ ଦାନ ଦେବାର କୌଣସି ମୂଲ୍ୟ ନାହିଁ । ଆମେ ଦାନ ଦେବା ପାଇଁ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବା ଦରକାର । ତାର ହୃଦୟକୁ ଭଲ ଭାବରେ ପରଖିବା ଦରକାର । ସର୍ବଦା ସୁପାତ୍ର ଖୋଜି... ଯିଏ ଅର୍ଥ, ସମୟ, ପ୍ରତିଭା ଓ ପରିଶ୍ରମକୁ ଯୋଗ୍ୟ ବିଚାର କରୁଥିବ ସେଭଳି ବ୍ୟକ୍ତିଙ୍କୁ ଦାନ ଦେବା ଉଚିତ । ନଚେତ ଆମେ ସମାଜପାଇଁ ବହୁତ କ୍ଷତି କରୁଛୁ ବୋଲି ଭାବିବା ଉଚିତ ।

ଅଯଥା ଲୋକଙ୍କୁ ଦାନ ଦେଇ ଅଳସୁଆ ଓ ନିକମା କରୁଅଛେ । ପ୍ରକୃତ ଅର୍ଥ ହେଉଛି ଯୋଗ୍ୟ ବ୍ୟକ୍ତିଙ୍କୁ ଦିଆଯାଇଥିବା ଦାନ... ପ୍ରକୃତ ଦାନ ଓ ପୁଣ୍ୟ । ତାହା ହିଁ ହେଉଛି ପରମାର୍ଥ ।

**ଲଳିତ ମୋହନ ମିଶ୍ର,**
**ନୟାଗଡ଼, ମୋ-୯୪୩୭୯୮୫୮୬୬**

# ଉତ୍କର୍ଷର ଶ୍ରେଷ୍ଠତାରେ ଇଣ୍ଟରନେଟ

ପ୍ରତିବର୍ଷ ଅକ୍ଟୋବର ୨୯ରେ ପାଳନ କରାଯାଉଛି ଇରନେଟ ଡେ । ଅତ୍ୟାଧୁନିକ ଡିଜିଟାଲ ଯୋଗାଯୋଗ ବ୍ୟବସ୍ଥାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିବା ଇଣ୍ଟରନେଟର ସୃଷ୍ଟି ୧୯୬୦ରେ ଯୁକ୍ତରାଷ୍ଟ୍ର ଆମେରିକାରେ ହୋଇଥିଲା । ୧୯୭୦ ପର୍ଯ୍ୟନ୍ତ ଏହା ଉପରେ ବହୁ ପୁଙ୍ଖାନୁପୁଙ୍ଖ ଗବେଷଣା ହୋଇଥିଲା । ଏବେ ସାରା ବିଶ୍ୱ ଇଣ୍ଟରନେଟ ସହ ଛନ୍ଦି ହୋଇଗଲାଣି । ଏ ପାଲଟିଯାଇଛି ଅତ୍ୟାଧୁନିକ ମଣିଷ ଜୀବନର ଏକ ଅପରିହାର୍ଯ୍ୟ ଆବଶ୍ୟକତା । ସାରା ବିଶ୍ୱରେ ୩୧୦ କୋଟି ମଣିଷ ଇଣ୍ଟରନେଟ ବ୍ୟବହାର କରୁଛନ୍ତି । ଅବଶିଷ୍ଟଙ୍କୁ ଏହି ସୁବିଧା ଯୋଗାଇବା ପାଇଁ ଉଦ୍ୟମ ଚାଲିଛି । ୨୦୨୫ ସୁଦ୍ଧା ବିଶ୍ୱରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ୫୫୦ କୋଟି ଟପିଯିବ ବୋଲି ଅନୁମାନ କରାଯାଉଛି । ଇଣ୍ଟରନେଟ ମାଧ୍ୟମରେ ମଣିଷ ପାଖରେ ପହଞ୍ଚୁଥିବା ୫୧ ପ୍ରତିଶତ ତଥ୍ୟ ନକଲି । ଏଥିରେ ଥିବା ମୋଟ ଫଟୋର ୮୦ ପ୍ରତିଶତ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ । ଏହା ମାଧ୍ୟମରେ ପ୍ରତି ଦିନ ୨୫୦୦୦ କୋଟି ଇମେଲ ପ୍ରେରିତ ହେଉଛି । ସଂପ୍ରତି ବିଶ୍ୱରେ ୱେବ୍‌ସାଇଟ ଏବେ ବି କାର୍ଯ୍ୟ କରୁଛି । ପ୍ରତି ଦିନ ୩୦ ହଜାରରୁ ଅଧିକ ୱେବ୍‌ସାଇଟ ହାକ୍ ହେଉଛି । ପ୍ରତି ଘଣ୍ଟାରେ ୫ ହଜାର ଡୋମେନର ନାମ ପଞ୍ଜିକୃତ ହେଉଛି ।

ଆଜିର ସମୟରେ ସମସ୍ତଙ୍କ ହାତରେ ଅତ୍ୟାଧୁନିକ ମୋବାଇଲ ଫୋନ ରହୁଥିବାବେଳେ ଇଣ୍ଟରନେଟ ଆଉ ପୂର୍ବପରି ଅସହଜ ବା ବିଳମ୍ବ ମଧ୍ୟ ହେଉନାହିଁ । କହିବାକୁଗଲେ ସମଗ୍ର ବିଶ୍ୱ ଏବେ ଆପଣଙ୍କ ହାତପାହାନ୍ତାରେ ଥିବା ଅତ୍ୟାଧୁନିକ ମୋବାଇଲ ଦ୍ୱାରା ଇଣ୍ଟରନେଟକୁ ଯୋଡୁଛି । ଓଡ଼ିଆରେ ଏକ କଥା ଅଛି ଢ଼ିଙ୍କିଶାଳ ଠାରୁ ଢ଼େଙ୍କାନାଳ, ଅର୍ଥାତ୍ ସବୁକିଛି ତଥ୍ୟ ଇଣ୍ଟନେଟରେ ଉପଲବ୍ଧ ହୋଇଥିବାରୁ ଏହା ମଧ୍ୟ ଜ୍ଞାନବିଜ୍ଞାନର କ୍ଷେତ୍ରକୁ ବଢ଼ାଉଛି । କୃଷି ଠାରୁ ମହାକାଶ ବିଜ୍ଞାନ, ସୃଜନଶୀଳତା ଠାରୁ ଚିକିତ୍ସା ସେବା, ଆଇନ ସେବା ଠାରୁ ରଙ୍ଗତୂଳୀର ଜୀବନର, ସାମ୍ବାଦିକତା ଠାରୁ ଜଙ୍ଗଲ ସେବା, ପ୍ରତିରକ୍ଷା ଠାରୁ ଶିଶୁଙ୍କ ଦୁନିଆ ସବୁକିଛି ଇଣ୍ଟରନେଟରେ ଉପଲବ୍ଧ ହେଉଛି । ତେବେ ଇଣ୍ଟରନେଟ ଡେରେ ଏକ ବଡ଼ ଆହ୍ୱାନକୁ ଆମେ ସମସ୍ତେ ଗ୍ରହଣ କରିବା, ତାହା ହେଉଛି ଆମେ କୌଣସି ପରିସ୍ଥିତିରେ ମଧ୍ୟ ଗୁଜବ ସୃଷ୍ଟିକାରୀ, ବିଭ୍ରାନ୍ତ ଦେଖାଉଥିବା ବା ଦେଶରେ ଅରାଜକତା ବା ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଥିବା ତଥ୍ୟ ଆମେ ଗ୍ରହଣ କରିବା ନାହିଁ କିମ୍ବା ଏହାକୁ କାହା ପାଖକୁ ପଠାଇବା ନାହିଁ । ଇଣ୍ଟରନେଟ ସମସ୍ତଙ୍କର ଜ୍ଞାନ ବିଜ୍ଞାନର ଉତ୍କର୍ଷତାକୁ ଆହୁରି ବଢ଼ାଉ ଏହା ହିଁ କାମନା ।

**ଅଲେଖ ଚନ୍ଦ୍ର ସାମଲ**
**ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର,**
**ଯାଜପୁର, ମୋ-୯୪୩୭୨୫୭୧୨୩**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ସ୍କିଲଡ଼-ଇନ୍-ଓଡିଶା ଯୁବକମାନଙ୍କ ସଫଳତାର ସମାରୋହ

# ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିବା ଆମ ସରକାରଙ୍କ ଲକ୍ଷ୍ୟ : ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡିଶାର ଶିଳ୍ପ ଶିକ୍ଷା ପ୍ରତିଷ୍ଠାନରୁ (ଆଇଟିଆଇ) ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ଆଜି କୌଶଳ ଦୀକ୍ଷାନ୍ତ ସମାରୋହ ଆୟୋଜିତ ହୋଇଯାଇଛି । ଏହି ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ ଆମ ସ୍କିଲ୍ ଇନ୍ ଓଡ଼ିଶା ଯୁବଶକ୍ତି ତାଙ୍କର କଠିନ ପରିଶ୍ରମ, ସଂକଳ୍ପ ଏବଂ କୌଶଳ ଦ୍ୱାରା ରାଜ୍ୟର ସ୍ୱାଭିମାନକୁ ସ୍ଥାନୀୟ ଏବଂ ଦେଶୀୟ ସହିତ ଆନ୍ତର୍ଜାତିକ ମଞ୍ଚରେ ଉନ୍ନତ କରିବାରେ ସଫଳ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମ ସରକାର ରାଜ୍ୟରେ ଦକ୍ଷତା ବିକାଶର ପରିବେଶକୁ ଉତ୍ତମ କରିବା ପାଇଁ ପ୍ରତିବଦ୍ଧ । ଏହାକୁ ସ୍ଥାନୀୟ ଭାବରେ ପ୍ରାସଙ୍ଗିକ, ଶିଳ୍ପଚାଳିତ ଏବଂ ନିଯୁକ୍ତି ଉପରେ ଧ୍ୟାନ ଦେଇ ସ୍କିଲିଂର ଗୁଣରେ ଉନ୍ନତି ଆଣିବା ପାଇଁ ଆମେ କାର୍ଯ୍ୟ କରିବୁ । ବିକଶିତ ଭାରତ ୨୦୪୭ର ବୃହତ ଜାତୀୟ ଆକାଂକ୍ଷାକୁ ପ୍ରତିଫଳିତ କରି ବିକଶିତ ଓଡିଶା ୨୦୩୬ ଗଠନରେ ଦକ୍ଷତା ବିକାଶ ବିଭାଗ କଠିନ ପରିଶ୍ରମ କରିବ । ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀମତୀ ରଶ୍ମିତା ପଣ୍ଡା କହିଥିଲେ ଯେ ଏହା ସ୍କିଲ୍ ଇନ୍ ଓଡ଼ିଶା ଯୁବଶକ୍ତିଙ୍କ ଆତ୍ମନିର୍ଭର ଭାରତ ଏବଂ ଆତ୍ମନିର୍ଭର ଓଡିଶା ଗଠନ କରିବାର ଯାତ୍ରାର




ଆରମ୍ଭ । ଏହା ତାଙ୍କୁ ଭାରତର ଉନ୍ନତିରେ ମୁଖ୍ୟ ଭାବେ ଅବଦାନ କରିବାରେ ସାମର୍ଥ୍ୟଶାଳୀ କରିବ । କୁଶଳୀ ପ୍ରତିଭାଙ୍କୁ ସମ୍ମାନିତ କରିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣରୁ ଅନୁପ୍ରାଣିତ ଏହି କାର୍ଯ୍ୟକ୍ରମ ଭାରତର ଅଭିବୃଦ୍ଧିରେ ଦକ୍ଷତା ବିକାଶର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଲୋକିତ କରି ଏବଂ ଉଭୟ ଜାତୀୟ ତଥା ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ଓଡିଶାର ଯୁବଗୋଷ୍ଠୀ ସଫଳତାକୁ ଦୃଷ୍ଟାନ୍ତ କରିଛି । ଭାରତରେ ଚଳିତ ବର୍ଷ ଅଲ - ଇଣ୍ଡିଆ ଟ୍ରେଡ୍ ଟେଷ୍ଟ (ଏଆଇଟିଟି) ଆୟୋଜିତ କରାଯାଇଥିଲା ଯେଉଁଥିରେ ସାରା ଦେଶରୁ ୧୯ ଲକ୍ଷରୁ ଅଧିକ ଆଇ.ଟି.ଆଇ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଓଡିଶାରୁ ୮୦,୦୭୨ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ, ଯେଉଁଥିରୁ ୭୧,୭୦୨ ଜଣ ସଫଳ ହୋଇଥିଲେ । ଏହା ମୋଟ ହାରର ୯୦ ପ୍ରତିଶତ ଓ ଏଥି ମଧ୍ୟରୁ ୫ ଜଣ ଉଦୀୟମାନ ଛାତ୍ରଛାତ୍ରୀ (ଦୁଇ ଜଣ ସୁଦକ୍ଷା) ସଫଳତାର ସୂଚକ ହୋଇ ୨୬ ଅକ୍ଟୋବରରେ ଭାରତ ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ସ୍ୱେଶାଲ ଆଇଟିଆଇ ପାଇଁ ପିଡବ୍ଲ୍ୟୁଡି- କମ୍ପ୍ୟୁଟର ଅପରେଟର ଏବଂ ପ୍ରୋଗ୍ରାମିଂ ଅସିଷ୍ଟାଣ୍ଟ ପାଠ୍ୟକ୍ରମରେ ତୁଳସୀ ଦାସ, ୱେଲ୍ଡର ପାଠ୍ୟକ୍ରମରେ ସରକାରୀ ଆଇଟିଆଇ ପୁରୀର ଅନସୂୟା ପରିଡା ଓ ରାକେଶ ବେହେରା, ଇଲେକ୍ଟ୍ରିସିଆନ୍ ପାଠ୍ୟକ୍ରମରେ ସରକାରୀ ଆଇଟିଆଇ ପୁରୀର ଜିକିରିଆ ଖାନ, ମେକାନିକ୍ ମୋଟର ଭେହିକଲ୍ ପାଠ୍ୟକ୍ରମରେ ସରକାରୀ ଆଇଟିଆଇ, ଫୁଲବାଣୀର ଚନ୍ଦନ ପ୍ରଧାନଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅନ୍ୟ ୪୬ ଜାତୀୟ ଏବଂ ୬୮ ରାଜ୍ୟସ୍ତରୀୟ ଟପ୍ପରମାନଙ୍କୁ ମଧ୍ୟ ସମ୍ମାନିତ କରଯାଇଥିଲା । ଏହି ସମାରୋହରେ ଛାତ୍ରଛାତ୍ରୀମାନଙ୍କୁ ଜାତୀୟ କ୍ଷେତ୍ରରେ ଉତ୍କର୍ଷତା ଆଡକୁ ଆଗେଇ ନେଇଥିବା ବିଭିନ୍ନ ଅନୁଷ୍ଠାନ, ପ୍ରଧାନଶିକ୍ଷକ ଏବଂ ଅଧ୍ୟାପିକାମାନଙ୍କ ଅମୂଲ୍ୟ ଅବଦାନକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରଶଂସା କରିଥିଲେ । ସରକାରୀ ଆଇଟିଆଇ ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର ଏବଂ ତାକତପୁର ପରି ଅନୁଷ୍ଠାନମାନେ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ଦେଇଥିଲେ । ବାଲେଶ୍ୱର ଏବଂ ବ୍ରହ୍ମପୁରରୁ ୯ଟି, ଭୁବନେଶ୍ୱରରୁ ୮ଟି ଏବଂ ତାକତପୁରରୁ ୫ଟି ଟ୍ରେଡ଼ରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇ ରାଜ୍ୟରେ ଶ୍ରେଷ୍ଠତା ଦର୍ଶାଇଥିଲେ । ଶେଷରେ ଅତିରିକ୍ତ ଶାସନ ସଚିବ ଶ୍ରୀ ପିନାକୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖୋଲା ଆଲୋଚନା ଓ କଡ଼ାକଡ଼ି ନିୟମ ଦ୍ୱାରା

# ଶିଶୁ ଚାଲାଣକୁ ରୋକିବାରେ ସକ୍ଷମ ହେବା : ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ମହିଳା ଓ ଶିଶୁ ବିକାଶ ବିଭାଗ ଓ ଅନ୍ତରାଷ୍ଟ୍ରୀୟ ସଂସ୍ଥା ୟୁନିସେଫ୍‌ର ସହଭାଗିତାରେ ଆୟୋଜିତ ହୋଇଯାଇଛି ଶିଶୁ ଚାଲାଣକୁ ଦୂର କରିବା ନିମନ୍ତେ ଏକ ରାଜ୍ୟସ୍ତରୀୟ ପରାମର୍ଶ ବୈଠକ । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଶିଶୁ ଚାଲାଣ ଏକ ସମ୍ବେଦନଶୀଳ ପ୍ରସଙ୍ଗ । ରାଜ୍ୟ ସରକାର ଶିଶୁ ଓ




ମହିଳା ଚାଲାଣ ରୋକିବାର ସମସ୍ତ ଦିଗକୁ ପ୍ରାଥମିକତା ଦେଉଛନ୍ତି । ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ନିୟମକାନୁନକୁ କଡାକଡି କରିବା ସହ ଶିଶୁମାନଙ୍କର ଡିଜିଟାଲ ବ୍ୟବହାରକୁ ନିୟନ୍ତ୍ରଣ କରିବାର ସମୟ ଆସିଛି ବୋଲି ଶ୍ରୀମତୀ ପରିଡା ମତବ୍ୟକ୍ତ କରିଥିଲେ । ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଆମକୁ ଶିଶୁ ସୁରକ୍ଷା କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣି ଗାଁ ଗାଁରେ ସଚେତନତାର ବାର୍ତ୍ତା ଓ ହେଲପ୍ଲାଇନ ନମ୍ବରକୁ ସକ୍ରିୟ କରିବାର ପରାମର୍ଶ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା । ଏହି ଲଢେଇରେ ସରକାରଙ୍କ ତରଫରୁ ଜନସାଧାରଣଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ସହ ଶିଶୁ ଚାଲାଣକୁ ମୂଳପୋଛ କରିବା ପାଇଁ ମିଶନ ମୋଡ୍ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଲେ ଶ୍ରୀମତୀ ପରିଡା । ଏହି ପରିପ୍ରେକ୍ଷୀରେ ଆଜିର ଆଲୋଚନାରେ ନିଷ୍କର୍ଷ ସମସ୍ତ ପ୍ରସ୍ତାବ ଓ ମତାମତକୁ ସମ୍ମାନ ଦିଆଯିବା ସହ ସମ୍ଭାବ୍ୟ ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଲେ ଉପମୁଖ୍ୟମନ୍ତ୍ରୀ ।

ଶିଶୁ ଓ ମହିଳା ଚାଲାଣ ଭଳି ଜଘନ୍ୟ ଅପରାଧକୁ ରୋକିବା କ୍ଷେତ୍ରରେ ଆମ ସମସ୍ତଙ୍କୁ ସହଭାଗିତାରେ କାର୍ଯ୍ୟ କରିବାକୁ ପଡିବ ବୋଲି ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ମତପ୍ରକାଶ କରିଥିଲେ । ଶିଶୁ ଚାଲାଣ ରୋକିବା ପାଇଁ ବିଭାଗ ତରଫରୁ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ସେ ଦୃଢ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ୟୁନିସେଫର ରାଜ୍ୟ ମୁଖ୍ୟ ୱିଲିୟମ ହାନଲୋନ ଜୁନିଅର ଯୋଗ ଦେଇ ଶିଶୁ ଚାଲାଣ ରୋକିବା ନିମନ୍ତେ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ଏହି ଆଲୋଚନା ଚକ୍ରରେ ବିଭିନ୍ନ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷବୃନ୍ଦ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଗଣ, ଚାଇଲ ହେଲପ୍ଲାଇନ ନମ୍ବରର ପ୍ରୋଜେକ୍ଟ ସଂଯୋଜକଗଣ ଓ ଶିଶୁ ସୁରକ୍ଷା ସହ ଜଡ଼ିତ ରାଜ୍ୟର ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଆଦି ଅଂଶଗ୍ରହଣ କରିଥିଲେ । ଖଡଗପୁର ରେଲୱେ ସୁରକ୍ଷା ଅଧିକାରୀ ଓ ରାଜ୍ୟ ପୋଲିସ ଅଧିକାରୀମାନେ ମଧ୍ୟ ଏହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ବିଦେଶ ଗସ୍ତରେ ବାଚସ୍ପତି

# ସିଡନୀଠାରେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀରେ ଯୋଗଦେବେ

ଭୁବନେଶ୍ୱର (ସବ୍ୟୁ): ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀ ଅଷ୍ଟ୍ରେଲିଆର ସିଡନୀଠାରେ ନଭେମ୍ବର ୩ ରୁ ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଯୋଗ ଦେବାପାଇଁ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ବିଦେଶ ଗସ୍ତରେ ଯାଇଛନ୍ତି । ଏହି ୧୪ ଦିନିଆ ବିଦେଶ ଗସ୍ତ ପାଇଁ ବାଚସ୍ପତି ଆଜି ଭୁବନେଶ୍ୱରରୁ ଦିଲ୍ଲୀ ଗସ୍ତ କରିଥିବା ବେଳେ ଅକ୍ଟୋବର ୨୯ ତାରିଖରେ ଜାପାନର ଟୋକିଓ ଠାରେ ପହଞ୍ଚିବେ । ନଭେମ୍ବର ୧ ତାରିଖ ଦିନ ଦକ୍ଷିଣ କୋରିଆର ସିଓଲ ଠାରେ ଓ ନଭେମ୍ବର ୫ ତାରିଖ ଦିନ ଅଷ୍ଟ୍ରେଲିଆର ସିଡନୀ ଠାରେ ପହଞ୍ଚିବେ । ଗସ୍ତର ମୁଖ୍ୟ କାର୍ଯ୍ୟକ୍ରମରେ ସିଡନୀଠାରେ ନଭେମ୍ବର ୬ ତାରିଖ ଦିନ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀର ମୁଖ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସଂସଦୀୟ କାର୍ଯ୍ୟଧାରା ଓ ପରିଚାଳନାରେ କୃତ୍ରିମ ବୁଦ୍ଧିମତାର



ପ୍ରୟୋଗ, ସୁଯୋଗ ଓ ଆହ୍ୱାନ ଶୀର୍ଷକ ବିଷୟ ଉପରେ ନିଜର ମତ ଓ ବକ୍ତବ୍ୟ ଉପସ୍ଥାପନ କରିବେ । ଏହି ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ଦେଶର ବିଭିନ୍ନ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ବିଧାନସଭାର ବାଚସ୍ପତି/ ବିଧାନ ପରିଷଦର ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଧାନ ପରିଷଦର ସଭ୍ୟ/ସଭ୍ୟା ଏବଂ ଲୋକ ସଭା ଓ ରାଜ୍ୟସଭାର ସାଂସଦ ମଧ୍ୟ ଏହି ସମ୍ମିଳନୀରେ ଯୋଗ ଦେବେ । ଏହି ଅବସରରେ ବାଚସ୍ପତିଙ୍କ ସହ ବିଧାନସଭାର ସଚିବ ଶ୍ରୀ ଦାଶରଥି ଶତପଥୀ ମଧ୍ୟ ବିଦେଶ ଗସ୍ତରେ ଯାଇଛନ୍ତି ।

## ଇସ୍କନ ପକ୍ଷରୁ ପୁଣି ଅଦିନିଆ ରଥଯାତ୍ରା

# ପୁଣି ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଭାଙ୍ଗିବାକୁ ଅପଚେଷ୍ଟା

ଭୁବନେଶ୍ୱର (ସବ୍ୟୁ) : ଇସ୍କନ ପକ୍ଷରୁ ଆମେରିକାର ହଷ୍ଟନ ଟେକ୍ସସାସ ସହରରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ନଭେମ୍ବର ୩ରେ ଏବଂ ରଥ ଯାତ୍ରା ନଭେମ୍ବର ୯ କରାଯିବା ନିଷ୍ପତ୍ତି ଗ୍ରହଣ ଯୋଗ୍ୟ ନୁହେଁ, ପୂର୍ବରୁ ମଧ୍ୟ ଲୁଧିଆନ ଓ ଦିଲ୍ଲୀରେ ଅଦିନିଆ ରଥଯାତ୍ରା କରିବାକୁ ବାରମ୍ବାର ନିଷ୍ପତ୍ତିକୁ ଜଗନ୍ନାଥ ପ୍ରେମୀ ଭକ୍ତ ମାନେ ଘୋର ବିରୋଧ କରି ଥିଲେ ଗଜପତି ମହାରାଜ ଦିବ୍ୟସିଂହ ଦେବ ମଧ୍ୟ ପୂର୍ବରୁ ଏହି କାର୍ଯ୍ୟକ୍ରମକୁ ନିନ୍ଦା କରି ଏପରି ନ କରିବାକୁ ଇସ୍କନ କର୍ତ୍ତୃପକ୍ଷକୁ ଜଣାଇଥିଲେ । ବହୁତ ବାଦ ବିବାଦ ପରେ ୨୦୨୧ରେ ଇସ୍କନ ପକ୍ଷରୁ ଏକ ପ୍ରସ୍ତାବ ଗ୍ରହଣ କରାଯାଇ ଥିଲା ଯେ ପୁରୀ ଶ୍ରୀ ଜଗନ୍ନାଥଙ୍କ ସ୍ନାନ ଯାତ୍ରା ଜେଷ୍ଟ ପୂର୍ଣ୍ଣିମା ଓ ରଥଯାତ୍ରା ଆଶାଢ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ କରାଯାଉ ଥିବାରୁ ସେହି ସମୟରେ ରଥଯାତ୍ରା କରାଯିବ ଛ ଇସ୍କନ ଭୁବନେଶ୍ୱରର ପ୍ରେମାନନ୍ଦ ପ୍ରଭୁ ସମସ୍ତଙ୍କୁ ନିଶ୍ଚିତ କରି ଥିଲେ ଏହି ବିଷୟରେ ଉପର କର୍ତ୍ତୃପକ୍ଷକୁ ଜଣାଇବେ ଓ ରଥଯାତ୍ରା ଏକା ସମୟ ରେ କରାଯିବ ନିମନ୍ତେ ପାଳିତ ହୋଇ ଥିବା ପ୍ରସ୍ତାବ କୁ ଗ୍ରହଣ କରାଯିବ, ଶ୍ରୀ ଦେବେନ୍ଦ୍ର ପତି ପୂର୍ବତନ ସଭାପତି ଓଡିଶା କଲଚର ସେଣ୍ଟର ଆମେରିକା ହଷ୍ଟନ ପକ୍ଷରୁ ମଧ୍ୟ ଏହା କରିବା ଉଚିତ ନୁହେଁ ବୋଲି ମତ୍ତ ଦେଇଛନ୍ତି ଛ ୨୦୦୮ ମସିହାରୁ ଓଡିଶା କଲଚର ସେଣ୍ଟର ଅନୁଷ୍ଠାନ ଆମେରିକାର ହଷ୍ଟନ ସହରରେ ପୁରୀ ଶ୍ରୀମନ୍ଦିର ନୀତି ଓ ସମୟ ଅନୁସାରେ ରଥଯାତ୍ରା କରି ଆସୁଛନ୍ତି ବୋଲି ଜଣାଉଛନ୍ତି । ପୁରୀ ମୁକ୍ତିମଣ୍ଡପ ସଭାପତି ବିଶ୍ୱନାଥ ମିଶ୍ର ଏହି ଅଦିନିଆ ରଥଯାତ୍ରା ନ କରାଯିବା ପାଇଁ ମତ୍ତ ଦେଇଛନ୍ତି ଏବଂ ତାଙ୍କ ବାର୍ତ୍ତା ରେ ଏହା ମହାପ୍ରଭୁଙ୍କ ସଂସ୍କୃତିକୁ ଅପମାନ ବୋଲି କହିଛନ୍ତି । ରବି ନାରାୟଣ ସାମନ୍ତରାୟ ଓ ବିନାୟକ ଦାସ ମହାପାତ୍ର ସେବାୟତ ଶ୍ରୀମନ୍ଦିର ପୁରୀ ତାଙ୍କ ବାର୍ତ୍ତା ରେ ଏପରି କରାଯିବା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଅପମାନ ଅଟେ ବୋଲି ଜଣାଇଛନ୍ତି ।

## ଦଶପଲ୍ଲା ଏସ୍‌ବିଆଇ ମ୍ୟାନେଜରଙ୍କ ବଦଳି

# ପ୍ରତିବାଦରେ ଭୁବନେଶ୍ୱର ମୁଖ୍ୟାଳୟ ଘେରାଉ

ଭୁବନେଶ୍ୱର, (ସବ୍ୟୁ) : ଦଶପଲ୍ଲା ଏସ୍‌ବିଆଇ ମ୍ୟାନେଜର ଅଜିତ କୁମାର ଆଚାର୍ଯ୍ୟଙ୍କ ବଦଳିକୁ ପ୍ରତିବାଦ କରି ଶତାଧିକ ଲୋକେ ସୋମବାର ଏସ୍‌ବିଆଇ ମୁଖ୍ୟାଳୟ ଘେରାଉ କରିବାକୁ ଆସିଥିଲେ । ମୁଖ୍ୟାଳୟର ବରିଷ୍ଠ ଅଫିସର ସେମାନଙ୍କୁ ଭେଟି ୫ଦିନ ସମୟ ନେଇଛନ୍ତି । ତଦନ୍ତ ସରିବା ପରେ କ'ଣ ପଦକ୍ଷେପ ନିଆଯିବ ତାହା କହିବେ ବୋଲି ଆନ୍ଦୋଳନକାରୀଙ୍କୁ କହିଛନ୍ତି ।



ଅଜିତ କୁମାର ଆଚାର୍ଯ୍ୟ ଦଶପଲ୍ଲା ଶାଖାକୁ ମାତ୍ର ୩ମାସ ତଳେ ଯାଇଥିଲେ । ବ୍ୟାଙ୍କରେ ବିଶୃଙ୍ଖଳିତ କାର୍ଯ୍ୟ ସାଙ୍ଗକୁ ଋଣ କାରବାର ଓ ଏସ୍‌ଏଚ୍‌ଜି ପରିଚାଳନାରେ ବ୍ୟତିକ୍ରମ ହୋଇଥିବା ଜାଣିବା ପରେ ସେ ସମସ୍ୟାକୁ ସୁଧାରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥିଲେ । ୨/୩ଜଣ ବିଶୃଙ୍ଖଳିତ କର୍ମଚାରୀଙ୍କ ଉପରେ ପଦକ୍ଷେପ ଗ୍ରହଣ କରିଥିଲେ । ସବୁ ସମସ୍ୟାକୁ ସଜାଡିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ବିରୋଧରେ କେତେକ କର୍ମଚାରୀ ଓ ନିର୍ଦ୍ଦିଷ୍ଟ କେତେକ ଗୋଷ୍ଠୀ ବିଭିନ୍ନ ପ୍ରକାର ଅଭିଯୋଗ ବାଢିଲେ । ତାଙ୍କ ଅଭିଯୋଗକୁ ସତ ଭାବି ଏସ୍‌ବିଆଇ ମୁଖ୍ୟାଳୟରୁ ଅଜିତଙ୍କ ବଦଳି ନିର୍ଦ୍ଦେଶ ହେଲା । ମାତ୍ର ୩ମାସ କାମ କରିଥିବା ଜଣେ ମ୍ୟାନେଜରଙ୍କ ହଠାତ୍ ବଦଳିକୁ ବହୁ ମହିଳା ଓ ଜମାକାରୀ ହଜମ କରିପାରିଲେ ନାହିଁ । ସେମାନେ ପ୍ରତିବାଦ କରି ଏସ୍‌ବିଆଇ ମୁଖ୍ୟାଳୟ ଭୁବନେଶ୍ୱରକୁ ଆସି ପ୍ରତିବାଦ କରିଥିଲେ । ସେମାନଙ୍କୁ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି ୫ଦିନ ମଧ୍ୟରେ ଅଭିଯୋଗ ବିଚାର କରାଯିବ ।

## ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୪ରେ

# ଯୋଗଦେଲେ ୧.୭୫ ଲକ୍ଷରୁ ଅଧିକ ପ୍ରତିଯୋଗୀ

ଭୁବନେଶ୍ୱର, (ସବ୍ୟୁ) : ଦୂରସଂଚାର ବିଭାଗ ଓ ସେଲ୍ୟୁଲାର ଅପରେଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ (ସିଓଏଆଇ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏସିଆର ସର୍ବବୃହତ ଟେଲିକମ୍, ମିଡିଆ ଓ ଟେକ୍ନୋଲୋଜି ଫୋରମ୍ ଅଷ୍ଟମ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) ୨୦୨୪ ୪ ଦିନିଆ ଫୋରମ୍ ରେ ୧.୭୫ ଲକ୍ଷରୁ ଅଧିକ ପ୍ରତିଯୋଗୀ ଯୋଗ ଦେଇ ସର୍ବବୃହତ୍ ଅଂଶଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍ ଘାଟନ କରି ନୈତିକ ଏଆଇ ଏବଂ ଡାଟା ଗୋପନୀୟତାରେ ବିଶ୍ୱସ୍ତରୀୟ ମାନଦଣ୍ଡ ପାଇଁ ଆହ୍ୱାନ ଦେଇଥିଲେ ଏବଂ ତାଙ୍କ ଉଦ୍ଘାଟନୀ ଭାଷଣରେ ବିଶ୍ୱ ପାଇଁ ୬ଜି ଟେକ୍ନୋଲୋଜିକୁ ଅଗ୍ରଗତି କରିବା ପାଇଁ ଭାରତର ବିପୁଳ ସୁଯୋଗ ଉପରେ ଆଲୋକପାତ କରିଥିଲେ । ଇଣ୍ଡିଆ ମୋବାଇଲ୍ କଂଗ୍ରେସ, ୨୦୨୪ର ସଫଳତା ସମ୍ପର୍କରେ ଇଣ୍ଡିଆ ମୋବାଇଲ୍ କଂଗ୍ରେସର ସିଇଓ ଶ୍ରୀ ରାମକୃଷ୍ଣ ପି କହିଛନ୍ତି, ଆଇଏମସି ୨୦୨୪ ଛଦ୍ଧ୩୯ଫ୍ୟୁଚର ଇଜ୍ ନାଓଦ୍ଧ୩୯ ଉପରେ ଫୋକସ୍ କରିବା ଅପେକ୍ଷା ଅଧିକ ଗୁରୁତ୍ୱ ବହନ କରିଥିଲା, ଯେଉଁଥିରେ ଅନେକ ବିଶୃଙ୍ଖଳାମୂଳକ ଉଦ୍ଭାବନ ଉପରେ ବିଚାର ବିନିମୟ ହୋଇଥିଲା ଏବଂ ଭବିଷ୍ୟତର ଅନେକ ଟେକ୍ନୋଲୋଜି ଉପରେ ଆକର୍ଷଣୀୟ ଆଲୋଚନା ହୋଇଥିଲା। ବର୍ଷ ବର୍ଷ ଧରି ଆଇଏମସିର ସଂଖ୍ୟା ବୃଦ୍ଧି ପାଇବା ଏକ ଭଲ ଅନୁଭୂତି ଥିଲା ଏବଂ ଆଇଏମସି ୨୦୨୪ ପରବର୍ତୀ ପିଢ଼ିର ଟେକ୍ନୋଲୋଜିରେ ପ୍ରଦର୍ଶନ ଏବଂ ସହଯୋଗ କରିବା ପାଇଁ ବିଶ୍ୱସ୍ତରୀୟ ନେତା, ଉଦ୍ଭାବକ ଏବଂ ଶିଳ୍ପ ବିଶେଷଜ୍ଞମାନଙ୍କୁ ଏକାଠି କରିଥିଲା । ଆଇଏମସି ୨୦୨୪ରେ ସର୍ବାଧିକ ୧.୭୫ ଲକ୍ଷରୁ ଅଧିକ ଉପସ୍ଥିତି ଦେଖି ଆମେ ଆନନ୍ଦିତ ଏବଂ ଆମର ଅଂଶୀଦାର, ପ୍ରଦର୍ଶକ, ସମଗ୍ର ବିଶ୍ୱରୁ ପ୍ରତିନିଧି ଏବଂ ଦୂରସଂଚାର ବିଭାଗକୁ ସେମାନଙ୍କର ନିରନ୍ତର ମାର୍ଗଦର୍ଶନ ଏବଂ ସମର୍ଥନ ପାଇଁ ଧନ୍ୟବାଦ ଦେବାକୁ ଚାହୁଁଛୁ।

# ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ବିକ୍ଷୋଭ

ଖୋର୍ଦ୍ଧା, (ସବ୍ୟୁ): ୧୧ଦଫା ଦାବିରେ ନିଖିଳ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘ ଖୋର୍ଦ୍ଧା ଜିଲ୍ଲା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟରତ ସମସ୍ତ କର୍ମଚାରୀ ମାନଙ୍କୁ ନୂତନ କମ୍ପାନୀରେ ନିଯୁକ୍ତି ଦିଆଯାଉ। କାର୍ଯ୍ୟ ସଠିକ ସମୟ ଓ ପାରିଶ୍ରମିକ ନିର୍ଦ୍ଧାରଣ, ଓଭରଡ୍ୟୁଟି କରୁଥିବା



କର୍ମଚାରୀଙ୍କ ଏକ ଘଂଟାକୁ ପାରିଶ୍ରମିକ ନିର୍ଦ୍ଧାରଣ କରାଯାଉ। ଠିକା ସଂସ୍ଥାରୁ ମୁକ୍ତ କରାଯାଇ ନିୟମିତ, ୧୨ଘଂଟାର କାର୍ଯ୍ୟକୁ ୧୨ ଘଂଟା ପାରିଶ୍ରମିକ, ବାର୍ଷିକ ଦରମା ବୃଦ୍ଧି, ମୃତକଙ୍କ ପାଇଁ ଅନୁକମ୍ପାମୂଳକ ରାଶି ୨୦ଲକ୍ଷ ଏବଂ ଅକର୍ମଣ୍ୟ ହେଲେ ୧୦ଲକ୍ଷ ଟଙ୍କା ରାଶି ପ୍ରଦାନ କରାଯାଉ। ବିନା କାରଣରେ ଛଟେଇ ବନ୍ଦ, ଠିକା ସଂସ୍ଥା କୌଣସି କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପୂର୍ବରୁ ମହାସଂଘ ସହ ଆଲୋଚନା କରି ପଦକ୍ଷେପ ନିଅନ୍ତୁ। ଜନତାଙ୍କ ଆକ୍ରୋଶର ଶୀକାର ହେଲେ ଆଇନତଃ କାର୍ଯ୍ୟାନୁଷ୍ଠାନ, ଆମ୍ବୁଲାନ୍ସ କର୍ମଚାରୀଙ୍କ ସୁରକ୍ଷା କିଟ, ବିଶ୍ରାମ ଓ ଖାଇବା ସୁବିଧା ସହ ଶୌଚାଳୟ ବ୍ୟବସ୍ଥା, ୧୦୨ ଜନନୀ ଡ୍ରାଇଭରଙ୍କୁ ସ୍ୱତନ୍ତ୍ର ଭତାରୁ ବଂଚିତ ନକରି ୧୦୮ ର ସମାନ ସୁବିଧା ସୁଯୋଗ ଦିଆଯାଉ, ୨ଶହ ରୁ ଉର୍ଦ୍ଧ୍ୱ ୧୦୮ ଆମ୍ବୁଲାନ୍ସ ଅଚଳ ହୋଇ ପଡିଥିବାରୁ ନୂତନ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ସଂଘ ଦାବି କରିଛି । ଦାବି ଗୁଡିକ ତୁରନ୍ତ ସମାଧାନ କରାନଗଲେ ଆସନ୍ତା ୩୦ ତାରିଖରେ ଜିପିଏସ ବନ୍ଦ କରି ରୋଗୀ ସେବା କରାଯିବ। ନଭେମ୍ବର ପହିଲାରୁ ରୋଗୀ ସେବା ବନ୍ଦ ରଖି ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ପଲ୍ଲୀ ପ୍ରତିଭା ସାହିତ୍ୟ ସଂସ୍କୃତି ସଂସଦ ବାର୍ଷିକୋତ୍ସବ

# ଶିକ୍ଷୟିତ୍ରୀ ବନିତା ପତିଙ୍କୁ ପଲ୍ଲୀ ପ୍ରତିଭା ସମ୍ମାନ

କଟକ, (ସ୍ୱପ୍ର) : ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦର ଦ୍ୱିତୀୟ ବାର୍ଷିକୋତ୍ସବ ଓ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ପରମହଂସ ସଫିପୁର ସ୍ଥିତ ମା କୋଚିଲେଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷୟତ୍ରୀ ବନିତା ପତିଙ୍କୁ ପଲ୍ଲୀ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏଥିରେ ଶିକ୍ଷୟତ୍ରୀ ଶ୍ରୀମତୀ ପତିଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ, ଉତ୍ତରୀୟ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷୟତ୍ରୀ ଶ୍ରୀମତୀ ପତି ଶିକ୍ଷାଦାନ କରିବା ସହିତ ବିଭିନ୍ନ ପଲ୍ଲୀ କବିତା, ପ୍ରବନ୍ଧ ଲେଖିବା ସହିତ ଜଣେ ସୁନାମଧନ୍ୟା ପାଲା ଗାୟିକାଭାବେ ସୁପରିଚିତ ଅଟନ୍ତି । କାର୍ଯ୍ୟକ୍ରମରେ ଅତିଥିଭାବେ ଇଂ ସୌଦାଗର ବେହେରା, ଡାକ୍ତର ଦେବାଶିଷ ଜେଠୀ, କୈଳାସ ଚନ୍ଦ୍ର ଜେନା, ଅଶ୍ୱିନୀ ସେଠୀ, ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ, ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ, ସରୋଜୀନି ମିଶ୍ର, ଡକ୍ଟର ସନ୍ତୋସ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉନ୍ନତି କାମନା




କରିବା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରଶଂସା କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଅତିଥିଭାବେ ଡକ୍ଟର ନିରଞ୍ଜନ ସାହୁ, ଉତ୍କଳ ସାହିତ୍ୟ ସମାଜ ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ, କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଡକ୍ଟର ପ୍ରତିଭା ମହାରଥୀ, ପ୍ରଜ୍ଞା ଆଚାର୍ଯ୍ୟ, ସଭାପତି ଚୈତନ୍ୟ ରାଉତ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯିବା ସହ କବିତା ପାଠ, ଅନୁଷ୍ଠାନର ମୁଖପତ୍ର ଉନ୍ମୋଚନ ଆଦି ଅନେକ କାର୍ଯ୍ୟକ୍ରମ କରାଯାଇଥିଲା ।

# ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବର ସାଂସ୍କୃତିକ ସନ୍ଧ୍ୟା



ଭୁବନେଶ୍ୱର(ସବ୍ୟୁ): ବାପୁଜୀନଗର ସ୍ଥିତ ସମ୍ପୂର୍ଣ୍ଣା ଲେଡିଜ୍ କ୍ଲବ ଗଠନ ହେବା ସହ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଗଜଲକ୍ଷ୍ମୀ ପୂଜାମଣ୍ଡପରେ ଅନୁଷ୍ଠିତ ଉତ୍ସବକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଉଦଘାଟନ କରିଥିଲେ । ଇତିଶ୍ରୀ ଦାଶ ସଭାପତି, ନୃସିଂହପ୍ରିୟା ମିଶ୍ର ଉପ ସଭାପତି ଓ ସ୍ମିତା ମହାନ୍ତି ସାଧାରଣ ସମ୍ପାଦିକା ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବାପୁଜୀନଗରର କୁନି କୁନି ପିଲା ଓ କ୍ଲବ୍ ସଦସ୍ୟାମାନଙ୍କ ଦ୍ୱାରା ନୃତ୍ୟ, ସଂଗୀତ ସହ ପାରମ୍ପରିକ ପୋଷାକରେ 'ଫ୍ୟାଶନ ଶୋ' ଆୟୋଜିତ ହୋଇଥିଲା । ସାଂସ୍କୃତିକ ସମ୍ପାଦିକା ଅଲିଭା ଦାସ ଓ ଉପ-ସମ୍ପାଦିକା ମାଧୁରୀ ପଟ୍ଟନାୟକ ପରିଚାଳନା କରିଥିଲେ । ବାପୁଜୀନଗର ନାଗରିକ କମିଟି ତଥା ଗଜଲକ୍ଷ୍ମୀ ପୂଜା କମିଟି ସଦସ୍ୟ ଆଶିଷ ପଟ୍ଟନାୟକ, ଅମର ନାରାୟଣ ଦାସ ଓ ବିଶ୍ୱଜିତ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜେନେରେଟିଭ ଏଆଇକୁ ଗୁରୁତ୍ୱପୂର୍ଣ୍ଣ ବିଚାର କରନ୍ତି ୯୯% ଭାରତୀୟ

ଭୁବନେଶ୍ୱର, (ସବ୍ୟୁ): ଭାରତରେ ୩୦୦ରୁ ଅଧିକ ସି-ସୁଟ୍ ଲିଡରଙ୍କୁ ନେଇ କରାଯାଇଥିବା ଏକ ସର୍ଭେ, ସେଲ୍‌ସଫୋର୍ସ ସର୍ଭେରେ ଆଗାମୀ ବର୍ଷଗୁଡିକରେ ବ୍ୟବସାୟର ସଫଳତା ପାଇଁ ଜେନେରେଟିଭ ଏଆଇର ମହତ୍ତ୍ୱ ଉପରେ ମଜବୁତ ସହମତି ପ୍ରକାଶ ପାଇଛି। ସର୍ଭେରେ ସାମିଲ ୯୯% ଉତରଦାତା ଜେନେରେଟିଭ ଏଆଇକୁ ଏକ ଗୁରୁତ୍ୱପୂର୍ଣ୍ଣ କାରକ ଭାବେ ଚିହ୍ନଟ କରିଛନ୍ତି, ଯାହା ଭାରତୀୟ କର୍ପୋରେଟ୍ କ୍ଷେତ୍ର ମଧ୍ୟରେ ଏଆଇ-ଚାଳିତ ରୂପାନ୍ତରଣ ଦିଗରେ ଏକ ପ୍ରମୁଖ ପରିବର୍ତ୍ତନକୁ ହାଇଲାଇଟ୍ କରୁଛି। ଏହି ସର୍ଭେର ଫଳାଫଳ ସୂଚିତ କରୁଛି ଯେ, ବୃହତ ସଂସ୍ଥାଗୁଡିକରୁ ୬୦% ଲିଡରଙ୍କ ନିକଟରେ ଏକ ସୁପରିଭାଷିତ ଜେନେରେଟି ଏଆଇ ରଣନୀତି ରହିଥିବା ବେଳେ ୩୨% ଲିଡର ଏଭଳି ଏକ ରଣନୀତି ବିକଶିତ କରୁଛନ୍ତି। ଏହି ବର୍ଦ୍ଧିତ ପ୍ରତିବଦ୍ଧତା ବ୍ୟବସାୟଗୁଡିକ ପାଇଁ ପ୍ରତିଯୋଗିତାରେ ବଜାୟ ରହିବା ଲାଗି ଜେନେରେଟିଭ ଏଆଇ ଟେକ୍ନୋଲୋଜିଗୁଡିକୁ ଗ୍ରହଣ କରିବାର ତତ୍ପରତାକୁ ସୂଚିତ କରୁଛି। ଉତରଦାତାମାନେ ଜେନେରେଟିଭ ଏଆଇକୁ ଏକ ଶୀର୍ଷ ବ୍ୟବସାୟିକ ପ୍ରାଥମିକତା ଭାବେ ସ୍ଥାନିତ କରିଥିବା ବେଳେ ନିମ୍ନଲିଖିତ କାରକଗୁଡିକ ଏହାର ଗ୍ରହଣୀୟତାକୁ ପରିଚାଳନା କରୁଛନ୍ତି । ଦ୍ରୁତ, ଅଧିକ ବ୍ୟକ୍ତିଗତ ଅନୁଭୂତି ପାଇଁ ଗ୍ରାହକଙ୍କ ଆଶା (୫୬%) ରହିଛି। ଏହା ଉତ୍ପାଦକତା ଓ ଦକ୍ଷତାକୁ ୫୫% ବୃଦ୍ଧି କରୁଛି। ଜେନେରେଟିଭ ଏଆଇ ଟୁଲ୍‌ଗୁଡିକ ପାଇଁ କର୍ମଚାରୀଙ୍କ ମଧ୍ୟରେ ଚାହିଦା ୪୯% ରହିଛି। ଜେନେରେଟିଭ ଏଆଇକୁ ନେଇ ରହିଥିବା ଉତ୍ସାହ ସତ୍ତ୍ୱେ ଏହାର ଗ୍ରହଣୀୟତାକୁ ନେଇ ଏବେ ବି ଯଥେଷ୍ଟ ପ୍ରତିବନ୍ଧକ ରହିଛି। ଉକ୍ତ ଆହ୍ୱାନଗୁଡିକ ମଧ୍ୟରୁ ସି-ସୁଟ୍ ଲିଡରମାନେ ପ୍ରଗତିରେ ବାଧା ସୃଷ୍ଟି କରିପାରୁଥିବା କିଛି ଆହ୍ୱାନକୁ ଚିହ୍ନଟ କରିଛନ୍ତି ଯଥା ଉପଲବ୍ଧତା ଓ ଅନ୍ତର୍ଭୁକ୍ତୀକରଣ ସମସ୍ୟା (୩୮%), ଭୁଲ ବା ତ୍ରୁଟିପୂର୍ଣ୍ଣ ଫଳାଫଳକୁ ନେଇ ଚିନ୍ତା (୩୪%), ଅସମ୍ପୂର୍ଣ୍ଣ ଗ୍ରାହକ ଓ କମ୍ପାନୀ ତଥ୍ୟ (୩୨%) ଏବଂ ପରିଚାଳନା ନୀତିର ଅଭାବ (୩୦%) । ରୋଚକପୂର୍ଣ୍ଣ ଭାବେ ୭୩% ସି-ସୁଟ୍ ଅଧିକାରୀ ନିୟମିତ ଭାବେ କାର୍ଯ୍ୟରେ ଜେନେରେଟିଭ ଏଆଇକୁ ବ୍ୟବହାର କରୁଥିବା ଉଲ୍ଲେଖ କରିଛନ୍ତି। ଜେନେରେଟିଭ ଏଆଇର ସମ୍ଭାବ୍ୟ ପ୍ରଭାବଗୁଡିକୁ ପରୀକ୍ଷଣ କରିବା ସମୟରେ ୩୧% ସି-ସୁଟ୍ ଅଧିକାରୀ ବିଶେଷ କରି ଗ୍ରାହକ ସେବା କ୍ଷେତ୍ରରେ ଗ୍ରାହକଙ୍କ ସମ୍ମୁଖୀନ ହେଉଥିବା ଭୂମିକାଗୁଡିକରେ ଗୁରୁତ୍ୱପୂର୍ଣ୍ଣ ଲାଭକୁ ଚିହ୍ନଟ କରିଥିଲେ।

# ରେଜ୍ ଫାଉଣ୍ଡେସନ୍ ପକ୍ଷରୁ ବାତ୍ୟା ବିପନ୍ନଙ୍କୁ ଖାଦ୍ୟ ପୁଡ଼ିଆ ବଣ୍ଟନ

କଟକ, (ସ୍ୱପ୍ର): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ରେଜ୍ ଫାଉଣ୍ଡେସନ୍' ପକ୍ଷରୁ 'ଦାନା' ବାତ୍ୟାରେ ପ୍ରଭାବିତ କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ପଞ୍ଚାୟତ ଠାରେ ଅନୁଷ୍ଠାନର ଅଧ୍ୟକ୍ଷା ରଶ୍ମି ସାହୁଙ୍କ ତତ୍ତ୍ୱାବଧାନରେ ବାତ୍ୟା ପ୍ରପିଡ଼ୀତମାନଙ୍କୁ ଅତ୍ୟାବଶ୍ୟକ ଖାଦ୍ୟପୁଡ଼ିଆ ବଣ୍ଟନ କରାଯାଇଥିଲା । ଏହି ପଞ୍ଚାୟତ ଅନ୍ତର୍ଗତ କାଟଣାବଣିଆ ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀମାନଙ୍କୁ ଖାଦ୍ୟପୁଡ଼ିଆ ବଣ୍ଟନ କରାଯାଇଥିବାବେଳେ ଆଗାମୀ ଦିନରେ ଆବଶ୍ୟକ ପଡ଼ିଲେ ଆହୁରି ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଜିନିଷ ପ୍ରଦାନ କରିଯିବ ବୋଲି ଫାଉଣ୍ଡେସନ୍‌ର ସଂପାଦକ ଅଭିନାଶ ସିଂହ ପ୍ରକାଶ କରିଛନ୍ତି । ଏହି ଫାଉଣ୍ଡେସନ୍‌ର ସକ୍ରିୟ ସଦସ୍ୟ, ସଦସ୍ୟା ଯଥା ଶ୍ରୀହର ସିଂହ ରାଠୋର, ମୁନ୍‌ମୁନ୍ ମହାନ୍ତି, ରାଜୀବ ସିଂହ, ଜଗନ୍ନାଥ ଦାଶ, ବିଷ୍ଣୁ ପ୍ରଧାନ, ପ୍ରସନ୍ନ, ପ୍ରାଣକୃଷ୍ଣ, ବ୍ରଜ ପ୍ରମୁଖ ଚୁଡ଼ା, ଚିନି, ବିସ୍କୁଟ୍, ମୃଦୁ ପାନୀୟ, ମିନେରାଲ୍ ପାଣି ଏବଂ ଅନ୍ୟାନ୍ୟ ଉପକରଣ ମାନ ପ୍ରଦାନ କରିଥିଲେ । ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁବେଳେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ତା'ର ସାମାଜିକ ମୂଲ୍ୟବୋଧ ଭିତ୍ତିକ ସେବା ସହାୟତା ତା ସାଧ୍ୟମତେ କରିଚାଲିଛି। ମହାପ୍ରଭୁ ଜଗନ୍ନାଥ ଏପରି କାର୍ଯ୍ୟକ୍ରମ କରିବାକୁ ଆମ୍ଭ ଅନୁଷ୍ଠାନକୁ ଶକ୍ତି, ସାମର୍ଥ୍ୟ ପ୍ରଦାନ କରନ୍ତୁ ବୋଲି ଫାଉଣ୍ଡେସନର ପ୍ରତିଷ୍ଠାତା କହିଛନ୍ତି ।

# ପାକ୍ ଚେକ୍‌ପୋଷ୍ଟ ଉପରେ ଆତଙ୍କୀ ହମ୍‌ଲା

**ପେଶାୱର:** ପାକିସ୍ତାନରେ ଆତଙ୍କବାଦୀ ଘଟଣା ଥମିବାର ନାଁ ନେଉନାହିଁ । ପୁଣି ଥରେ ଉତ୍ତର-ପଶ୍ଚିମ ପାକିସ୍ତାନର ଅଶାନ୍ତ ଖୈବର ପଖ୍‌ତୁନଖୱା ପ୍ରଦେଶରେ ଫ୍ରଣ୍ଟିୟର କୋର ( ପାକିସ୍ତାନୀ ସୀମା ସୁରକ୍ଷା ବାହିନୀ)ର ଏକ ଚେକ୍ ପୋଷ୍ଟ ଉପରେ ଆକ୍ରମଣ ହୋଇଛି । ଫ୍ରଣ୍ଟିୟର କୋରର ଚେକ୍ ପୋଷ୍ଟଉପରେ ହୋଇଥିବା ଆକ୍ରମଣରେ ଜଣେ ସୁରକ୍ଷାକର୍ମୀ ସହିଦ ହୋଇଛନ୍ତି । ସୋମବାର ଏ ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ନିଷିଦ୍ଧ ସଂଗଠନ ଲସ୍କର-ଇ-ଇସଲାମ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି । ପୁଲିସ ସୂଚନା ଅନୁଯାୟୀ, ଆଫଗାନିସ୍ତାନ ସୀମାନ୍ତ ଖୈବର ଜିଲ୍ଲାର ତିରାହ ଉପତ୍ୟକାରେ ଥିବା ଏଫସି ଚେକ୍ ପୋଷ୍ଟରେ ରବିବାର ଏହି ଆକ୍ରମଣ ହୋଇଥିଲା । ଚିନ୍ତାର



ବିଷୟ ହେଉଛି ଖୈବର ପଖ୍‌ତୁନଖୱା ପ୍ରଦେଶରେ ଏପରି ଆତଙ୍କବାଦୀ ଆକ୍ରମଣ ବଢିଚାଲିଛି । ଗତ ଦୁଇଦିନ ମଧ୍ୟରେ ଆତଙ୍କବାଦୀ ଆକ୍ରମଣରେ ୧୫ ଜଣ ସୁରକ୍ଷାକର୍ମୀ ନିହତ ହୋଇଛନ୍ତି । ଲସ୍କର-ଇ-ଇସଲାମ ହେଉଛି ପାକିସ୍ତାନର ଖାଇବର ଜିଲ୍ଲା ଏବଂ ଆଫଗାନିସ୍ତାନର ପଡ଼ୋଶୀ ନାଙ୍ଗରହାର ପ୍ରଦେଶରେ ସକ୍ରିୟ ଥିବା ଏକ ଦେଓବନ୍ଦୀ ଜିହାଦୀ ଆତଙ୍କବାଦୀ ସଂଗଠନ । ଚଳିତ ବର୍ଷ ଏପ୍ରିଲ ୨୫ ତାରିଖରେ ଲସ୍କର-ଇ-ଇସଲାମ ମୁଖ୍ୟ ହାଜି ଆକବର ଆଫ୍ରିଦିଙ୍କୁ ଖୈବର ଜିଲ୍ଲାର ବରା ଅଞ୍ଚଳରେ ଅଜ୍ଞାତ ବନ୍ଧୁକଧାରୀମାନେ ହତ୍ୟା କରିଥିଲେ । ଲସ୍କର-ଇ-ଇସଲାମ ନିଜର ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଜଣାଶୁଣା । ବିଭିନ୍ନ ସମ୍ପ୍ରଦାୟକୁ ଭୟଭୀତ ଓ ଭୟଭୀତ କରିବାର ଏହି ସଂଗଠନର ଇତିହାସ ରହିଛି ।

## ଦିଲ୍ଲୀ ଷ୍ଟେସନରେ ପ୍ଲାଟଫର୍ମ ଟିକେଟ ବିକ୍ରି ବନ୍ଦ

**ନୂଆଦିଲ୍ଲୀ:** ନଭେମ୍ବର ୬ ଯାଏ ଦିଲ୍ଲୀର କେତେକ ପ୍ରମୁଖ ରେଳ ଷ୍ଟେସନରେ ପ୍ଲାଟଫର୍ମ ଟିକେଟ୍ ବିକ୍ରି ହେବ ନାହିଁ । ଦୀପାବଳି ଏବଂ ଛଟ୍ ପୂଜା ପାଇଁ ଲୋକମାନେ ନିଜ ନିଜ ରାଜ୍ୟକୁ ଯାଉଥିବାରୁ ଷ୍ଟେସନରେ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଏହି ନିୟମ ଲାଗୁ କରାଯାଇଛି । ଗତକାଲି ମୁମ୍ବାଇର ବାନ୍ଦ୍ରା ଟର୍ମିନସ୍ ରେଳ ଷ୍ଟେସନରେ ଦଳାଚକଟାରେ ୧୦ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ । ଏହାକୁ ଦୃଷ୍ଟିରେ ରଖି ଉତ୍ତର ରେଳୱେ ଏହି ନିଷ୍ପତ୍ତି ନେଇଛି । ଆସନ୍ତା ୬ ପର୍ଯ୍ୟନ୍ତ ପ୍ଲାଟଫର୍ମ ଟିକେଟ୍ ବିକ୍ରି ଉପରେ ରୋକ୍ ଲଗାଯାଇଛି । ପ୍ଲାଟଫର୍ମ ଟିକେଟ୍ ମିଳିବାକୁ ନ ଥିବା ଷ୍ଟେସନଗୁଡିକ ମଧ୍ୟରେ ନୂଆଦିଲ୍ଲୀ, ପୁରୁଣା ଦିଲ୍ଲୀ, ହାଜରତ ନିଜାମୁଦ୍ଦିନ, ଆନନ୍ଦ ବିହାର ଏବଂ ଦିଲ୍ଲୀ ସରାଇ ରୋହିଲ୍ଲା ରେଲୱେ ଷ୍ଟେସନ ରହିଛି । ଏହା ବ୍ୟତୀତ ଗାଜିଆବାଦ ରେଲୱେଷ୍ଟେସନରେ ମଧ୍ୟ ପ୍ଲାଟଫର୍ମ ଟିକେଟ୍ ବିକ୍ରି ହେବ ନାହିଁ । ଉତ୍ତର ରେଲୱେ କହିଛି ଯେ, ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିୟମ ଲାଗୁ କରାଯାଇଛି । ତଥାପି ବୃଦ୍ଧ, ପାଠ ପଢିନଥିବା ବ୍ୟକ୍ତି ଏବଂ ମହିଳା ଯାତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ ଯଦି କେହି ପ୍ଲାଟଫର୍ମ ଟିକେଟ୍ ମାଗନ୍ତି, ତେବେ ତାଙ୍କୁ




ମିଳିବ । ସେମାନଙ୍କୁ କଟକଣାରୁ ବାଦ୍ ଦିଆଯାଇଛି । ପ୍ରକାଶ ଥାଉକି, ଗତକାଲି ମୁମ୍ବାଇର ବାନ୍ଦ୍ରା ଟର୍ମିନସ୍ ରେଳ ଷ୍ଟେସନରେ ପ୍ରବଳ ଭିଡ଼ ହୋଇଥିଲା । ପାର୍ବଣ ଋତୁରେ ଲୋକମାନେ ନିଜ ନିଜ ସହରକୁ ଯାଉଥିବାରୁ ଷ୍ଟେସନରେ ଭିଡ଼ ହୋଇଥିଲା । ଫଳରେ ଦଳାଚକଟା ହୋଇ ୧୦ ଜଣ ଯାତ୍ରୀ ଆହତ ହୋଇଥିଲେ ।

## ବାନ୍ଦ୍ରା ଷ୍ଟେସନ୍‌ରେ ଦଳାଚକଟା

**ମୁମ୍ବାଇ:** ମୁମ୍ବାଇର ବାନ୍ଦ୍ରା ଷ୍ଟେସନରେ ଗତକାଲି ଦଳାଚକଟା ହୋଇ ଅଘଟଣା ଘଟିଥିବା ବେଳେ ଦିନକ ପରେ ସିସିଟିଭି ଫୁଟେଜ୍ ହସ୍ତଗତ ହୋଇଛି । ଦୀପାବଳି ଭିଡ ଭିତରେ ଚଳନ୍ତା ଟ୍ରେନରେ ଚଢିବାକୁ ଉଦ୍ୟମ କରିବାରୁ ଅଘଟଣ ଘଟି ଅତିକମରେ ୧୦ ଜଣ ଲୋକ ଆହତ ହୋଇଛନ୍ତି । ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଛି ଅନେକ ଯାତ୍ରୀ ସେମାନଙ୍କ ବ୍ୟାଗ୍ ଧରି ଏକାସହ ଟ୍ରେନରୁ ଚିବକୁ ଉଦ୍ୟମ କରିବା ବେଳେ ଏହି ଦଳାଚକଟା ଉପୁଜିଥିଲା । ବାନ୍ଦ୍ରା ଟର୍ମିନାସରେ ପ୍ଲାଟଫର୍ମର ନଂ ୧ର ଏକ ସିସିଟିଭି କ୍ୟାମେରାରୁ ସୁରକ୍ଷା ଫୁଟେଜରେ ଦର୍ଶାଯାଇଛି ଯେ ଟ୍ରେନରେ ଚଢ଼ିବାକୁ ଚେଷ୍ଟା କରୁଥିବା ବେଳେ ଅନେକ ଯାତ୍ରୀ ନିଜର ଜୋତା, ଚପଲ ହରାଇଛନ୍ତି । ଏହାସହ ଯେପରି ପ୍ରକାରେ ଟ୍ରେନରେ ଚଢ଼ିବାକୁ ଚେଷ୍ଟା କରିବା ବେଳେ ଅନେକ ଲୋକ ଠେଲାପେଲାରେ ପଛକୁ ବି ପଳାଇ ଆସୁଛନ୍ତି । ରାତି ୨ଟାରୁ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମରେ ଲୋକଙ୍କ ଭିଡ ଜମିଥିଲା । ରାତି ୨ଟା ୨୫ରେ ବାନ୍ଦ୍ରାରୁ ଗୋରଖପୁର ଯାଉଥିବା ଏକ୍ସପ୍ରେସ୍ ଟ୍ରେନ ଷ୍ଟେସନରେ ଲାଗିବା ପରେ ସ୍ଥିତି ଅସମ୍ଭାଳ ହୋଇଗଲା । ଟ୍ରେନରେ ଚଢିବାକୁ ଧସ୍ତାଧସ୍ତି, ଠେଲାପେଲାରୁ ଆରମ୍ଭ ହୋଇଥିଲା ଦଳାଚକଟା ।

## ଏନ୍‌କାଉଣ୍ଟରରେ ଆତଙ୍କବାଦୀ ମୃତ

**ନୂଆଦିଲ୍ଲୀ:** ଜମ୍ମୁ-କାଶ୍ମୀରର ଅଖ୍ନୁର୍ କ୍ଷେତ୍ରରେ ଜଣେ ଆତଙ୍କବାଦୀଙ୍କୁ ସୁରକ୍ଷାକର୍ମୀମାନେ ହତ୍ୟା କରିବାରେ ସଫଳ ହୋଇଛନ୍ତି । ସମ୍ପୃକ୍ତ ଆତଙ୍କବାଦୀର ମର ଶରୀର ସହ ଅନେକ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଛି । ସୂଚନା ଅନୁଯାୟୀ ଜମ୍ମୁ ସ୍ଥିତ ସେନା ପକ୍ଷରୁ ଏହି ଅପରେସନ୍ କରାଯାଇଥିଲା । ଆତଙ୍କବାଦୀମାନେ ଗୋଟିଏ ସ୍ଥାନରେ ରହୁଥିବାର ଖବର ପାଇ ଏହି ଅପରେସନ୍ ହୋଇଥିଲା । ସେମାନେ ୩ ଜଣ ଥିଲେ ବୋଲି କୁହାଯାଉଛି । ଅପରେସନ୍ ଚାଲିଥିବାବେଳେ ଆତଙ୍କବାଦୀଙ୍କ ପକ୍ଷରୁ ସେନାର ଆମ୍ବୁଲାନ୍ସ ଉପରେ ପ୍ରଥମେ ଗୁଳି ଚାଳନା କରାଯାଇଥିଲା । ଯାହା ଫଳରେ ଅନେକ କ୍ଷତି ହୋଇଥିଲା । ପ୍ରାୟ ସକାଳ ୬.୩୦ରେ ଏହି ଘଟଣା ଘଟିଥିଲା । ଏହାପରେ ନିକଟସ୍ଥ ଜଙ୍ଗଲରେ ସେନା ପକ୍ଷରୁ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା । ଆତଙ୍କବାଦୀମାନେ ଏକ ବେସ୍‌ମେଣ୍ଟରେ ଥିବାର ସୂଚନା ମିଳିଥିଲା । ସେନାର ସ୍ୱତନ୍ତ୍ର ଫୋର୍ସ ଓ ଏନ୍‌ଏସ୍‌ଜି ପକ୍ଷରୁ ମିଳିତ ଅପରେସନ୍ କରାଯାଇ ଅପରାହ୍ନ



୨.୪୫ରେ ଗୁଳି ଚାଳନା କରାଯାଇଥିଲା । ଗୋଟିଏ ହେଲିକାପ୍ଟର ମଧ୍ୟ ତଦାରଖ ପାଇଁ ବ୍ୟବହାର ହୋଇଥିଲା । ଅକ୍ଟୋବର ୨୪ରେ ଏଠାରେ ସେନା ଉପରେ ଗୁଳି ଚାଳନା କରାଯାଇଥିଲା । ଯେଉଁଥିରେ ୪ ଜଣଙ୍କର ମୃତ୍ୟୁ ଘଟିଥିଲା । ସେଥିମଧ୍ୟରେ ୩ ଯବାନ ଥିଲେ । ଜଣେ ଆତଙ୍କବାଦୀ ଆହତ ହୋଇଥିଲେ । ଜମ୍ମୁ-କାଶ୍ମୀର ଆତଙ୍କବାଦୀ ଓମର ଅବଦୁଲ୍ଲା ଏହାକୁ ଗୁରୁତ୍ୱର ଚିନ୍ତାଜନକ ଘଟଣା ବୋଲି ବର୍ଣ୍ଣନା କରିଥିଲେ ।

## ରୋଡ୍ ଶୋ’ କଲେ ମୋଦି

**ଗାନ୍ଧୀନଗର:** ସୋମବାର ଦିନ ବଡ଼ୋଦରାରେ ପହଞ୍ଚିଛନ୍ତି ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ । ଏହି ଅବସରରେ ଗୁଜରାଟର ବଡ଼ୋଦରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ରୋଡ୍ ସୋ’ କରିଥିବାର ନଜର ଆସିଛନ୍ତି । ବଡ଼ୋଦରା ପ୍ରଧାନମନ୍ତ୍ରୀଙ୍କ ସହ ସ୍ପେନ ପ୍ରଧାନମନ୍ତ୍ରୀ ପେଡ୍ରୋ ସାଞ୍ଚେଜ୍ ମଧ୍ୟ ରୋଡ ସୋ’ କରୁଛନ୍ତି । ଦୁଇ ରାଷ୍ଟ୍ରନେତାଙ୍କୁ ସ୍ୱାଗତ ପାଇଁ ସଜେଇ ହୋଇଛି ବଡ଼ୋଦରା ସହର । ରାସ୍ତାର ଦୁଇପଟେ ଦୁଇ ରାଷ୍ଟ୍ରନେତାଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମିଛି । ମୋଦୀଙ୍କ ଗସ୍ତକୁ ଆଖିରେ ରଖି ବଦୋଦରାରେ କଡା ସୁରକ୍ଷାର ବନ୍ଦୋବସ୍ତ କରାଯାଇଛି । ଗସ୍ତ ଅବସରରେ ଦେଶର ପ୍ରଥମ ମିଲିଟାରି ଏୟାରକ୍ରାଫ୍ଟ କାରଖାନା, ଟାଟା ଏୟାରକ୍ରାଫ୍ଟ କଂପ୍ଲେକ୍ସର ଉଦଘାଟନ କରିବେ ମୋଦୀ । ଏଥିରେ ସ୍ପେନ ଓ ଭାରତ ମିଳିତ ଭାବେ ମିଲିଟାରି ଏୟାରକ୍ରାଫ୍ଟ ସି- ୨୯୫ର ନିର୍ମାଣ କରିବେ । ଗସ୍ତ ଅବସରରେ ମୋଦୀ ଅମରେଲି ଜିଲ୍ଲାରେ ୪ହଜାର ୮ଶହ କୋଟିର ପ୍ରକଳ୍ପ ଗୁଜୁରାଟକୁ ଦୀପାବଳି ଭେଟି ଦେବେ । ୧୬ ଶହ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

## ବମ୍ବିହା ଗ୍ୟାଙ୍ଗ ସକ୍ରିୟ: ବ୍ୟବସାୟୀଙ୍କୁ ଟାର୍ଗେଟ୍

**ମୁମ୍ବାଇ:** ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପରେ ଏବେ ରାଜଧାନୀ ଦିଲ୍ଲୀରେ ଏଣ୍ଟ୍ରି କରିଛି ତା’ର ବିରୋଧୀ ଗ୍ୟାଙ୍ଗ ବମ୍ବିହା । ଦିଲ୍ଲୀର ଜଣେ ବ୍ୟବସାୟୀଙ୍କ ଘର ଉପରକୁ ହୋଇଛି ଆଖିବୁଜା ଗୁଳିମାଡ଼ । ଏହାପରେ ଗ୍ୟାଙ୍ଗର ଶୁଟର୍ମାନେ ଘଟଣାସ୍ଥଳରେ ଏକ ନୋଟ୍ ଛାଡ଼ି ଫେରାର ହୋଇଯାଇଛନ୍ତି । ବମ୍ବିହା ଗ୍ୟାଙ୍ଗର ସୁଟରମାନେ ଏହି ଗୁଳିମାଡ଼ କରିଥିବା ସୂଚନା ମିଳିଛି ।

ସୂଚନା ମୁତାବକ, ଦିଲ୍ଲୀର ରାଣୀ ବାଗ ଅଞ୍ଚଳରେ ଜଣେ ଜଣାଶୁଣା ବ୍ୟବସାୟୀଙ୍କ ଘର ବାହାରେ ବାମ୍ବିହା ଗ୍ୟାଙ୍ଗର କିଛି ଲୋକେ ଗୁଳିମାଡ଼ କରିଛନ୍ତି । ଦୁଇ ଜଣ ବ୍ୟାକ୍ତି ବାଇକରେ ଆସି ଘର ବାହାରେ ପ୍ରାୟ ୬ ରୁ ୭ ରାଉଣ୍ଡ ଗୁଳି ଚଳାଇଥିଲେ । ସୂଚନା ମିଳିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଯାଞ୍ଚ



ବେଳେ ଘଟଣାସ୍ଥଳରୁ ଏକ ନୋଟ୍ ଜବତ ହୋଇଛି । ଏଥିରେ ବମ୍ବିହା ଗ୍ୟାଙ୍ଗର କୌଶଳ ଚୌଧୁରୀ ଏବଂ ପାୱାର ଶୌକିନଙ୍କ ନାଁ ଲେଖାଅଛି । ତେବେ ଏହି ମାମଲାକୁ ନେଇ ବର୍ତ୍ତମାନ ସୁଦ୍ଧା ଟଙ୍କା ତଥା ବଟି ମାଗିବା ନେଇ କୌଣସି ଫୋନ୍ କଲ୍ ଆସିନାହିଁ । ଶନିବାର ଏହି ଘଟଣା ଘଟିଛି । ବର୍ତ୍ତମାନ ପୁଲିସ ପୂରା ମାମଲାର ତଦନ୍ତ ଜାରି ରଖିଛି । ୨୦୧୦ରେ ବମ୍ବିହା ଗ୍ୟାଙ୍ଗ ଆରମ୍ଭ ହୋଇଥିଲା । ଏହି ଗ୍ୟାଙ୍ଗର ନେତା ଦବିନ୍ଦର ଜଣେ ଲୋକପ୍ରିୟ କବାଡି ଖେଳାଳି ଥିଲେ । କିନ୍ତୁ ପରେ ହତ୍ୟା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ ଜେଲରେ ରଖାଯାଇଥିଲା । ଜେଲରେ ହିଁ ଦବିନ୍ଦର ବାମ୍ବିହା ନାଁରେ ପ୍ରସିଦ୍ଧ ହେଲେ ଏବଂ ସେ ଅନେକ ଗ୍ୟାଙ୍ଗଷ୍ଟରଙ୍କ ସହିତ ପରିଚିତ ହେଲେ । କେବଳ ସେତିକି ନୁହେଁ ତାଙ୍କ ଠାରୁ ଟ୍ରେନିଂ ମଧ୍ୟ ପାଇଲେ । ଏହା ପରେ ସେ ବାମ୍ବିହା ଗ୍ୟାଙ୍ଗର ନେତା ପାଲଟିଗଲେ ।

ତେବେ ୨୦୧୬ରେ ପଞ୍ଜାବ ପୁଲିସ ଦବିନ୍ଦର ଓରଫ ବମ୍ବିହାକୁ ଏନକାଉଣ୍ଟର ସମୟରେ ହତ୍ୟା କରିଥିଲା । ଦବିନ୍ଦରଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ତାଙ୍କ ଗ୍ୟାଙ୍ଗ ସକ୍ରିୟ ଅଛି । ଏହି ଗ୍ୟାଙ୍ଗକୁ ଗୌରବ ପଟିଆଲା ଓରଫ ଲକି ଓ ସୁଖପ୍ରୀତ ସିଂହ ବୁଡ୍‌ହ ଚଳାଉଛନ୍ତି । ସିଦ୍ଧୁ ମୋସେୱାଲାଙ୍କ ମୃତ୍ୟୁ ପରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏବଂ ବମ୍ବିହା ଗ୍ୟାଙ୍ଗ ମଧ୍ୟରେ ଶତ୍ରୁତା ଆରମ୍ଭ ହୋଇଥିଲା ।

## ତିରୁପତି ଇସ୍କନ ମନ୍ଦିରକୁ ବୋମା ଧମକ

**ତିରୁପତି:** ପାକିସ୍ତାନର ଆଇଏସଆଇ ଆତଙ୍କବାଦୀମାନେ ମନ୍ଦିରକୁ ଉଡ଼ାଇ ଦେବା ନେଇ ଧମକ ମିଳିଥିଲା । ଆନ୍ଧ୍ରପ୍ରଦେଶର ତିରୁପତି ଇସ୍କନ ମନ୍ଦିରକୁ ବୋମା ଧମକ । ମନ୍ଦିରକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ନିକଟରେ ଲଗାତାର ଭାବେ ଭାରତୀୟ ବିମାନକୁ ବୋମା ଧମକ ମିଳିବା ପରେ ଦୁଇ ଦିନ ହେବ ପ୍ରସିଦ୍ଧ ହୋଟେଲଗୁଡିକୁ ଏପରି ଧମକପୂର୍ଣ୍ଣ ଇମେଲ୍ କରା ଯାଉଥିଲା । ଏହାରି ମଧ୍ୟରେ ତିରୁପତିର ପ୍ରସିଦ୍ଧ ଇସ୍କନ ମନ୍ଦିରକୁ ବୋମା ଧମକ ମିଳିଛି । ପୁଲିସର ସୂଚନାନୁସାରେ, ଇସ୍କନ ମନ୍ଦିରର କର୍ମଚାରୀମାନେ ଅକ୍ଟୋବର ୨୭ରେ ଏକ ଇମେଲ ପାଇଥିଲେ, ଯେଉଁଥିରେ ପାକିସ୍ତାନର ଆଇଏସଆଇ ଆତଙ୍କବାଦୀମାନେ ମନ୍ଦିରକୁ ଉଡ଼ାଇ ଦେବାକୁ ଧମକ ଦେଇଥିଲେ । ତୁରନ୍ତ ଏନେଇ ସେମାନେ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୁଲିସ ବୋମା ନିଷ୍କ୍ରିୟ ସ୍କ୍ୱାଡ୍ ଏବଂ



ଡଗ୍ ସ୍କ୍ୱାଡ୍ ଟିମକୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲା । ମନ୍ଦିରରେ ବ୍ୟାପକ ସର୍ଚ୍ଚ ଅପରେସନ୍ କରାଯାଇଥିଲା । କିନ୍ତୁ ମନ୍ଦିରରୁ ସେପରି କୌଣସି ବିସ୍ଫୋରକ ସାମଗ୍ରୀ କିମ୍ବା ଅନ୍ୟ ଆପତ୍ତିଜନକ ଜିନିଷ ମିଳି ନାହିଁ । କେହି ଜାଣିଶୁଣି ଏପରି ଆତଙ୍କ ସୃଷ୍ଟି କରୁଥିବା ସନ୍ଦେହ କରାଯାଉଛି । ଏହାପୂର୍ବରୁ ଅକ୍ଟୋବର ୨୬ରେ ମଧ୍ୟ ତିରୁପତିର ଦୁଇଟି ପ୍ରତିଷ୍ଠିତ ହୋଟେଲକୁ ବୋମା ଧମକ ମିଳିଥିଲା । ତଦନ୍ତ ପରେ କୌଣସି ସାମଗ୍ରୀ ମିଳିନଥିଲା । କେହି ମିଛ ରିପୋର୍ଟ ଦେଇ ଆତଙ୍କ ସୃଷ୍ଟି କରୁଥିବା ସନ୍ଦେହ କରାଯାଉଛି । ଭାରତୀୟ ବିମାନ ଏବଂ ହୋଟେଲଗୁଡିକୁ ମଧ୍ୟ ଲଗାତାର ଭାବେ ଏପରି ଆତଙ୍କ ସୃଷ୍ଟିକାରୀ କଲ୍ ଓ ମେସେଜ୍ ମିଳୁଛି ।

## ଫିଲିପାଇନ୍ସରେ ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼: ୧୩୬ ମୃତ



**ମାନିଲା:** ଫିଲିପାଇନ୍ସରେ ତାଣ୍ଡବ ରଚିଲା ଘୂର୍ଣ୍ଣିଝଡ଼ ଟ୍ରାମି । ପ୍ରବଳ ବର୍ଷା ସହ ପବନ ହୋଇଛି । ଘୂର୍ଣ୍ଣିଝଡ଼ ପରେ ଏଠି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏଥିରେ ୧୩୮ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ୪୦ ଜଣ ନିଖୋଜ ଅଛନ୍ତି । କେବଳ ସେତିକି ନୁହେଁ ଭୂସ୍ଖଳନ ମଧ୍ୟ ହୋଇଛି । ଏଥିଯୋଗୁ ଅନେକ ଘର କ୍ଷତିଗ୍ରସ୍ତ ହୋଇଛି ।

ଫିଲିପାଇନ୍ସର ରାଷ୍ଟ୍ରପତି ଶନିବାର କହିଛନ୍ତି ଯେ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଅନେକ ଅଞ୍ଚଳ ପହଞ୍ଚିବା କଷ୍ଟକର ହୋଇପଡିଛି । ଯେଉଁଥିପାଇଁ ଲୋକମାନେ ସେଠାରେ ଅଟକି ରହିଛନ୍ତି । ଶୁକ୍ରବାର ଉତ୍ତର-ପଶ୍ଚିମ ଦିଗରୁ ଟାଇଫୁନ୍ ’ଟ୍ରାମି’ ଫିଲିପାଇନ୍ସରେ ମାଡ଼ ହୋଇଥିଲା । ଫଳରେ ପୂରା ଅଞ୍ଚଳରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ଘୂର୍ଣ୍ଣିଝଡ଼ ଯୋଗୁ ପ୍ରାୟ ୪୨ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ସେହିପରି ଘୂର୍ଣ୍ଣିଝଡ଼ ଯୋଗୁ ୫ ଲକ୍ଷ ଲୋକ ସହର ଛାଡି ପଳାୟନ କରିଛନ୍ତି । ସେମାନେ ଭିନ୍ନ ଭିନ୍ନ ଅଞ୍ଚଳରେ ଶରଣ ନେଇଛନ୍ତି । ନିଖୋଜ ଲୋକଙ୍କ ସନ୍ଧାନ ଜାରି ରହିଛି । ପୁଲିସ, ଅଗ୍ନିଶମ ବାହିନୀ ଏବଂ ସେନା କର୍ମଚାରୀମାନେ ସନ୍ଧାନୀ କୁକୁରଙ୍କ ସାହାଯ୍ୟରେ ଭୂସ୍ଖଳନର ଆବର୍ଜନା ତଳେ ପୋତି ହୋଇଥିବା ଲୋକଙ୍କୁ ଖୋଜାଖୋଜି ଜାରି ରଖିଥିବା ଦେଶର ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ କହିଛନ୍ତି । ଟାଇଫୁନ୍ ଟ୍ରାମି ଚଳିତ ବର୍ଷ ଦକ୍ଷିଣ ପୂର୍ବ ଏସୀୟ ଦ୍ୱୀପପୁଞ୍ଜରେ ମାଡ଼ ହୋଇଥିବା ସବୁଠାରୁ ଘାତକ ତଥା ବିନାଶକାରୀ ଝଡ଼ ମଧ୍ୟରୁ ଗୋଟିଏ । ଟ୍ରାମି ଯୋଗୁ ପ୍ରବଳ ସହ ପବନ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ଏଥିସହ ତୁହାକୁ ତୁହା ବର୍ଷା ମାଡ଼ ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏବେବି ଅନେକ ଲୋକ ପାଣି ଘେରରେ ଅଛନ୍ତି । ସେମାନଙ୍କୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

### ପ୍ରଧାନମନ୍ତ୍ରୀଙ୍କ ଗଣେଶ ପୂଜା ବିବାଦ

# ମୁହଁ ଖୋଲିଲେ ସିଜେଆଇ

**ନୂଆଦିଲ୍ଲୀ:** ଆଉ କିଛି ଦିନ ପରେ ସିଜେଆଇ ଜଷ୍ଟିସ ଚନ୍ଦ୍ରଚୂଡ଼ ଅବସର ନେବେ । ଏହାର କିଛି ଦିନ ପୂର୍ବରୁ ସେ ବିବାଦକୁ ନେଇ ମୁହଁ ଖୋଲିଛନ୍ତି । ସେ କହିଛନ୍ତି, ଏପରି ଉତ୍ସବକାଳୀନ ଗସ୍ତ ବେଳେ ନ୍ୟାୟପାଳିକା ପ୍ରସଙ୍ଗରେ ଆଲୋଚନା ହୋଇ ନଥାଏ । ଗସ୍ତକୁ ନେଇ ସୃଷ୍ଟି ହେଉଥିବା ବିବାଦକୁ ସେ ଅଯଥା ଓ ତର୍କହୀନ ବୋଲି ଅବିହିତ କରିଛନ୍ତି ।

ସିଜେଆଇଙ୍କ କହିବା କଥା ଯେ ରାଜନୀତିକ କାର୍ଯ୍ୟନିର୍ବାହୀ ମୁଖ୍ୟମାନେ କେବଳ ସାମାଜିକ କାର୍ଯ୍ୟକ୍ରମରେ ବିଚାରପତିମାନଙ୍କ ଘରକୁ ଯାଆନ୍ତି । କିନ୍ତୁ ନ୍ୟାୟପାଳିକାର ସ୍ୱାଧୀନତା ଏତେ ଗଭୀର ଯେ କେବେ ହେଲେ ନ୍ୟାପାଳିକା ପ୍ରସଙ୍ଗରେ ଆଲୋଚନା ହୋଇ ନଥାଏ । ମୁଖ୍ୟ ବିଚାରପତି, ପ୍ରଧାନ ବିଚାରପତି ଓ ବିଚାରପତିମାନଙ୍କ ଘରକୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ସାମାଜିକ କାର୍ଯ୍ୟକ୍ରମ ଯଥା- ପିଲାମାନଙ୍କ ବାହାର ଭଳି ଉତ୍ସବ ପାଇଁ ଯାଆନ୍ତି । କିନ୍ତୁ ସେମାନେ କେବେ ବି ବିଚାରପତିଙ୍କ ସହ ନ୍ୟାୟପାଳିକା ପ୍ରସଙ୍ଗରେ କଥା ହୋଇଥିବା ମୁଁ ଜାଣି ନାହିଁ ବୋଲି ସେ କହିଛନ୍ତି ।

ଲୋକସତ୍ତା ବାର୍ଷିକ କାର୍ଯ୍ୟକ୍ରମରେ ସିଜେଆଇଙ୍କୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗଣେଶ



ପୂଜା ଗସ୍ତକୁ ନେଇ ପ୍ରଶ୍ନ କରାଯାଇଥିଲା । ଏହାର ଜବାବରେ ସିଜେଆଇ କହିଛନ୍ତି, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ମଧ୍ୟରେ ଏପରି ବୈଠକ ନିୟମିତ ହୋଇଥାଏ ଓ ହେବା କଥା । ଲୋକମାନେ ଭାବୁଛନ୍ତି ଏପରି ମିଟିଂ କାହିଁକି? ଆମର ରାଜନୀତିକ ବ୍ୟବସ୍ଥାର ପରିପକ୍ୱତା ହେଉଛି ଯେ ରାଜନୀତିକ ବିବାଦ ସତ୍ତ୍ୱେ ନ୍ୟାୟପାଳିକା ପ୍ରତି ସମସ୍ତଙ୍କ ସମ୍ମାନ ରହିଛି । ଏହା ସମସ୍ତଙ୍କୁ ଜଣା ଅଛି । ନ୍ୟାୟପାଳିକାର ବଜେଟ ସରକାରଙ୍କ ପାଖରୁ ଆସେ । ଏହି ବଜେଟ ବିଚାରପତିମାନଙ୍କ ପାଇଁ ନୁହେଁ । ଆମକୁ ନୂଆ କୋର୍ଟ ବିଲଡିଂ ଆବଶ୍ୟକ । ଜିଲ୍ଲା ସ୍ତରରେ ବିଚାରପତିମାନଙ୍କର ନୂଆ ବାସଭବନ ଦରକାର । ଏଥିପାଇଁ ମୁଖ୍ୟ ବିଚାରପତି ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବୈଠକ ଜରୁରୀ ବୋଲି ସେ କହିଛନ୍ତି । ପ୍ରଧାନ ବିଚାରପତି ଆହୁରି କହିଛନ୍ତି ଯେ ସେ ପୂର୍ବରୁ ଆହ୍ଲାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ରହିଥିଲେ । ଏ ସମ୍ପର୍କରେ ସିଜେଆଇ କହିଛନ୍ତି, ଯେତେବେଳେ ମୁଖ୍ୟ ବିଚାରପତି ନିଯୁକ୍ତ ହୁଅନ୍ତି, ସେ ମୁଖ୍ୟମନ୍ତ୍ରୀଙ୍କ ଘରକୁ ଯାଆନ୍ତି । ଏହାପରେ ମୁଖ୍ୟମନ୍ତ୍ରୀ ମଧ୍ୟ ମୁଖ୍ୟ ବିଚାରପତିଙ୍କ ଘରକୁ ଆସନ୍ତି । ଏହି ମିଟିଂ ଗୁଡ଼ିକ ଗୋଟିଏ ଏଜେଣ୍ଡା ପ୍ରସ୍ତୁତ କରନ୍ତି । କହିବାକୁ ଗଲେ, ରାଜ୍ୟରେ ୧୦ଟି ପ୍ରକଳ୍ପ ହେବାକୁ ଯାଉଛି । ଏହାର ଭିତ୍ତିଭୂମି ଓ ବଜେଟ କ’ଣ? ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ଗୁଡ଼ିକ ଜମିଜମା କଥା ସୂଚିତ କରନ୍ତି । ଏଥିପାଇଁ କ’ଣ ଆପଣ ମିଟିଂ କରିବେ ନାହିଁ? ଯଦି ଏସବୁ ଚିଠିରେ ହେବ, ତା’ହେଲେ କାମ କେବେ ବି ଶେଷ ହେବ ନାହିଁ । ଆମ ରାଜନୀତିକ ବ୍ୟବସ୍ଥା ବେଶ ପରିପକ୍ୱ । ଏହି ସବୁ ମିଟିଂ ବେଳେ ମୁଖ୍ୟମନ୍ତ୍ରୀ କେବେ ବି ପଡ଼ି ରହିଥିବା ମାମଲା ସମ୍ପର୍କରେ ପଚାରନ୍ତି ନାହିଁ । ଯଦି ଅଗଷ୍ଟ ୧୪ ଓ ଜାନୁଆରୀ ୨୬ରେ ଗୋଟିଏ ବାହାଘର କିମ୍ବା ଶ୍ରଦ୍ଧାଞ୍ଜଳୀ ସଭା ହେବ, ତା’ହେଲେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ବିଚାରପତି ପରସ୍ପରକୁ ଭେଟି ପାରିବେ । ଏହା ନ୍ୟାୟପାଳିକା କାମରେ ବାଧା ସୃଷ୍ଟି କରିପାରିବ ନାହିଁ । ଲୋକମାନେ ପଚାରୁଛନ୍ତି କ’ଣ ଡିଲ ହୋଇଥିଲା? ଏହା କେବଳ ଗୋଟିଏ ସକାରାତ୍ମକ ଆଲୋଚନା ଛଡ଼ା ଆଉ କିଛି ନୁହେଁ ।

## ଦ.ଆଫ୍ରିକା ବିପକ୍ଷ ଟି-୨୦ ମ୍ୟାଚ

# ଗମ୍ଭୀରଙ୍କ ସ୍ଥାନ ନେବେ ଭିଭିଏସ୍ ଲକ୍ଷ୍ମଣ



ମୁମ୍ବାଇ,୨୮।୧୦ (ଏଜେନ୍ସି): ଆସନ୍ତା ୮ ତାରିଖରୁ ଦ.ଆଫ୍ରିକା ବିପକ୍ଷରେ ଭାରତ ୪ ମ୍ୟାଚ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଯାଉଛି । ଏହି ସିରିଜ୍ ପାଇଁ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଦଳ ସହ ଆଫ୍ରିକା ଗସ୍ତ କରିବେ ନାହିଁ । ତାଙ୍କ ସ୍ଥାନରେ ଭିଭିଏସ୍ ଲକ୍ଷ୍ମଣ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ । ସୂଚନା ଅନୁଯାୟୀ ବର୍ଡର-ଗାଭାସ୍କର ଟ୍ରଫି ପାଇଁ ଭାରତୀୟ ଟେଷ୍ଟ ଦଳ ସହିତ ଗମ୍ଭୀର ଅଷ୍ଟ୍ରେଲିଆ ଗସ୍ତରେ ଯିବେ । ଦ.ଆଫ୍ରିକାରେ ଭାରତ ନଭେମ୍ବର ୮,୧୦,୧୩ ଓ ୧୫ ତାରିଖରେ ୪ଟି ଟି-୨୦ ମ୍ୟାଚ ଖେଳିବ । ଏହି ୪ଟି ମ୍ୟାଚ ଡର୍ବାନ, ଗାବେରା, ସେଞ୍ଚୁରିଅନ୍ ଏବଂ ଜୋହାନ୍ସବର୍ଗରେ ଅନୁଷ୍ଠିତ ହେବ । ବେଙ୍ଗାଲୁରୁର ନ୍ୟାସନାଲ କ୍ରିକେଟ୍ ଏକାଡେମୀରେ କାର୍ଯ୍ୟ କରୁଥିବା ସହଯୋଗୀ ଷ୍ଟାଫ୍ ଅନ୍ୟ କୋଚ ଲକ୍ଷ୍ମଣଙ୍କ ସହ ଦ.ଆଫ୍ରିକା ଗସ୍ତ କରିବେ । ଏଥିପାଇଁ ୧୫ ଜଣିଆ ଦଳ ଘୋଷଣା କରାଯାଇଛି । ଏହାର ନେତୃତ୍ୱ ନେବେ ସୂର୍ଯ୍ୟ କୁମାର ଯାଦବ ।

## ପିସିବି ସହ ମତଭେଦ

# କୋଚ ପଦ ଛାଡିଲେ ଗ୍ୟାରୀ କିର୍ଷ୍ଟନ



ଲାହୋର,୨୮।୧୦ (ଏଜେନ୍ସି): ପାକିସ୍ତାନ କ୍ରିକେଟରେ ବିବାଦ ଲାଗି ରହିଛି । ୨୦୧୧ରେ ଭାରତକୁ ଦିନିକିଆ ବିଶ୍ୱ ବିଜେତା କରାଇଥିବା ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ଖେଳାଳି ଗ୍ୟାରି କର୍ଷ୍ଟନ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି । ପିସିବି ତାଙ୍କୁ ସୀମିତ ଓଭର କ୍ରିକେଟର କୋଚ୍ କରିଥିଲା । ମାତ୍ର ୬ ମାସ ବି ସେ ଦଳରେ ରହିପାରିନଥିଲେ ଏବଂ ଶେଷରେ ସେ ପଦ ଛାଡିବାକୁ ନିଷ୍ପତ୍ତି ନେଇଛନ୍ତି । କର୍ଷ୍ଟେନ ପାକିସ୍ତାନ କ୍ରିକେଟ୍ ବୋର୍ଡର ଆଭିମୁଖ୍ୟରେ ଅସନ୍ତୁଷ୍ଟ ଥିଲେ ଏବଂ ଏହାକୁ ନେଇ ଅସନ୍ତୋଷ ମଧ୍ୟ ପ୍ରକାଶ କରିଥିଲେ । କ୍ରିକଇନଫୋର ସୂଚନା ଅନୁଯାୟୀ ପାକିସ୍ତାନ ଦିନିକିଆ ଓ ଟି-୨୦ ଦଳର ମୁଖ୍ୟ ପ୍ରଶିକ୍ଷକ ପଦରୁ ଗ୍ୟାରି ଇସ୍ତଫା ଦେଇଛନ୍ତି । ଚଳିତ ବର୍ଷ ଏପ୍ରିଲରେ ପିସିବି ଦୁଇ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ ମଧ୍ୟ ଏହାକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା । ଗ୍ୟାରୀ ମାତ୍ର ୬ ମାସ ପାଇଁ ପାକିସ୍ତାନ ଦଳର କୋଚ୍ ଭୂମିକା ନିର୍ବାହ କରିବାରେ ସକ୍ଷମ ହୋଇଥିଲେ । ଅଷ୍ଟ୍ରେଲିଆରେ ପାକିସ୍ତାନ ଦିନିକିଆ ଶୃଙ୍ଖଳାର ସପ୍ତାହକ ପୂର୍ବରୁ ସେ ଇସ୍ତଫା ଦେଇଥିଲେ । ପାକିସ୍ତାନ ଟେଷ୍ଟ ଦଳର କୋଚ୍ ଗିଲେସ୍ପି ଏବଂ ପିସିବି ସହ ମତଭେଦ କାରଣରୁ କର୍ଷ୍ଟେନ୍ ନିଜ ପଦ ଛାଡ଼ିଥିଲେ ।

### କିର୍ଷ୍ଟନଙ୍କ ପ୍ରଶିକ୍ଷଣରେ ପାକିସ୍ତାନର ପ୍ରଦର୍ଶନ

ଆଇପିଏଲ୍ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟାନ୍ସଠାରୁ ପୃଥକ ହେବା ପରେ ଗ୍ୟାରୀ କିର୍ଷ୍ଟନଙ୍କୁ ଏପ୍ରିଲ ୨୮, ୨୦୨୪ରେ ଦୁଇ ବର୍ଷ ପାଇଁ ପାକିସ୍ତାନ କ୍ରିକେଟ୍ ଦଳର ସୀମିତ ଓଭର ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଥିଲା ପିସିବି । କିର୍ଷ୍ଟନ୍ କୋଚ୍ ହେବା ପରେ ପରେ ଆୟର୍ଲାଣ୍ଡ ବିପକ୍ଷରେ ୨-୧ରେ ଟି୨୦ ସିରିଜ୍ ଜିତିଥିଲା ପାକିସ୍ତାନ । ଏହାପରେ ଇଂଲଣ୍ଡ ବିପକ୍ଷ ଟି୨୦ ସିରିଜକୁ ୦-୨ରେ ହାରିବା ସହ ଜୁନ୍ ମାସରେ ୱେଷ୍ଟଇଣ୍ଡିଜ୍ ଏବଂ ଆମେରିକାରେ ଆୟୋଜିତ ଟି୨୦ ବିଶ୍ୱକପରେ ସୁପର-୮କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଥିଲା ଦଳ । ପାକିସ୍ତାନର ଏଭଳି ପ୍ରଦର୍ଶନ ପାଇଁ ଦଳର ମୁଖ୍ୟ ପ୍ରଶିକ୍ଷକ ଥିବା କିର୍ଷ୍ଟନଙ୍କୁ ମଧ୍ୟ ଖୁବ୍ ସମାଲୋଚନାର ସାମ୍ନା କରିବାକୁ ପଡ଼ିଥିଲା ।

### ନୂଆ କୋଚ୍ ନିଯୁକ୍ତ କଲା ପିସିବି

ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏହାର ଅଫିସିଆଲ୍ ସୋଶାଲ୍ ମିଡିଆ ଆକାଉଣ୍ଟ୍ ଏକ୍ସ'ରେ ଲେଖିଛି ଯେ ଗ୍ୟାରୀ କିର୍ଷ୍ଟନ୍ ତାଙ୍କ ଇସ୍ତଫା ପତ୍ର ଦାଖଲ କରିଛନ୍ତି, ଯାହା ଗ୍ରହଣ କରାଯାଇଛି । ଏହା ବ୍ୟତୀତ ଅଷ୍ଟ୍ରେଲିଆ ଗସ୍ତ ପାଇଁ ନୂଆ କୋଚ୍ ମଧ୍ୟ ଘୋଷଣା କରିଛି ବୋର୍ଡ । ପିସିବି ଲେଖିଛି, 'ଜାସନ୍ ଗିଲ୍ସପି ଆସନ୍ତା ମାସରେ ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ ପାଇଁ ପାକିସ୍ତାନ ପୁରୁଷ କ୍ରିକେଟ୍ ଦଳର କୋଚ୍ ହେବେ ।

## ଅରୁଣାଚଳ ବିପକ୍ଷ ରଣଜୀ ମ୍ୟାଚ

# ଆଉ ଏକ ରେକର୍ଡ କଲେ ଅଗ୍ନୀ ଚୋପ୍ରା

ମୁମ୍ବାଇ,୨୮।୧୦ (ଏଜେନ୍ସି): ସୁପର ହିଟ୍ ବଲିଉଡ ଫିଲ୍ମ ୩ ଇଡିୟଟର ପ୍ରଯୋଜକ ବିଧୁ ବିନୋଦ ଚୋପ୍ରାଙ୍କ ପୁଅ ଅଗ୍ନି ରଣଜୀ ଟ୍ରଫିରେ ନିଜ ଜଲୱା ଜାରି ରଖିଛନ୍ତି । ସେ ମିଜୋରାମ ପାଇଁ ରଣଜୀ ମୁକାବିଲାରେ ପୁଣି ଗୋଟିଏ ଡବଲ ଟନ ହାସଲ କରିଛନ୍ତି । ଏହା ତାଙ୍କ କ୍ରିକେଟର କ୍ୟାରିୟରର କ୍ରମାଗତ ଦ୍ୱିତୀୟ ଡବଲ ସେଞ୍ଚୁରୀ । ସେ ମଣିପୁର ବିପକ୍ଷରେ ୨୬୯ ବଲରେ ୨୧୮ ରନର ଇନିଂସ ଖେଳିଛନ୍ତି । ତାଙ୍କ ଡବଲ ଟନ ବଳରେ ମିଜୋରାମ ତା'ର ପ୍ରଥମ ଇନିଂସରେ ବିଶାଳ ୫୩୬ ରନ କରିଛି । ଅରୁଣାଚଳ ପ୍ରଦେଶ ବିପକ୍ଷରେ ଅଗ୍ନି ପ୍ରଥମ ଇନିଂସରେ ୧୧୦ ଓ ଦ୍ୱିତୀୟ ଇନିଂସରେ ଅପରାଜିତ ୨୩୮ ରନର ଇନିଂସ ଖେଳିଥିଲେ । ମିଜୋରାମ ଏହି ମ୍ୟାଚକୁ ୨୬୭ ରନରେ ବିଜୟୀ ହୋଇଥିଲା । ଅଗ୍ନି ପୂର୍ବରୁ ମୁମ୍ବାଇ ପାଇଁ ଅଣ୍ଡର ୧୯ ଓ ଅଣ୍ଡର ୨୩ କ୍ରିକେଟ ଖେଳିଥିଲେ । ହେଲେ ୨୫ ବର୍ଷୀୟ ଅଗ୍ନିଙ୍କୁ ତାଙ୍କ କୋଚ କୁଶପ୍ରୀତ ସିଂହ ଆଉ ଏକ ରାଜ୍ୟରୁ ଖେଳିବାକୁ ପରାମର୍ଶ ଦେଇଥିଲେ । ଏହାପରେ ସେ ମିଜୋରାମ ପାଇଁ ରଣଜୀ ଖେଳି ଚାଲିଛନ୍ତି । ରଣଜୀ ଟ୍ରଫି ପ୍ଲେଟ ଲିଗରେ ଦମଦାର ଫର୍ମରେ ଥିବା ଅଗ୍ନି ଚଳିତ ବର୍ଷ ଜାନୁଆରୀ ମାସରେ ପ୍ରଥମ ବ୍ୟାଟର ଭାବେ ନିଜର ପ୍ରଥମ ୪ ରଣଜୀ ମ୍ୟାଚର ପ୍ରଥମ ଇନିଂସରେ ୪ଟି ଶତକ ହାସଲ କରିଥିଲେ । ଏପରି ରେକର୍ଡ କରିବାରେ ସେ ପ୍ରଥମ ବ୍ୟାଟର ବନିଥିଲେ । ସେ ୨୦୨୩-୨୪ର ପ୍ରଥମ ୪ ରଣଜୀ ମ୍ୟାଚରେ ଯଥାକ୍ରମ ୧୦୫ ଓ ୧୦୧, ୧୧୪ ଓ ୧୦, ୧୬୪ ଓ ୧୫ ଏବଂ ୧୧୬ ଓ ୯୨ ରନର ଇନିଂସ ଖେଳିଥିଲେ । ତାଙ୍କ ବ୍ୟାଟିଂ ହାର ୯୫.୮୭ ରହିଥିଲା । ୪ ମ୍ୟାଚରେ ୪ ଶତକ ହାସଲ କରିବା ରେକର୍ଡ ମଧ୍ୟ ଡନ ବ୍ରାଡମ୍ୟାନଙ୍କ ନାଁରେ ନାହିଁ ।



# ଇମର୍ଜିଂ ଏସିଆ କପ୍ ଜିତିଲା ଆଫଗାନିସ୍ତାନ

କଲମ୍ବୋ,୨୮।୧୦ (ଏଜେନ୍ସି): ଆଫଗାନିସ୍ତାନ ପ୍ରଥମଥର ପାଇଁ ଏସିସି ପୁରୁଷ ଇମର୍ଜିଂ ଏସିଆ କପ୍ ଚାମ୍ପିଅନ୍ ହୋଇଛି । ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ଶ୍ରୀଲଙ୍କା ୧୩୩ ରନ୍ କରିଥିଲା । ଏହାର ଜବାବରେ ଆଫଗାନିସ୍ତାନ କେବଳ ୧୮.୧ ଓଭରରେ ଲକ୍ଷ୍ୟ ହାସଲ କରି ଇତିହାସ ରଚିଛି । ଓମାନରେ ଇମର୍ଜିଂ ଏସିଆ କପ୍ ଖେଳାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ଆଫଗାନିସ୍ତାନ ଓ ଶ୍ରୀଲଙ୍କା ଏ ମଧ୍ୟରେ ଖେଳାଯାଇଥିଲା । ଆଫଗାନିସ୍ତାନ ଏ ଦଳ ଏହି ମ୍ୟାଚକୁ ୭ ୱିକେଟ୍‌ରେ ଜିତି ନେଇଛି । ଉଲ୍ଲେଖଥାଉକି ଦ୍ୱିତୀୟ ସେମିଫାଇନାଲରେ ଭାରତକୁ ହରାଇ ଆଫଗାନିସ୍ତାନ ଫାଇନାଲରେ ପ୍ରବେଶ କରିଥିଲା । ଶ୍ରୀଲଙ୍କା ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଶ୍ରୀଲଙ୍କା ୭ ୱିକେଟ୍ ହରାଇ ୧୩୩ ରନ୍ କରିଥିଲା । ଆଫଗାନିସ୍ତାନ ଦଳ ୧୮.୧ ଓଭରରେ ୩ ୱିକେଟ୍ ହରାଇ ଟାର୍ଗେଟ୍ ହାସଲ କରିନେଇଥିଲା ।



# ଆଇପିଏଲ: ଏଥର ମେଗା ଅକ୍ସନରେ ସାମିଲ ହେବେ ରାହୁଲ

ମୁମ୍ବାଇ,୨୮।୧୦ (ଏଜେନ୍ସି): ଆସନ୍ତା ୨୦୨୫ ଆଇପିଏଲ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି ଲକ୍ଷ୍ନୌ ସୁପର ଜିଆଣ୍ଟସ ବା ଏଲଏସଜି । ମେଗା ଅକ୍ସନ ପୂର୍ବରୁ ଫ୍ରାଞ୍ଚାଇଜ ବଡ଼ ନିଷ୍ପତ୍ତି ନେଇଛି । ଅକ୍ସନ ପୂର୍ବରୁ ଖେଳାଳି ରିଟେନ ଓ ରିଲିଜର ଶେଷ ତାରିଖ ହେଉଛି ଅକ୍ଟୋବର ୩୧ ରହିଛି । କିନ୍ତୁ ଏହାପୂର୍ବରୁ ଲକ୍ଷ୍ନୌ କେଏଲ ରାହୁଲଙ୍କୁ ରିଲିଜ କରି ଦେଇଥିବା ଜଣାପଡ଼ିଛି । ଏହାର ଅର୍ଥ ରାହୁଲ ଏଥର ମେଗା ଅକ୍ସନରେ ସାମିଲ ହେବେ । ଫ୍ରାଞ୍ଚାଇଜ ରାହୁଲଙ୍କୁ ରିଲିଜ କରିଥିବା ବେଳେ ୩ ଜଣ ଖେଳାଳିଙ୍କୁ ରଖିବାକୁ ନିଷ୍ପତ୍ତି ନେଇଛି । ସେମାନେ ହେଲେ ନିକୋଲ୍ସ ପୂରନ, ମୟଙ୍କ ଯାଦବ ଓ ରବି ବିଷ୍ଣୋଇ । ଖାଲି ସେତିକି ନୁହେଁ, ୨୦୨୫ରେ ପୂରନ ହିଁ ଏଲଏସଜିର ନେତୃତ୍ୱ ନେବେ ବୋଲି ଖବର ପ୍ରକାଶ ପାଇଛି । ପୂରନ ନିଜର ପାୱାର ହିଟିଂ ବ୍ୟାଟିଂ ପାଇଁ ବେଶ ଜଣାଶୁଣା । ସେ ୱିକେଟ କିପିଂ ମଧ୍ୟ କରିବାକୁ ସକ୍ଷମଛ ଅବସରର କିଛି ଦିନ ପୂର୍ବରୁ 'ପ୍ରଧାନମନ୍ତ୍ରୀଙ୍କ ଗଣେଶ ପୂଜା' ବିବାଦକୁ ନେଇ ମୁହଁ ଖୋଲିଲେ ସିଜେଆଇ ଅବସରର କିଛି ଦିନ ପୂର୍ବରୁ 'ପ୍ରଧାନମନ୍ତ୍ରୀଙ୍କ ଗଣେଶ ପୂଜା' ବିବାଦକୁ ନେଇ ମୁହଁ ଖୋଲିଲେ ସିଜେଆଇ ଗତବର୍ଷ କେଏଲ ରାହୁଲଙ୍କ ଅନୁପସ୍ଥିତିରେ ପୂରନ କିଛି ମ୍ୟାଚରେ କ୍ୟାପଟେନ୍ସ ଭାର ସମ୍ଭାଳିଥିଲେ । ସେ ୱେଷ୍ଟଇଣ୍ଡିଜ ଟିମର ନେତୃତ୍ୱ ନେବାର ଅଭିଜ୍ଞତା ରଖିଛନ୍ତି । ତେଣୁ ଏହାକୁ ଲକ୍ଷ୍ନୌ ଆଇପିଏଲରେ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି ।



ପୂରନଙ୍କ ବ୍ୟତୀତ ସ୍ପିଡଷ୍ଟର ମୟଙ୍କ ଯାଦବ ଓ ଲେଗ ସ୍ପିନର ରବି ବିଷ୍ଣୋଇଙ୍କୁ ମଧ୍ୟ ଲକ୍ଷ୍ନୌ ନିଜ ପାଖରେ ରଖିବ ବୋଲି ଫ୍ରାଞ୍ଚାଇଜର ଜଣେ ଅଧିକାରୀ ନିଜ ନାଁ ଗୋପନ ରଖି ସୂଚନା ଦେଇଛନ୍ତି । ୨୦୨୩ରେ ଏଲଏସଜି ୧୬ କୋଟି ଟଙ୍କାରେ ପୂରନଙ୍କୁ କିଣିଥିଲା । ସେହି ବର୍ଷ ସେ ଲିଗର ସବୁଠାରୁ ଦାମୀ ଖେଳାଳି ରହିଥିଲେ । ପୂରନ ୨୯ ବର୍ଷ ବୟସ୍କ ପୂରନ ୨୦୧୭ରେ ମୁମ୍ବାଇକୁ ୩୦ ଲକ୍ଷ ଟଙ୍କାରେ ଆସିଥିଲେ । ଏହାପରେ ସେ ହାଇଦ୍ରାବାଦ ଓ ଶେଷରେ ୧୬ କୋଟି ଟଙ୍କାରେ ଲକ୍ଷ୍ନୌ ସହ ରହିଛନ୍ତି । ଏହି ୩ ଖେଳାଳିଙ୍କ ବ୍ୟତୀତ ଲକ୍ଷ୍ନୌ ବାମହାତୀ ଦ୍ରୁତ ବୋଲର ମୋହସିନ ଖାନ ଓ ମଧ୍ୟକ୍ରମ ବ୍ୟାଟର ଆୟୁଷ ବଦୋନିଙ୍କୁ ମଧ୍ୟ ରିଟେନ କରିପାରେ ।

MAA GOURI JEWELLERS
An ISO-9001:2015 Certified Jewellery
HAPPY DIWALI
Happy Dhanteras
Deals in 916/22K Huid Halmark Gold Available here.
Plot No.: N5-259/E, Indradhanu Market, IRC Village, BBSR-15
Mob. : 9438004290, 7008078823
laxmidharsubudhi1975@gmail.com www.maagourijewellwers.com

## ଝାଡ଼ଖଣ୍ଡ ନିର୍ବାଚନ

# ଧୋନି ବ୍ରାଣ୍ଡ ଆମ୍ବାସାଡ଼ର

ରାଞ୍ଚି,୨୮।୧୦ (ଏଜେନ୍ସି): ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ମହେନ୍ଦ୍ର ସିଂ ଧୋନିଙ୍କୁ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ କରାଯାଇଛି । ଲୋକପ୍ରିୟ କ୍ରିକେଟ୍‌ର ଧୋନି ନିର୍ବାଚନ ଆୟୋଗଙ୍କ ସଚେତନତା ଅଭିଯାନର ଅଂଶବିଶେଷ ହେବେ । କମିଶନରଙ୍କ ସଚେତନତା କାର୍ଯ୍ୟକ୍ରମରେ ଧୋନିଙ୍କ ଫଟୋ ବ୍ୟବହାର କରାଯିବ । ଅଧିକରୁ ଅଧିକ ସଂଖ୍ୟାରେ ଭୋଟରଙ୍କୁ ମତଦାନ ସାବ୍ୟସ୍ତ କରିବାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଧୋନିଙ୍କ ଯୋଗଦାନ ବେଶ ଫଳପ୍ରଦ ହେବ ବୋଲି ଆଶା କରାଯାଇଛି ।

ଶୁଭେଚ୍ଛା ବାର୍ତ୍ତା
इंडियन ऑयल Indian Oil
'ସମୟ'ର ୨୮ତମ ସ୍ୱନକ୍ଷତ୍ର ତଥା ପବିତ୍ର ଶାରଦୀୟ ପୂଜା ଅବସରରେ କେନ୍ଦୁଝର ଜିଲ୍ଲାର ସମସ୍ତ ଜନସାଧାରଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ ।
ଅଶୋକ ରାଜପଥ ସର୍ଭିସ
ଇଣ୍ଡିଆନ ଅଏଲ ଡିଲର
ଶାଳପଡ଼ା, କେନ୍ଦୁଝର- ୭୫୮୦୨୦ ମୋ.: ୯୯୩୭୫୨୩୫୦୭
ଆପଣଙ୍କର ଟିକିଏ ହସ, ଆମର ଶ୍ରେଷ୍ଠ ପାରିଶ୍ରମିକ

KEONJHAR DISTRICT TRUCK OWNER'S ASSOCIATION
AT./P.O. : KEONJHAR-758001 (ODISHA)
Regd. No. 18935/18 1984-85
E-mail: kdtoakjr@gmail.com
We not only run Trucks ............
We run an Economy.
AND
PROVIDES TO THE SOCIETY :

- Two bedded special Cabin at District Head Quarter Hospital.
- Special Cabin at Ghasipura, Barapada & Hatadihi P.H.C., 2 nos of Special Cabin at Barpada & Haraichandanpur P.H.C.
- 7 Nos. of ambulance 24 Hours served from Dist. Head Quarter, Anandapur, Patna, Barapada, Hatadihi & Telkoi area.
- Corpse Carrying - 2 Nos. of MAHAYATRA Vehicle at Keonjhar & Anandapur Area.
- 3 Nos. of Crain Service (For Keonjhar & Anandapur Area)
- Drinking water supply through overhead tank at Dhenkikote.
- Maa Tarini Kalyan Mandap at Ghatgaon & Jhadeswar Kalyan Mandap at Ghasipura.
- Service provided during natural calamities.
- Purified Drinking Water facility provided for General People in-front of KDTOA Office.
- Purified Drinking Water facility provided for Advocates & General People inside the BAR Association, Keonjhar.
- Purified Drinking Water facility provided for General People at Sri Baladev Jew Temple, Old Town Keonjhar
- Purified Drinking Water facility provided for General People at Dhenkikote, Deogaon & Hatadihi.
- Indoor Game facilities for our members has been providing within association campus.
- Providing financial assistance for medical treatment & death case to our Members.
- Financial assistance for development of mines affected area at Suakati, Keonjhar
- Financial Aid for medical treatment to Poor people & many more



Mr. Padmalochan Sahoo
President



Mr. Pradeep Kumar Barik
General Secretary

EXECUTIVE BODY MEMBERS
1. Mr. Sunil Kumar Barik 2. Mr. Sushanta Giri 3. Mr. Tapan Kumar Barik 4. Mr. Debaprasad Prusty 5. Mr. Bijay Kumar Barik 6. Mr. Bikash Kumar Jena 7. Mr. Pratap Chandra Sahoo 8. Mr. Anirudha Sahoo 9. Mr. Manoranjan Sahoo 10. Mr. Kulamani Sahoo 11. Mr. Bibhuranjan Palei 12. Mr. Rabindra Kumar Puhan 13. Mr. Subrat Kuanr 14. Mr. Uttam Kumar Khatua 15. Mr. Dillip Kumar Bal

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି